୬ ଇଂଲଣ୍ଡକୁ ୬ ୱିକେଟ୍‌ରେ ହରାଇଲା ଭାରତ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୬୫ ● ୧୫ ଜୁଲାଇ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-165 ● 15th July 2026, Wednesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


# ନବଯୌବନ ବେଶରେ ଦର୍ଶନ ଦେଲେ ମହାବାହୁ

**ପୁରୀ, ୧୪ ।୭ : ନ୍ୟୁଜ୍ ବ୍ୟୁରୋ**

ନବଯୌବନ ଓ ନେତ୍ରୋତ୍ସବ ଦର୍ଶନ ପାଇଁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ର ହୋଇ ଉଠିଛି ଚଳଚଞ୍ଚଳ । ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ଦର୍ଶନ ଦେଖି ଭକ୍ତ ହୋଇଛନ୍ତି ଧନ୍ୟ । ଅଣସର ତାଟି ଫିଟିବା ସହ ବିଭିନ୍ନ ନୀତିକାନ୍ତି ବଢିବା ପରେ ମହାପ୍ରଭୁଙ୍କ ଆଖିର ଦର୍ଶନ ପାଇଛନ୍ତି ଭକ୍ତ । ଝିପି ଝିପି ବର୍ଷା ଓ କୋହଲା ପାଗରେ ଭକ୍ତ ହୋଇଛନ୍ତି ଭାବ ବିହ୍ୱଳ । ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ଶ୍ରୀମନ୍ଦିର । କାଳିଆର ଆଖି ଦର୍ଶନ ଦେଖି ଭକ୍ତ ଆଖିରୁ ଭାବାଧାରା ଲୁହ ଝରିଛି । ଭାବ ଭକ୍ତିର ସହ ସମର୍ପିତ ହୋଇ ଭକ୍ତ ଦର୍ଶନ କରିଛି କାଳିଆ ସାଆନ୍ତଙ୍କୁ । ମହାପ୍ରଭୁଙ୍କ ନବଯୌବନ ଦର୍ଶନ ପୂର୍ବରୁ ଅଣସର ତାଟିରେ ପୂଜିତ ପଟିଦିଅଁମାନଙ୍କୁ ବିସର୍ଜନ କରି ଦିଆଯାଇଛି । ଭକ୍ତମାନେ ଶ୍ରୀବିଗ୍ରହଙ୍କୁ ଦାରୁବ୍ରହ୍ମ ରୂପରେ ଦର୍ଶନ କରିଛନ୍ତି । ଏହା ହେଉଛି ନବଯୌବନ ଦର୍ଶନ । ଏହାପରେ ହୁଏ ମହାପ୍ରଭୁଙ୍କ ନେତ୍ରୋତ୍ସବ ନୀତି । ଏହି ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପୂର୍ବରୁ ବନକଲାଗି କରାଯାଇ ଶ୍ରୀମୁଖ-ଶିଙ୍ଗାରୀ ଦଉ ମହାପାତ୍ର



ସେବକମାନେ ଶ୍ରୀଜଗନ୍ନାଥାଦି ଦେବତାମାନଙ୍କର ନେତ୍ର ଅଙ୍କନ କରିଛନ୍ତି । ସେଥିରେ ନେତ୍ର ପିତୁଳା ବା ପୁଅଡୋଳା ବି ଅଙ୍କନ କରିଥିଲେ । କିନ୍ତୁ ତାହା ସଂପୂର୍ଣ୍ଣ ହୋଇ ନଥାଏ । ନେତ୍ରୋତ୍ସବ ଦିନ ଦଉ ମହାପାତ୍ର ସେବକ ତିନିଟି ରୂପା ପାତ୍ରରେ କଳା ପ୍ରସ୍ତୁତ କରି ଦେବା ପରେ, ପୂଜାପଣ୍ଡା ସେବକ ସେହି ନେତ୍ର ପିତୁଳା ଅଙ୍କନକୁ ସଂପୂର୍ଣ୍ଣ କରିବା ପାଇଁ ତିନି ଖଣ୍ଡି ତୁଳସୀ କାଠିରେ ଅଙ୍କନ କରିଥିଲେ । ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା । ପାରିମାଣିକ ଦର୍ଶନ ଓ ସର୍ବ ସାଧାରଣ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯାଇଥିଲା । ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ସମେତ ବାହାର ଭିତର କଡାକଡି ବ୍ୟବସ୍ଥା କରାଯାଇଥିଲା । ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକବ୍ୟବସ୍ଥା କରାଯାଇଥିଲା।

୧୦୮ ଗରା ଜଳରେ ଗାଧୋଇ ଜ୍ୱରରେ ପଡ଼ିଲେ । *(ପୃଷ୍ଠା ୭ରେ)*

## ୧୩ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମୋହର

# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅବଧି ୫ ବର୍ଷ ବୃଦ୍ଧି

**ଭୁବନେଶ୍ୱର, ୧୪ ।୭**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୭ଟି ବିଭାଗର ମୋଟ ୧୩ଟି ପ୍ରସ୍ତାବ ଉପରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି ।

କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକର ନିଷ୍ପତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ଅବଧିକୁ ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଗ୍ରାମାଞ୍ଚଳର ଅସଂଯୁକ୍ତ ବସତିଗୁଡ଼ିକୁ, ଯାହା ଅନ୍ୟ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହିଁ, ସେଗୁଡ଼ିକୁ ସବୁଦିନିଆ ସଡ଼କ ସଂଯୋଗ ଯୋଗାଇଦେବା ପାଇଁ ବର୍ଷ ୨୦୧୪-୧୫ ରେ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା' ଆରମ୍ଭ କରାଯାଇଥିଲା । ଏହାପରେ ବର୍ଷ ୨୦୨୧-୨୨ରୁ ଏହି



ନିର୍ମାଣ ହେବ ୪୬୦୦ କି.ମି ନୂଆ ସଡ଼କ

ଯୋଜନା ମାଧ୍ୟମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରୁ ହସ୍ତାନ୍ତରିତ ହୋଇଥବା ରାସ୍ତାଗୁଡ଼ିକର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ କାର୍ଯ୍ୟ ମଧ କରାଯାଉଛି ।

ବର୍ତ୍ତମାନ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ଯୋଜନା ଅଧୀନରେ ଚାଲୁ ରହିଥିବା ୧୧୫ କିଲୋମିଟର ସଡ଼କ ପ୍ରକଳ୍ପ ସମାପ୍ତ କରିବା ସହିତ ପ୍ରାୟ ୪୬୦୭.୨୧ କିଲୋମିଟର ଦୈର୍ଘ୍ୟର ନୂତନ ସଡ଼କ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ଯୋଜନାରେ ମନୋନୀତ ରାସ୍ତାଗୁଡ଼ିକ ୩.୭୫ ମିଟର ପ୍ରଶସ୍ତ କ୍ୟାରିଜ୍ ବିଶିଷ୍ଟ ହେବ ଏବଂ ଏହା ଓ.ଡି.ଆର୍ ମାନକ ଅନୁଯାୟୀ ନିର୍ମିତ ହେବ। ଏହି ଯୋଜନା ଆଗାମୀ ୫ ବର୍ଷ (୨୦୨୬-୨୭ ରୁ ୨୦୩୦-୩୧) ପାଇଁ ୪୪୦୦୦,୦୦ କୋଟିର ବ୍ୟୟବରାଦ ସହିତ କାର୍ଯ୍ୟକାରୀ ହେବ । ଏ ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ରାଜ୍ୟ ସରକାରଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ସଡକ ଯୋଜନା –ଆନ୍ତଃରାଜ୍ୟ, ଆନ୍ତଃଜିଲ୍ଲା ଓ ଆନ୍ତଃବ୍ଲକ ମଧ୍ୟରେ *(ପୃଷ୍ଠା ୭ରେ)*

## ସ୍କୁଲ ପାଠ୍ୟପୁସ୍ତକରେ ତ୍ରୁଟି ମାମଲା

# ମନୋଜ ପାଢ଼ୀ ଗିରଫ ପରେ ଜେଲ ଗଲେ

**ଭୁବନେଶ୍ୱର, ୧୪ ।୭**
**ନ୍ୟୁଜ୍ ବ୍ୟୁରୋ**

ସ୍କୁଲ ପାଠ୍ୟପୁସ୍ତକରେ ତ୍ରୁଟି ମାମଲାରେ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ଗିରଫ କରାଯାଇଛି। ଏହି ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ମନୋଜ ପାଢ଼ୀଙ୍କୁ ଗିରଫ କରି ପଚରାଉଚରା ଚଳାଇଛନ୍ତି । ଡିଏସପି ନରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍‌ର ତଦନ୍ତ ଜାରି ରହିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମନୋଜ ପାଢ଼ୀ ଏସସିଇଆରଟି ନିର୍ଦ୍ଦେଶକ ଥିବା ସମୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତ ଓ ମୁଦ୍ରଣ କରାଯାଇଥିଲା। ତେଣୁ ବହିରେ ହଜାର ହଜାର ଭାଷାଗତ ଓ ତଥ୍ୟଗତ ତ୍ରୁଟି କିପରି ରହିଗଲା, ଏହା ପଛରେ କାହାର ଅବହେଳା କିମ୍ବା ଷଡ଼ଯନ୍ତ୍ର ଥିଲା କି *(ପୃଷ୍ଠା ୭ରେ)*

## ଅନ୍ତରୀକ୍ଷକୁ ଉଡ଼ିଲେ ଭାରତୀୟ ବଂଶୋଦ୍ଭବ ଅନୀଲ ମେନନ



**ୱାଶିଂଟନ, ୧୪ ।୭**

ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ଅନୀଲ ମେନନ ମଙ୍ଗଳବାର ତାଙ୍କର ପ୍ରଥମ ଅନ୍ତରୀକ୍ଷ ଯାତ୍ରା ଆରମ୍ଭ କରିଛନ୍ତି। କାଜାଖସ୍ତାନର ବାଇକୋନୁର କସ୍‌ମୋଡ୍ରୋମରୁ ରୁଷ୍‌ର ସୋୟୁଜ୍ ଏମ୍‌ଏସ୍-୨୯ ମହାକାଶଯାନରେ ସେ ଦୁଇ ରୁଷୀୟ ମହାକାଶଚାରୀ ପ୍ୟୋତ୍ର ଡୁବ୍ରୋଭ ଓ ଆନ୍ନା କିକିନାଙ୍କ ସହ ଅନ୍ତର୍ଜାତୀୟ *(ପୃଷ୍ଠା ୭ରେ)*

# କୋଭିଡ୍ ନେଇ ସରକାର ସଜାଗ : ଭୟଭୀତ ନହେବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅପିଲ

**ଭୁବନେଶ୍ୱର, ୧୪ ।୭ : ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ କୋଭିଡ-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଅଧ୍ୟକ୍ଷତା କରି ବିଭିନ୍ନ ପ୍ରସ୍ତୁତି ଓ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ବର୍ତ୍ତମାନ ଏ ବାବଦରେ କୌଣସି ବ୍ୟସ୍ତ ନ ହେବାକୁ ସେ କହିଛନ୍ତି । ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ନିରନ୍ତର ସମନ୍ୱୟରେ ଅଛନ୍ତି ଏବଂ ଯେକୌଣସି *(ପୃଷ୍ଠା ୭ରେ)*

# ଆମେରିକା-ଇରାନ ଆକ୍ରମଣରେ ଥରିଉଠିଲା ହର୍ମୁଜ, ଭାରତୀୟ ନାଗରିକଙ୍କ ମୃତ୍ୟୁ



**ତେହେରାନ, ୧୪ ।୭**

କ୍ରମାଗତ ତୃତୀୟ ରାତି ପାଇଁ ଆମେରିକା ଇରାନୀୟ ବନ୍ଦର ସହର ଏବଂ ଅନ୍ୟାନ୍ୟ ସ୍ଥାନରେ ପ୍ରବଳ ଷ୍ଟ୍ରାଇକ୍ କରିଛି। ୟୁଏସ୍ ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ୍) କହିଛି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ସେନା ଏକାସାଙ୍ଗରେ ଇରାନର ଅନେକ ସହରକୁ ଟାର୍ଗେଟ କରିଛି। ଆମେରିକାର ଆକ୍ରମଣର ଜବାବରେ ଇରାନ ହର୍ମୁଜ ଷ୍ଟ୍ରେଟ୍ ଦେଇ ଯାଉଥିବା ଦୁଇଟି ସଂଯୁକ୍ତ ଆରବ ଏମିରେଟ୍ସ (ୟୁ.ଏ.ଇ.) ଟ୍ୟାଙ୍କର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଜଣେ ଭାରତୀୟ ନାବିକ ନିହତ ହୋଇଥିଲେ। ୟୁଏଇର ପ୍ରତିରକ୍ଷା ମନ୍ତ୍ରଣାଳୟ ଇରାନୀୟ କ୍ଷେପଣାସ୍ତ୍ର ଦ୍ୱାରା ଏକାଧିକ ଆକ୍ରମଣରେ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ କରିଛି। ସେଣ୍ଟକମ୍ କହିଛି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଇରାନ ଉପରେ ସଦ୍ୟତମ ଆକ୍ରମଣ ଯୋଗୁଁ ବନ୍ଦର ସହର ବନ୍ଦର *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ପୁରାଣ ପୋଥିରେ ଏତିକି ଜ୍ଞାନ
କାହାକୁ ନଥିଲା ଜଣା
ଜ୍ଞାନଗୁଡାକ ଲାଗିଥିଲେ କାମେ
ହେଇନଥାନ୍ତ ହେ ବଣା
ମହାଭାରତଟା ପୂରା ଶୁଣା
ଏମାନଙ୍କ କଥା ଜାଣନ୍ତି ଜନତା
ହେବେନାହିଁ ଦିନକଣା।

## କେଜିରୁ ପିଜି ମାଗଣା ଶିକ୍ଷା ବ୍ୟବସ୍ଥା ପାଇଁ ଏସ୍‌ଓପି ଘୋଷଣା

**ଭୁବନେଶ୍ୱର, ୧୪ ।୭ : ନ୍ୟୁଜ୍ ବ୍ୟୁରୋ**

କେଜିରୁ ପିଜି ମାଗଣା ଶିକ୍ଷା ବ୍ୟବସ୍ଥା ପାଇଁ ଏସ୍‌ଓପି ଘୋଷଣା କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେ ଯେପରି ଉଚ୍ଚଶିକ୍ଷାରୁ ବଞ୍ଚିତ ନହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି । ମନ୍ତ୍ରୀ କହିଛନ୍ତି ଯେ, ଗୁଣାତ୍ମକ ଶିକ୍ଷା ସମସ୍ତଙ୍କ ପାଖରେ ପହଞ୍ଚାଇବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ପ୍ରଫେସନାଲ କୋର୍ସକୁ ଏଥିରୁ ବାଦ୍ *(ପୃଷ୍ଠା ୭ରେ)*

## ଜେଲରୁ ଖଲାସ ହୋଇପାରନ୍ତି ଦାରା ସିଂ !

**ନୂଆଦିଲ୍ଲୀ, ୧୪ ।୭**

ଜେଲରୁ ଖଲାସ ହୋଇପାରନ୍ତି ଦାରା ସିଂ। ବହୁଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦାରା ସିଂଙ୍କ ଦଣ୍ଡାଦେଶ କୋହଳ ଆବେଦନ ଉପରେ ମଙ୍ଗଳବାର ସୁପ୍ରିମକୋର୍ଟରେ ହୋଇଛି ଶୁଣାଣି। ବିଚାରପତି ଜଷ୍ଟିସ୍ ମନୋଜ ମିଶ୍ର ଓ ଜଷ୍ଟିସ୍ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଶୁଣାଣି ବେଳେ ଓଡ଼ିଶା ସରକାର ସର୍ବୋଚ୍ଚ କୋର୍ଟଙ୍କୁ ଜଣାଇଥିଲେ ଯେ ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ୫୬ ଜଣ ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀଙ୍କ ମୁକ୍ତି ଆବେଦନ ଉପରେ ବିଚାର କରିଛି। ସେଥିରେ ଦାରା ସିଂଙ୍କ ମାମଲା ମଧ୍ୟ ରହିଛି। ରାଜ୍ୟ ସରକାର ଏହା ବି କହିଛନ୍ତି ଯେ ଦାରାଙ୍କ ଜନ୍ମସ୍ଥାନ ସମ୍ବନ୍ଧୀୟ କିଛି ତଥ୍ୟର ଯାଞ୍ଚ ପ୍ରକ୍ରିୟା ଚାଲିଛି। ଏହାପରେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଅଗଷ୍ଟ ୧୫ ସୁଦ୍ଧା *(ପୃଷ୍ଠା ୭ରେ)*


# ଶକ୍ତିଶାଳୀ ହେଉଛି ଲଘୁଚାପ: ଓଡ଼ିଶାରେ ୪ ଦିନ ପ୍ରବଳ ବର୍ଷା



**ଭୁବନେଶ୍ୱର, ୧୪ ।୭ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୫ ଦିନ ପର୍ଯ୍ୟନ୍ତ ସାରା ରାଜ୍ୟରେ ଭୀଷଣ ବର୍ଷା ସମ୍ଭାବନା ରହିଛି । ତୁହାକୁ ତୁହା ବର୍ଷା ସହିତ କେତେକ ସ୍ଥାନରେ ଘନଘନ ବିଜୁଳି ଓ ଘଡ଼ଘଡ଼ି ହୋଇପାରେ । ରଥଯାତ୍ରା ପୂର୍ବରୁ ପାଣିପାଗରେ ପରିବର୍ତ୍ତନ ଆସିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କତା ଜାରି କରାଯାଇଛି । ଆସନ୍ତା ୨୪ ଘଣ୍ଟାରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ସହ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ବର୍ଷା ପାଇଁ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ବର୍ତ୍ତମାନ ଉତ୍ତର ବଙ୍ଗୋପସାଗର ଓ ଏହା ସଂଲଗ୍ନ ଦକ୍ଷିଣ ବାଂଲାଦେଶ ପାଖରେ ଉପର ବାୟୁ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ସମୁଦ୍ର ପତ୍ତନଠାରୁ ୭.୬ ମିଟର ଉଚ୍ଚତାରେ ରହିଥିବା ବେଳେ ଉତ୍ତର ପଶ୍ଚିମକୁ ଢଳି ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା *(ପୃଷ୍ଠା ୭ରେ)*


10001/362/2627



"ବିଶ୍ୱ ଭ୍ରାତୃତ୍ୱ ଓ ସର୍ବ ଧର୍ମ ସମନ୍ୱୟର ପ୍ରତୀକ ପବିତ୍ର ଘୋଷ ଯାତ୍ରା ଅବସରରେ ସୁସ୍ଥ ଓଡ଼ିଶା ଓ ବିକଶିତ ଓଡ଼ିଶା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା"

ରଥଯାତ୍ରା-୨୦୨୬

ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା

- ବିଶୁଦ୍ଧ ପାଣି ପିଅନ୍ତୁ ଏବଂ ଖାଇବା ପୂର୍ବରୁ ହାତ ଭଲଭାବେ ଧୁଅନ୍ତୁ
- ଖୋଲା ବିକ୍ରି ହେଉଥିବା ଖାଦ୍ୟ, କୃତ୍ରିମ ରଙ୍ଗ ଦିଆ ଖାଦ୍ୟ, ବାସି ଓ ଦୁର୍ଗନ୍ଧ ଯୁକ୍ତ ଖାଦ୍ୟ, ମାଛି ବସୁଥିବା ଖାଦ୍ୟ କିମ୍ବା ପଚାସଢ଼ା ଫଳ ଓ ପନିପରିବା ଖାଆନ୍ତୁ ନାହିଁ
- ଅଂଶୁଘାତରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି କିମ୍ବା ଓଦା କପଡ଼ା ବ୍ୟବହାର କରନ୍ତୁ ଏବଂ ଓ.ଆର୍.ଏସ୍. ପିଅନ୍ତୁ
- ସମୁଦ୍ର ସ୍ନାନ ସମୟରେ କୌଣସି ଅଘଟଣ ଏଡ଼ାଇବା ପାଇଁ ସୁରକ୍ଷାକର୍ମୀଙ୍କ ପରାମର୍ଶ ମାନନ୍ତୁ ଏବଂ ସତର୍କ ରୁହନ୍ତୁ
- ରାତ୍ରି ରହଣି କରୁଥିଲେ ମଶାରି/ ମଶାନିବାରକ ବ୍ୟବହାର କରନ୍ତୁ
- ବୟସ୍କ/ ଭିନ୍ନକ୍ଷମ ବ୍ୟକ୍ତି ଓ ପିଲାମାନଙ୍କୁ ଭିଡ଼ ଠାରୁ ଦୂରେଇ ରଖନ୍ତୁ
- ଅସୁସ୍ଥ ଅନୁଭବ କଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରରେ ତୁରନ୍ତ ପରାମର୍ଶ କରନ୍ତୁ

ସର୍ଦ୍ଦି, ଜ୍ୱର, କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଥିବା ବ୍ୟକ୍ତି ଜନଗହଳି ସ୍ଥାନକୁ ଯାଆନ୍ତୁ ନାହିଁ

ଜରୁରୀ ଫୋନ୍ ନମ୍ବର :

ପୁରୀ ହସ୍ପିଟାଲ କଣ୍ଟ୍ରୋଲ ରୁମ୍ : ୦୬୭୫୨-୨୨୨୧୭୫

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍ : ୧୦୪, ଆମ୍ବୁଲାନ୍ସ : ୧୦୮

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

OIPR : 10001/10003/2/26-27/0034





# ଗୌରୀଶଙ୍କରଙ୍କ ତ୍ୟାଗ ଓ ସଂଘର୍ଷର ଅବଲୋକନ ପାଇଁ ଆହ୍ୱାନ




**କଟକ, ନ୍ୟୁଜ୍**

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର, ମହାନ ସାରସ୍ୱତ ସ୍ରଷ୍ଟା, ପ୍ରଥମ ଓଡ଼ିଆ ସମ୍ବାଦପତ୍ର 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା, ବିଖ୍ୟାତ ସାମ୍ବାଦିକ, ସ୍ୱାଧୀନତା ସଂଗ୍ରାମୀ, କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୮ ତମ ଜୟନ୍ତୀ ସମାରୋହ ଆଲପି ସାଇନ୍ସ କଲେଜ ମିଶନରୋଡ଼ କଟକ ଠାରେ ପାଳିତ ହୋଇଯାଇଛି। ମାହାଙ୍ଗା ସାରସ୍ୱତ ସେବାମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଡକ୍ଟର ଭାବଗ୍ରାହୀ ରାଉତ ପୌରହିତ୍ୱ କରିଥିଲେ। ଉତ୍ସବକୁ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରିବା ସହିତ, ଉତ୍କଳ ମାତାର ସୁଯୋଗ୍ୟ ଦାୟାଦ ଗୌରୀଶଙ୍କରଙ୍କ ତ୍ୟାଗ ଓ ସଂଘର୍ଷର ଇତିହାସକୁ ଅବଲୋକନ ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ପ୍ରଫେସର ଡକ୍ଟର ନଟବର ଶତପଥୀ କହିଲେ, ଆମ ମାଟିକୁ, ଆମ ଭାଷାକୁ, କୋଟି କୋଟି ଓଡ଼ିଆଙ୍କୁ ଚିହ୍ନିବାରେ କର୍ମବୀରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟବକ୍ତା ଭାବେ ରଘୁନାଥ ଜୀଉ ଜୁନିଅର କଲେଜ ଅଧକ୍ଷା ଡକ୍ଟର ସ୍ନେହଲତା ମିଶ୍ର, ବରିଷ୍ଠ ସାମ୍ବାଦିକ ସାହିତ୍ୟିକ ଅଖିଳେଶ ପଦ ମହାନ୍ତି, ଅଧ୍ୟାପକ ଡକ୍ଟର କିଶୋର କୁମାର ଦାଶ, ଆଲପି ସାଇନ୍ସ କଲେଜ ଅଧ୍ୟକ୍ଷ ଡକ୍ଟର ପ୍ରଭାତ କୁମାର ମହାନ୍ତି, ଅଧ୍ୟାପକ କ୍ଷୀରୋଦ କୁମାର ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ କ୍ରାନ୍ତିଦ୍ରଷ୍ଟା ପୁରୁଷଙ୍କ ଜୀବନର ବହୁ ଅନାଲୋଚିତ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉତ୍ସବରେ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ, ଅଧ୍ୟାପକ ଏବଂ ବିଦ୍ୟାର୍ଥୀମାନେ ଉପସ୍ଥିତ ରହି ସ୍ୱର୍ଗତ ରାୟଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଥିଲେ ।

# ମାନବିକତାର ଅନନ୍ୟ ଦୃଷ୍ଟାନ୍ତ:ଡାକ୍ତରଖାନା ନୁହେଁ, କାର୍ ହେଲା କ୍ଲିନିକ୍

**ଗାଇସିଲେଟ, ନ୍ୟୁଜ୍ ବ୍ୟୁରୋ**

ଆଜିର ବ୍ୟସ୍ତବହୁଳ ସମାଜରେ ଯେଉଁଠି ଚିକିତ୍ସା ସେବା ଧୀରେ ଧୀରେ ବ୍ୟବସାୟର ରୂପ ନେଉଛି, ସେଠାରେ ଭୀମସାରର ଆସିଷ୍ଟାଣ୍ଟ ପ୍ରଫେସର ତଥା 'ଟଙ୍କିଆ ଡାକ୍ତର' ଭାବେ ପରିଚିତ ଡାକ୍ତର ଶଙ୍କର ରାମଚନ୍ଦାନି ପୁଣିଥରେ ମାନବିକତାର ଏକ ଅନନ୍ୟ ଦୃଷ୍ଟାନ୍ତ ସ୍ଥାପନ କରିଛନ୍ତି। ରବିବାର ବରଗଡ଼ ଜିଲ୍ଲାର ଗାଇସିଲେଟ ବ୍ଲକ ଅନ୍ତର୍ଗତ କଟାବାହାଲ ଗ୍ରାମପଞ୍ଚାୟତର ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଜୁବାଖୋଲ ଗ୍ରାମରେ ହଠାତ୍ ପହଞ୍ଚିଥିଲେ ଡାକ୍ତର ରାମଚନ୍ଦାନି। ବଣପାହାଡ଼ ଘେରା ଏହି ଅଞ୍ଚଳରେ ତାଙ୍କୁ



ଦେଖି ଗ୍ରାମବାସୀଙ୍କ ମୁହଁରେ ଖୁସିର ଝଲକ୍ ଦେଖିବାକୁ ମିଳିଥିଲା। ସେ କେବଳ ଗ୍ରାମକୁ ଯାଇନଥିଲେ, ବରଂ ବିଲରେ କାମ କରୁଥିବା ଶ୍ରମିକମାନଙ୍କୁ ନିଜେ ଡାକି ନିଜ କାର୍‌କୁ ଏକ ଅସ୍ଥାୟୀ କ୍ଲିନିକ୍‌ରେ ପରିଣତ କରି ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିଥିଲେ। ଶ୍ୱାସଜନିତ ସମସ୍ୟାରେ ପୀଡ଼ିତ ରୋଗୀମାନଙ୍କର ମାଗଣାରେ ସ୍ପାଇରୋମେଟ୍ରି ପରୀକ୍ଷା କରିବା ସହ ଆବଶ୍ୟକ ଔଷଧ ଓ ପରାମର୍ଶ ମଧ୍ୟ ପ୍ରଦାନ କରିଥିଲେ। ପରେ ଗ୍ରାମ ମଧ୍ୟରେ ଏକ ସାଧାରଣ ଖଟିଆରେ ବସି ପ୍ରାୟ ୨୫ରୁ ୩୦ ଜଣ ରୋଗୀଙ୍କୁ ଚିକିତ୍ସା କରି ମାଗଣା ଔଷଧ ବଣ୍ଟନ କରିଥିଲେ। ଚିକିତ୍ସା ସମୟରେ ତାଙ୍କର ସରଳତା, ଆନ୍ତରିକତା ଓ ସେବାଭାବ ସମସ୍ତଙ୍କ ହୃଦୟ ଜିଣିନେଇଥିଲା। ମାତ୍ର ଏକ ଟଙ୍କାରେ ଚିକିତ୍ସା ସେବା ଯୋଗାଇ ଲକ୍ଷ ଲକ୍ଷ ରୋଗୀଙ୍କ ଆଶୀର୍ବାଦ ଲାଭ କରିଥିବା ଡାକ୍ତର ରାମଚନ୍ଦାନିଙ୍କ ଏହି ନିରବ ସେବା ତାଙ୍କୁ କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ସେ ପ୍ରମାଣ କରିଛନ୍ତି ଯେ, ଜଣେ ପ୍ରକୃତ ଡାକ୍ତରଙ୍କ ପାଇଁ ସେବା ହିଁ ସର୍ବୋଚ୍ଚ ଧର୍ମ। ଡାକ୍ତର ରାମଚନ୍ଦାନିଙ୍କୁ ନିଜ ଗାଁରେ ପାଇ ଗ୍ରାମବାସୀ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ। ସେମାନେ ତାଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଦୀର୍ଘାୟୁ ଓ ସୁସ୍ୱାସ୍ଥ୍ୟ କାମନା କରିଥିଲେ। ବିଦାୟ ବେଳେ ଡାକ୍ତର ରାମଚନ୍ଦାନି ପୁଣିଥରେ ଜୁବାଖୋଲ ଗ୍ରାମକୁ ଆସି ଲୋକଙ୍କୁ ନିଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଦୁର୍ଗମ ଗାଁରେ କାର୍‌କୁ କ୍ଲିନିକ୍ କରି ଯେଉଁ ମାନବିକତାର ପରିଚୟ ଡାକ୍ତର ରାମଚନ୍ଦାନି ଦେଇଛନ୍ତି, ତାହା ସମାଜ ପାଇଁ ଏକ ପ୍ରେରଣାଦାୟକ ବାର୍ତ୍ତା–ସେବାର କୌଣସି ସୀମା ନାହିଁ, ଇଚ୍ଛାଶକ୍ତି ଥିଲେ ଯେକୌଣସି ସ୍ଥାନ ହୋଇପାରେ ଚିକିତ୍ସାଳୟ।

## ତାମିଲନାଡୁରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ:ମୃତ ଦେହ ଘରକୁ ଆଣିବା ପାଇଁ ପ୍ରଶାସନକୁ ନିବେଦନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜୀବିକାର ସନ୍ଧାନରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବା ବୌଦ୍ଧ ଜିଲ୍ଲାର ଜଣେ ଶ୍ରମିକଙ୍କ ତାମିଲନାଡୁରେ ଅକାଳ ମୃତ୍ୟୁ ଘଟିଥିବାବେଳେ, ତାଙ୍କ ମୃତ ଦେହକୁ ଜନ୍ମମାଟିକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ଓ ଜିଲ୍ଲା ପାଣ ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ଜିଲ୍ଲା ପ୍ରଶାସନର ସହାୟତା ନିବେଦନ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀପାଲି ଗ୍ରାମପଞ୍ଚାୟତର ବିଜାପଦର ଗ୍ରାମର ୫୬ ବର୍ଷୀୟ ଟୁନା ମହାନନ୍ଦିଆ ଗତ ମାର୍ଚ୍ଚ ମାସରୁ ଜୀବିକା ନିର୍ବାହ ପାଇଁ ତାମିଲନାଡୁ ରାଜ୍ୟର ତିରୁଚି ଜିଲ୍ଲା ମଙ୍ଗାଟପା ନିକଟସ୍ଥ ଏକ କପଡ଼ା ମିଲ୍‌ରେ କାର୍ଯ୍ୟ କରୁଥିଲେ। ରବିବାର ସକାଳେ କାର୍ଯ୍ୟରତ ଥିବାବେଳେ ସେ ହଠାତ୍ ଅସୁସ୍ଥ ହୋଇ ଅଚେତ୍ ହୋଇପଡ଼ିଥିଲେ। ସହକର୍ମୀମାନେ ତୁରନ୍ତ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଗ୍ରାମରେ ପହଞ୍ଚିବା ପରେ ପରିବାର ଲୋକଙ୍କ ମଧ୍ୟରେ କୋହର ପରିବେଶ ସୃଷ୍ଟି ହୋଇଛି। ମୃତ ଟୁନା ମହାନନ୍ଦିଆଙ୍କ ପରିବାର ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ ହୋଇଥିବାରୁ ତାମିଲନାଡୁରୁ ମୃତଦେହକୁ ଘରକୁ ଆଣିବା ସେମାନଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ଫଳରେ ସରକାରୀ ସହାୟତା ହିଁ ପରିବାର ପାଇଁ ଏକମାତ୍ର ଭରସା ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପାଣ ଗଣ୍ଡା ସମାଜ ବିକାଶ ପରିଷଦର ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗଙ୍କ ସମେତ ମୃତକଙ୍କ ପରିବାର ପକ୍ଷରୁ ଜିଲ୍ଲାପାଳ ଏବଂ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିବେଦନ କରାଯାଇଛି । ମୃତ ଦେହକୁ ଯଥାଶୀଘ୍ର ବୌଦ୍ଧକୁ ଆଣିବା ପାଇଁ ପ୍ରଶାସନ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି ।

# କେନ୍ଦୁଝର ଜିଲ୍ଲାରୁ ଉତ୍ପାଦିତ କଳାମାଲ୍ଲୀ ଓ ଜାସ୍‌ମୀନ ଧାନ ୟୁରୋପକୁ ରପ୍ତାନି ହେବ

**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଶାର କୃଷି କ୍ଷେତ୍ର ପାଇଁ ଏକ ସ୍ମରଣୀୟ ସଫଳତା ସ୍ୱରୂପ, କେନ୍ଦୁଝରରୁ ସ୍ୱତନ୍ତ୍ର ଧାନର ପ୍ରଥମ ରପ୍ତାନି-ଭିତ୍ତିକ ବିପଣନର ଶୁଭାରମ୍ଭ କରାଯାଇଛି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ତଥା ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା 'ରାଇସ୍ ଭାଲ୍ୟୁ ଆଡିସନ୍ ପ୍ରୋଜେକ୍ଟ' ଅଧୀନରେ ଏହି ସଫଳତା ହାସଲ ହୋଇଛି। ଏହି ଅବସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ଅଧକ୍ଷ ଜିଲ୍ଲା ଯୋଜନା କମିଟି ତଥା ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ବିଧାୟକ ଘଷିପୁରା ବଦ୍ରି ନାରାୟଣ ପାତ୍ର, ଜିଲ୍ଲାପାଳ ବିଶାଲ ସିଂହ ଏବଂ କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ପ୍ରତିନିଧି ଜ୍ଞାନଦୀପ ପାଣ୍ଡିଆ, ଡଃ ପ୍ରିୟବ୍ରତ ରାୟ, ମହମ୍ମଦ ସୁଲତାନ, କେନ୍ଦୁଝର ସଦର କୃଷକ କୃଷି-ଇ ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡର ପ୍ରତିନିଧି, ଚାଷୀ




ସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହା ସ୍ୱତନ୍ତ୍ର ଧାନ ଚାଷକୁ ଏକ ଅଧିକ ଲାଭଜନକ, ବଜାର-କେନ୍ଦ୍ରିକ ବ୍ୟବସାୟରେ ପରିଣତ କରିବା ସହ ସ୍ଥାୟୀ ଓ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଦୂରଦୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ଚାଲାଣରେ 'କେନ୍ଦୁଝର ସଦର କୃଷକ କୃଷି-ଇ ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ'ର ଚାଷୀମାନଙ୍କ ଦ୍ୱାରା ଜୈବିକ ପଦ୍ଧତିରେ ଉତ୍ପାଦିତ ଦୁଇଟି କିସମ ଯଥା 'କଳାମାଲ୍ଲୀ କଳା ଧାନ' ଏବଂ 'ଜାସମିନ୍ ଧାନ' ସାମିଲ ରହିଛି, ଯାହାକୁ ହରିୟାଣାରେ ଥିବା ପ୍ରତୀତି ଅର୍ଗାନିକ୍ ଫୁଡ୍ସ କେନ୍ଦ୍ରକୁ ମିଲିଂ ଏବଂ ପ୍ୟାକେଜିଂ ପାଇଁ ପଠାଯିବ। ଏହାପରେ ଆନ୍ତର୍ଜାତୀୟ ଗୁଣବତ୍ତା, ସ୍ୱଚ୍ଛତା ଏବଂ ମୂଲ୍ୟ ନିଶ୍ଚିତ କରି ଏହାକୁ ୟୁରୋପର ବଜାରକୁ ରପ୍ତାନି କରାଯିବ। ଏହି ବଜାର ସଂଯୋଗୀକରଣ ଦ୍ୱାରା ପାରମ୍ପରିକ ବଜାର ତୁଳନାରେ ଚାଷୀମାନେ ୪୦-୫୦% ଅଧିକ ମୂଲ୍ୟ ପାଇପାରିବେ ବୋଲି ଆଶା କରାଯାଉଛି। ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ମାଧ୍ୟମରେ ଏକତ୍ରୀକରଣ, ଜୈବିକ ଉତ୍ପାଦନ, ମୂଲ୍ୟ ସଂଯୋଜନ ଏବଂ ବିଶ୍ୱ ବଜାରକୁ ସିଧାସଳଖ ପ୍ରବେଶ ଚାଷୀଙ୍କ ଆୟକୁ କିଭଳି ବହୁଗୁଣିତ କରିପାରିବ, ଏହା ତାର ଏକ ବଡ଼ ଉଦାହରଣ। ସଭାକୁ ସମ୍ବୋଧିତ କରି ଅତିଥିମାନେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଧାନ ଚାଷ, ଜୈବିକ କୃଷି, ଚାଷୀ-ଚାଳିତ ଉଦ୍ୟୋଗ ଏବଂ ରପ୍ତାନି-ଭିତ୍ତିକ ମୂଲ୍ୟ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ସେମାନେ ଗୁରୁତ୍ୱଦେଇ କହିଥିଲେ ଯେ, ଉନ୍ନତ କୃଷିଜାତ ଦ୍ରବ୍ୟ ପାଇଁ ବଜାର ସଂଯୋଗୀକରଣକୁ ମଜବୁତ କରିବା ଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ହେବ, ମହିଳା ଉଦ୍ୟୋଗୀମାନେ ସଶକ୍ତ ହେବେ ଏବଂ ଆନ୍ତର୍ଜାତୀୟ ବଜାରରେ ଓଡ଼ିଶା ଉଚ୍ଚ ଗୁଣବତ୍ତା ସମ୍ପନ୍ନ ସ୍ୱତନ୍ତ୍ର ଧାନର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହୋଇପାରିବ। ଏହି ସଫଳ ପରିବହନ କେବଳ ଏକ ବ୍ୟବସାୟିକ ଚାଲାଣ ନୁହେଁ–ଏହା ବିଶ୍ୱର ଗ୍ରାହକମାନଙ୍କ ପାଇଁ ଉଚ୍ଚ ଗୁଣବତ୍ତାର ଧାନ ଉତ୍ପାଦନ କରିବାରେ ଓଡ଼ିଶାର ଚାଷୀଙ୍କ ବଢ଼ୁଥିବା ଆତ୍ମବିଶ୍ୱାସକୁ ଦର୍ଶାଉଛି। ଓଡ଼ିଶା ସରକାର, ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ଏବଂ ବେସରକାରୀ କ୍ଷେତ୍ରର ସହଯୋଗୀମାନଙ୍କ ମଧ୍ୟରେ ଏହି ସହଭାଗିତା ସାମଗ୍ରିକ କୃଷି ବିକାଶ ପାଇଁ ଏକ ଅନୁକରଣୀୟ ମଡେଲ୍ ସୃଷ୍ଟି କରିଛି। ଏହି ସ୍ମରଣୀୟ ପ୍ରଥମ ରପ୍ତାନି-ଭିତ୍ତିକ ଚାଲାଣ ସହିତ କେନ୍ଦୁଝର ସମଗ୍ର ଓଡ଼ିଶା ପାଇଁ ଏକ ନୂତନ ପଥ ପ୍ରଦର୍ଶିତ କରିପାରିଛି । ଏହି ପଦକ୍ଷେପ ପ୍ରମାଣିତ କରୁଛି ଯେ ବୈଜ୍ଞାନିକ ସହାୟତା, ଜୈବିକ ଉତ୍ପାଦନ ପଦ୍ଧତି ଏବଂ ଦୃଢ଼ ବଜାର ସହଭାଗିତା ବଳରେ ଓଡ଼ିଶାର ଅନନ୍ୟ ସ୍ୱତନ୍ତ୍ର ଧାନ ଆନ୍ତର୍ଜାତୀୟ ବଜାରରେ ସଫଳତାର ସହ ପହଞ୍ଚିପାରିବ, ଯାହା ଚାଷୀଙ୍କୁ ଅଧିକ ଆୟ ପ୍ରଦାନ କରିବା ସହ ସ୍ଥାୟୀ କୃଷିକୁ ଆଗକୁ ବଢ଼ାଇବାରେ ବେଶ୍ ସହାୟକ ହୋଇପାରିବ ବୋଲି ଜଣାପଡିଛି ।



## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଞ୍ଚଳିକ ସୁଭଦ୍ରା ଶକ୍ତି ସମ୍ମିଳନୀ ଉଦ୍‌ଘାଟିତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ଷ୍ଟାଡିୟମ୍ ପରିସରରେ ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମହିଳାମାନଙ୍କ ଆଲୋଚନା ବେଳେ ଉପ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚେଷ୍ଟାରେ ମହିଳାମାନେ ଏବେ ସ୍ୱାବଲମ୍ବୀ ହୋଇଥିବା ସେ କହିଥିଲେ। ଧର୍ମଶାଳା ବିଧାୟକଙ୍କ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, କୋରାଇ ବିଧାୟକ ଆକାଶ ଦାସ ନାୟକ ଓ ଜିଲ୍ଲା ସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ସମେତ ସୁଭଦ୍ରା ଶକ୍ତି ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଯାଜପୁର ଜିଲ୍ଲା ସମେତ ମୋଟ୍ ୬ ଗୋଟି ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ ଶହ ଶହ ସଂଖ୍ୟାରେ ଯୋଗ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ଛକ ନିକଟରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବଡ଼ଚଣା ବିଧାୟକ ଅମର ନାୟକ ସ୍ୱାଗତ କରିଥିଲେ। ସେଠାରେ ସେ ଚଣ୍ଡୀଖୋଲର ପ୍ରସିଦ୍ଧ ଶୈବପୀଠ ମହାବିନାୟକ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପଞ୍ଚ ଦେବତାଙ୍କ ପୀଠରେ ବୁଲି ଦେଖିବା ପରେ ଜିଲ୍ଲାର ପ୍ରବେଶ ଦ୍ୱାରର ଏହି ପୀଠର ବିକାଶ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

## ବଡମ୍ବାରେ ଯୁଗ୍ମ ଜନ ଶୁଣାଣି:୧୨୨ ଅଭିଯୋଗ

**କଟକ, ନ୍ୟୁଜ୍ ବ୍ୟୁରୋ**

ବଡମ୍ବା ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୨୨ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୧୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ୬ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଅଭିଯୋଗ ଶୁଣାଣି ସ୍ଥଳରେ, ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ ନାୟକ, ଉପଜିଲ୍ଲାପାଳ ଆଠଗଡ ପ୍ରହଲ୍ଲାଦ ନାରାୟଣ ଶର୍ମା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ଜୁଲାଇ ୨୦ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ କକ୍ଷ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଛତୁ ଫୁଟିଲା ଭଳି ଶିକ୍ଷାନୁଷ୍ଠାନ ଗୁଡିକ ରହିଛି। ଏହି ଶିକ୍ଷାନୁଷ୍ଠାନ ଗୁଡିକରେ ଅନେକଗୁଡିଏ ସମସ୍ୟା ଥିବାବେଳେ ଅଧିକାରୀମାନେ ଆଖିବୁଜି ଦେଇଛନ୍ତି । କେତେକ ଶିକ୍ଷା ଅନୁଷ୍ଠାନରେ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରିଥିବା ଓ ନିର୍ଯ୍ୟାତୀତ ହୋଇଥିବା ମଧ୍ୟ ଘଟଣା ସାମ୍ନାକୁ ଆସିଛି। ଏଥିସହିତ ଜିଲ୍ଲାର ବିଭିନ୍ନ ବ୍ଲକର ବହୁ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଦକ୍ଷତା ବିକାଶ ଅନୁଷ୍ଠାନ ଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଏ ନେଇ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ଜିଲ୍ଲାପାଳ ଚେୟାରମ୍ୟାନ୍ ଥିବାବେଳେ ଅନ୍ୟମାନେ ସଦସ୍ୟ ଅଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ, ଜିଲ୍ଲାର ସମସ୍ତ ବ୍ଲକଗୁଡିକରେ ବିଡିଓ ମାନଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରି ତାଙ୍କ ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନ ଗୁଡିକର ସମସ୍ତ ତଥ୍ୟ ସଂଗ୍ରହ କଲାପରେ କମିଟିର ସଦସ୍ୟମାନେ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ ପରିଦର୍ଶନ କରି ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିବେ। ଯେଉଁ ଶିକ୍ଷାନୁଷ୍ଠାନ ଗୁଡିକରେ ସରକାରୀ ନିୟମ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା, ଅଗ୍ନି ସୁରକ୍ଷା, ଅଗ୍ନି ନିର୍ବାପକ ଯନ୍ତ୍ର, ଅଗ୍ନି ଆଲାର୍ମ ବ୍ୟବସ୍ଥା, ଜରୁରୀ କାଳୀନ ନିଗମ ପଥ, ବିଦ୍ୟୁତ୍ ସୁରକ୍ଷା, ଅଗ୍ନି ନିର୍ବାପଣ ସରଞ୍ଜାମର କାର୍ଯ୍ୟଦକ୍ଷତା ଓ ପ୍ରଯୁଜ୍ୟ କ୍ଷେତ୍ରରେ ବୈଧ ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ଯାଞ୍ଚ କରାଯିବ। ଅଡିଟ୍ ସମୟରେ ଚିହ୍ନଟ ହେଉଥିବା ତ୍ରୁଟିଗୁଡିକର ତୁରନ୍ତ ସଂଶୋଧନ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ବ୍ୟବସ୍ଥା ନଥିବ ସେ ଶିକ୍ଷାନୁଷ୍ଠାନ ଗୁଡିକୁ ଖୋଲିବାପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ ବୋଲି ଏହି ବୈଠକରେ ଆଲୋଚନା କରାଯାଇଛି । ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣକୁମାର ନାୟକ, ଅତିରିକ୍ତ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଡେପୁଟି କଲେକ୍ଟର ଶୁଭଦର୍ଶନୀ ଦାସଙ୍କ ସମେତ ସମ୍ପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ ଓ ଅନ୍ୟାନ୍ୟ ସଂପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ।

# ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକ୍ଷମ ହୋଇପାରୁନି ଆଇସିୟୁ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସିଟି ହସ୍‌ପିଟାଲ୍‌ରେ ଆଇସିୟୁ ଯନ୍ତ୍ରଣା । ସରକାର ଚାରି ବର୍ଷ ହେଲା ଆଇସିୟୁ ପ୍ରତିଷ୍ଠା କଲେଣି । ହେଲେ ତାଲିମ୍‌ପ୍ରାପ୍ତ କର୍ମଚାରୀ ନଥିବା ଦର୍ଶାଇ ତାହାକୁ କାର୍ଯ୍ୟକ୍ଷମ କରାଯାଉନି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍ ଗତ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଏନେଇ ବିରକ୍ତି ପ୍ରକାଶ କରିବା ସହ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗୁରୁତର ରୋଗୀ ଛଟପଟ ହେଉଛନ୍ତି, ଅଥଚ ଚାରିବର୍ଷ ହେଲାଣି କାହା ସ୍ୱାର୍ଥ ପାଇଁ ସିଟି ହସ୍‌ପିଟାଲ୍‌ରେ ଆଇସିୟୁ କାର୍ଯ୍ୟକ୍ଷମ କରାଯାଉନାହିଁ ତାହା ପ୍ରଶ୍ନବାଚୀ । ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ର ସାଟେଲାଇଟ୍ ହସ୍‌ପିଟାଲ୍ କୁହାଯାଉଥିବା ତଥା ଗଞ୍ଜାମ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ସିଟି ହସ୍‌ପିଟାଲ୍‌ରେ ୨୦୨ ରୁ ଆଇସିୟୁ ନିର୍ମାଣ କରାଯାଇଛି । ରାଜ୍ୟ ସରକାର ୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୬ ମହଲା ବିଶିଷ୍ଟ ନୂତନ ଇନ୍‌ଡ଼ୋର୍ କୋଠା ନିର୍ମାଣ କରିଛନ୍ତି ଯାହାର ତଳ ମହଲାରେ ରହିଛି ୬ ଶଯ୍ୟା ବିଶିଷ୍ଟ ଆଇସିୟୁ । କୋଟି କୋଟି ଟଙ୍କାର ଯନ୍ତ୍ରାଂଶ ଖଞ୍ଜାଯାଇଛି । ଅଥଚ ଆଜି ପର୍ଯ୍ୟନ୍ତ ଆଇସିୟୁରେ କାମ କରିବା ପାଇଁ କର୍ମଚାରୀଙ୍କୁ ତାଲିମ୍ ଦିଆଯାଉନି କି ତାହା କାର୍ଯ୍ୟକ୍ଷମ କରାଯାଉନାହିଁ । ଅନେକ ସମୟରେ ଗୁରୁତର ରୋଗୀଙ୍କୁ ଏମ୍‌କେସିଜି ସ୍ଥାନାନ୍ତର କରି ସିଟି ହସ୍‌ପିଟାଲ୍ କର୍ତ୍ତୃପକ୍ଷ ନିଜ ମୁଣ୍ଡରୁ ଦୋଷ ଓହ୍ଲାଇ ଦେଉଛନ୍ତି । ଅଚଳ ପଡ଼ିଥିବା ଆଇସିୟୁର ମୂଲ୍ୟବାନ ଯନ୍ତ୍ରାଂଶଗୁଡ଼ିକର ୱାରେଣ୍ଟି ଅବଧି ସରିଗଲାଣି । ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ତତ୍‌କାଳୀନ ବ୍ରହ୍ମପୁର ବିଧାୟକ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ । ଆଇସିୟୁ ବ୍ୟବସ୍ଥାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜଣେ ଡାକ୍ତର ଓ





ନର୍ସଙ୍କୁ ତାଲିମ୍ ସକାଶେ ପଠାଯାଇଥିବା ଉତ୍ତର ମିଳିଥିଲା । ସର୍ଜରୀ ବିଭାଗ ଡା. ସାଗର ମହାପାତ୍ର କଟକ ଏସ୍‌ସିବି ମେଡ଼ିକାଲ୍ କଲେଜରୁ ଆଇସିୟୁ ପରିଚାଳନା ସମ୍ପର୍କିତ ୩ ମାସିଆ ତାଲିମ୍ ନେଇଛନ୍ତି। କିନ୍ତୁ କୌଣସି ନର୍ସିଂ ଅଫିସର କିମ୍ବା ଅନ୍ୟ ଡାକ୍ତର ତାଲିମ୍ ଗ୍ରହଣ କରିନାହାନ୍ତି । ଆଇସିୟୁ କାର୍ଯ୍ୟକ୍ଷମ କରିବାକୁ ହେଲେ ୩ଟି ସିଫ୍ଟରେ ଡାକ୍ତର ଓ ନର୍ସିଂ ଅଫିସର ଆବଶ୍ୟକ । ଅଥଚ କର୍ମଚାରୀ ଅଭାବ ଦେଖାଇ ଏହି ଗୁରୁତ୍ୱପୂର୍ଣ୍ଣ ଜୀବନ ରକ୍ଷାକାରୀ ୟୁନିଟ୍‌କୁ କାର୍ଯ୍ୟକ୍ଷମ କରାଯାଉନାହିଁ । ରୋଗୀ ବାଧ୍ୟ ହୋଇ ଏମ୍‌କେସିଜି ଯାଉଛନ୍ତି । ନଚେତ୍ ଘରୋଇ ହସ୍‌ପିଟାଲ୍‌କୁ ଯାଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭବାନୀ ଶଙ୍କର ମିଶ୍ର କହିଛନ୍ତି ଯେ, ଶୀଘ୍ର ଆଇସିୟୁ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୫।୦୭।୨୦୨୬, ଆଷାଢ଼ ଦ୩୧ନ, ବୁଧବାର**
**ସୂର୍ଯ୍ୟୋଦୟ- ଘ ୫।୧୮।୧୨ ଚନ୍ଦ୍ରୋଦୟ- ପ୍ରାଘ ୫।୫୯।୦୩**
ପ୍ରତିପଦ ଦିଘ ୧୧।୫୩ ପର୍ଯ୍ୟନ୍ତ । ପୁଷ୍ୟା ନକ୍ଷତ୍ର ରାଘ ୯।୪୯ ପର୍ଯ୍ୟନ୍ତ । କର୍କଟ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୧୧।୫୩ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୮ ଗତେ ଦିଘ ୮।୩୯ ମଧ୍ୟେ। ଦିଘ ୧୦।୧୫ ଗତେ ଦିଘ ୧୧।୨୯ ମଧ୍ୟେ । **ପର୍ବୋତ୍ସବ-** ଉଭା ଯାତ୍ରା, ଚନ୍ଦ୍ର ଦର୍ଶନ ଓ ପୂଜା ଉପବାସ, ରଥ ଆଜ୍ଞାମାଳ ବିଜେ ।




**ମେଷ:** ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପାଇ ଆଗେଇ ଚାଲିବେ। କୁଭୋଜନ କରି ଉଦର ପୀଡ଼ା ଦେଖାଦେବ। କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ। ଆର୍ଥିକ ସ୍ଥିତି ଚିନ୍ତାଜନକ ହେବ। ଗୃହେ ଆନନ୍ଦ ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଧର୍ମ କାର୍ଯ୍ୟରେ ଲିପ୍ତ ରହିବେ। ରୋଜଗାର ଭଲ ହେବ। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଭଲ ରହିବ। ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବାର ସୂଚନା ।



**ମିଥୁନ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ଗୃହେ ଦୁଶ୍ଚିନ୍ତା ଦେଖାଦେବାର ସୂଚନା। ମହିଳାମାନେ ସ୍ୱାର୍ଥପର ହେବେ। ସତକଥା କହି ନିଜ ଲୋକଙ୍କ ପାଖରେ ବିରୋଧି ହେବେ ।



**କର୍କଟ:** ବ୍ୟବସାୟରେ ଲାଭବାନ୍ ହେବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରୋଜଗାର ମଧ୍ୟମ ଧରଣର ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ମହିଳାମାନେ ସୁଖୀ ହେବେ ।



**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅନେକ ଦିନର ଆଶା ପୂରଣ ହେବ। ବ୍ୟବସାୟ ମଧ୍ୟମ ଧରଣର ହେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଶରୀର ସୁସ୍ଥ ରହିବ। ଘରେ ଆନନ୍ଦ ରହିବାର ସୂଚନା ।



**କନ୍ୟା:** ପାରିବାରିକ ଜୀବନ ସୁଖମୟ ହେବ। କଚେରି ମାମଲାରେ ସୁଫଳ ଲାଭ କରିବେ। ସାଧନାରେ ସିଦ୍ଧି ଲାଭ କରିବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଅପରାହ୍ନେ ଶୁଭ ଖବର ପାଇପାରନ୍ତି। ମନ ଭଲ ରହିବ ।



**ତୁଳା:** ବେପାର ବାଣିଜ୍ୟ କ୍ଷେତ୍ରରେ ପ୍ରଗତି ହେବ। ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସପକ୍ଷରେ ଯାଇପାରେ। ପିଲାମାନେ ପାଠପଢ଼ାରେ ଆଗେଇବେ। ରୋଜଗାର ଭଲ ହେବ। ଘରେ ଶାନ୍ତି ରହିବ ।




**ବିଛା:** କାମ ନିମନ୍ତେ ଦୂରକୁ ଯାତ୍ରା କରି ସଫଳତା ଅର୍ଜନ କରିବେ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ପରୋପକାରୀ ହେବେ। ଆୟରେ ଅବନତି ଘଟିପାରେ। ପିଲାଙ୍କ ପାଇଁ ଚିନ୍ତି ହୋଇପାରନ୍ତି ।



**ଧନୁ:** କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କ ସହ ବିଦ୍ୱେଷ ଭାବ ଦେଖାଦେଇପାରେ। ସାବଧାନ ସହକାରେ ଚଳିବେ। ଦୁର୍ଘଟଣା ଘଟିପାରେ। ଖର୍ଚ୍ଚର ପରିମାଣ ବଢ଼ିବ। ପାରିବାରିକ ଅଶାନ୍ତି ଦେଖାଦେବାର ସୂଚନା। ମନ ଅସ୍ଥିର ରହିବ ।



**ମକର:** ସୁସ୍ୱାଦୁ ଭୋଜନରେ ଆପ୍ୟାୟିତ ହେବେ। ପରିଶ୍ରମ ତୁଳନାରେ ପାରିଶ୍ରିକ ପାଇ ଉପକୃତ ହେବେ। ଆୟର ପରିମାଣ ବଢ଼ିବ। ମହିଳାମାନେ ସୁଖୀ ହେବେ। ପାରିବାରିକ ଜୀବନ ସୁଖମୟ ହେବ। ପରୋପକାରୀ ହେବେ ।



**କୁମ୍ଭ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ରୋଜଗାରରେ ଉନ୍ନତି ଦେଖାଦେବ। ଗୃହେ ଶାନ୍ତିର ବାତାବରଣ ରହିବ। ଧର୍ମ କାର୍ଯ୍ୟ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ସାମାଜିକ ସ୍ତରରେ ସମାଲୋଚିତ ହେବାର ସୂଚନା ।



**ମୀନ:** ମାନସିକ ଅଶାନ୍ତି ବଢ଼ିପାରେ। ବ୍ୟବସାୟ ମଧ୍ୟମ ଧରଣର ହେବ। ଖର୍ଚ୍ଚର ପରିମାଣ ବଢ଼ିବ। ଗୃହେ ବିଦ୍ୱେଷ ଭାବ ଦେଖାଦେବ। ପରୋପକାରୀ ହେବେ। ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ। ଦେହ ଭଲ ରହିବ ।

## ମଦ୍ୟପ ଯୁବକର ଉନ୍ମତ୍ତକାଣ୍ଡ:ଛୁରା ମାଡରେ ୩ ଗୁରୁତର, ୨ ଆହତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବାଉଁଶୁଣୀ ଥାନା ମଙ୍ଗଳାମୁଣ୍ଡା ଗ୍ରାମ ନିକଟରେ ମଦ୍ୟପ ଯୁବକର ଛୁରା ମାଡରେ ୩ଜଣ ଗୁରୁତର ହୋଇଥିବା ବେଳେ ୨ଜଣ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ରଶିବନ୍ଧ ଗ୍ରାମର ହିରୋ ମଲ୍ଲିକ ବାଉଁଶୁଣୀ ଛକରୁ ଗୋଛାପଦା ଆଡକୁ ବାଇକ୍ ଯୋଗେ ଯାଉଥିବା ବେଳେ ଶୌଚ ପାଇଁ ଆସୁଥିବା ଜଣେ ନାବାଳିକାକୁ ଧକ୍କା ଦେଇଥିଲା । ରାସ୍ତାରେ ଯାଉଥିବା ଲୋକେ ନାବାଳିକାକୁ ଉଦ୍ଧାର କରି ବାଇକ୍ ଚାଳକକୁ କାବୁ କରିଥିଲେ । ମଦ୍ୟ ପାନ କରିଥିବା ବାଇକ୍ ଚାଳକ ପାଖରେ ରଖିଥିବା ଏକ ଛୁରାରେ ଲୋକଙ୍କୁ ଆକ୍ରମଣ କରିଥିଲା । ଫଳରେ ମାଉଳୀମୁଣ୍ଡା ଗ୍ରାମର ଜିତନଲାଲ୍ ମାଝୀ, ନିତୁ ମେହେର, ଖମ୍ବେଶ୍ୱରୀ ଝୁଲିର ତ୍ରିଲୋଚନ ଦଲାର ଗୁରୁତର ଆହତ ହୋଇଥିଲେ । ସେହିପରି ମଙ୍ଗଳାମୁଣ୍ଡା ଗ୍ରାମର ଭକ୍ତ ରାମମେହେର, ଗୋଛାପଡା ଗ୍ରାମର ରାଜନ୍ ସେଠୀ ଆହତ ହୋଇଥିଲେ । ଲୋକଙ୍କ ମାଡରେ ଛୁରା ମାଡ କରିଥିବା ହିରୋ ମଲ୍ଲିକ ମଧ୍ୟ ଆହତ ହୋଇଥିଲା । ଖବରପାଇ ବାଉଁଶୁଣୀ ପୋଲିସ ପହଞ୍ଚି ବାଇକ୍ ଓ ଛୁରା ଜବତ କରି ଅଭିଯୁକ୍ତକୁ ଥାନାରେ ଅଟକ ରଖିଛି । ଗୁରୁତର ଥିବା ୩ ଜଣଙ୍କୁ ସୋନପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୬।୦୭।୨୦୨୬, ଆଷାଢ଼ ଦ୩୨ନ, ଗୁରୁବାର**
**ସୂର୍ଯ୍ୟୋଦୟ- ଘ ୫।୧୮।୩୪ ଚନ୍ଦ୍ରୋଦୟ- ପ୍ରାଘ ୭।୦୫।୪୯**
ଦ୍ୱିତୀୟା ଦିଘ ୮।୫୫ ପର୍ଯ୍ୟନ୍ତ । ଅଶ୍ଳେଷା ନକ୍ଷତ୍ର ରାଘ ୭।୫୫ ପର୍ଯ୍ୟନ୍ତ । କର୍କଟ ଚନ୍ଦ୍ର ରାଘ ୭।୫୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । ରାଘ ୭।୫୫ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ରାଘ ୭।୫୫ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ଦିଘ ୮।୫୫ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୧ ଗତେ ଦିଘ ୭।୦୬ ମଧ୍ୟେ। ଦିଘ ୧୦।୩୬ ଗତେ ଦିଘ ୧।୧୩ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀ ଗୁଣ୍ଡିଚା ରଥଯାତ୍ରା, ମାସାନ୍ତ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ମଧ୍ୟପ୍ରାଚ୍ୟ ଯୁଦ୍ଧର ଭୟଙ୍କର ରୂପ

ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଭୟାନକ ରୂପ ନେବାରେ ଲାଗିଛି । ଏହି ମହାଯୁଦ୍ଧରେ ମୃତ୍ୟୁ ହୋଇଥିବା ଆମେରିକୀୟ ସୈନିକଙ୍କ ସଂଖ୍ୟା ଏବେ ୧୪ରେ ପହଞ୍ଚିଛି । ଆରବ ସାଗରରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଗମ୍ଭୀର ଭାବେ ଆହତ ହୋଇଥିବା ଆମେରିକା ନୌସେନାର ଜଣେ ପାଇଲଟଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହେବା ପରେ ଏହି ସଂଖ୍ୟା ବୃଦ୍ଧି ପାଇଛି । ଅନ୍ୟପଟେ ଯୁଦ୍ଧରେ ଆହତ ହୋଇଥିବା ଆମେରିକୀୟ ସୈନିକଙ୍କ ସଂଖ୍ୟା ୪୧୪କୁ ବୃଦ୍ଧି ପାଇଥିବା ନେଇ ଆମେରିକା ସେଣ୍ଟ୍ରାଲ କମାଣ୍ଡ (CENTCOM) ସୂଚନା ଦେଇଛି । ମସ୍ତିଷ୍କରେ ଗମ୍ଭୀର ଆଘାତର ଶିକାର ସୈନିକ ଆମେରିକା ସେନା ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆହତ ହୋଇଥିବା ସୈନିକମାନଙ୍କ ମଧ୍ୟରୁ ଅଧିକାଂଶ 'ଟ୍ରମାଟିକ ବ୍ରେନ୍ ଇଞ୍ଜୁରି' ବା ମସ୍ତିଷ୍କରେ ଗମ୍ଭୀର ଆଘାତର ଶିକାର ହୋଇଛନ୍ତି । କ୍ଷେପଣାସ୍ତ୍ର ମାଡ଼ ଏବଂ ବଡ଼ ଧରଣର ବିସ୍ଫୋରଣ ଯୋଗୁଁ ସୈନିକମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଚଳିତ ବର୍ଷ ମାର୍ଚ୍ଚ ମାସରେ ଯୁଦ୍ଧ ଆରମ୍ଭ ହେବା ପରେ ଏହା ହେଉଛି ନୂଆ ମୃତ୍ୟୁ ମାମଲା । ଏହା ପୂର୍ବରୁ ବିଭିନ୍ନ ସଂଘର୍ଷ ଏବଂ ଦୁର୍ଘଟଣାରେ ୧୩ ଜଣ ଆମେରିକୀୟ ସୈନିକ ପ୍ରାଣ ହରାଇଥିଲେ । ହେଲିକପ୍ଟର କ୍ରାଶ୍ ନେଇ ପେଣ୍ଟାଗନର ସ୍ପଷ୍ଟୀକରଣ ସାମ୍ପ୍ରତିକ ସ୍ଥିତିରେ ଆମେରିକା ଓ ଇରାନ ମଧ୍ୟରେ ପୁଣି ଥରେ ଆକ୍ରମଣ ପ୍ରତିଆକ୍ରମଣ ତେଜିବାରେ ଲାଗିଛି । ତେବେ ଜୁଲାଇ ୧ରେ ଘଟିଥିବା ହେଲିକପ୍ଟର ଦୁର୍ଘଟଣାକୁ ନେଇ ଆମେରିକା ନୌସେନା ପୂର୍ବରୁ ଏହାକୁ ଏକ ଜରୁରୀକାଳୀନ ଅବତରଣ ବୋଲି କହିଥିଲା । କୌଣସି ଶତ୍ରୁପକ୍ଷର ଆକ୍ରମଣ ଯୋଗୁଁ ହେଲିକପ୍ଟରଟି କ୍ରାଶ୍ ହୋଇନଥିବା ସେନା ସ୍ପଷ୍ଟ କରିଥିଲା । ଏହି ଦୁର୍ଘଟଣାରେ ଅନ୍ୟ ୩ ଜଣ ସୈନିକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ପାଇଲଟଙ୍କର ମୃତ୍ୟୁ ଘଟିଛି । ଆମେରିକା ପ୍ରତିରକ୍ଷା ବିଭାଗ 'ପେଣ୍ଟାଗନ' ଏହାକୁ ଯୁଦ୍ଧକାଳୀନ ମୃତ୍ୟୁ ଶ୍ରେଣୀରେ ସାମିଲ କରିନାହିଁ । କୁଏତ୍, ସାଉଦି ଓ ଇରାକରେ ୧୩ ସୈନ୍ୟଙ୍କ ଜୀବନ ଯାଇଥିଲା । ଏହା ପୂର୍ବରୁ ଘଟିଥିବା ୧୩ଟି ମୃତ୍ୟୁ ମଧ୍ୟରୁ କୁଏତରେ ଏକ କମାଣ୍ଡ ସେଣ୍ଟର ଉପରେ ଇରାନର ଡ୍ରୋନ୍ ଆକ୍ରମଣ ଯୋଗୁଁ ୬ ଜଣ ଆମେରିକୀୟ ସୈନିକ ପ୍ରାଣ ହରାଇଥିଲେ । ସାଉଦି ଆରବରେ ପ୍ରିନ୍ସ ସୁଲତାନ ଏୟାର ବେସରେ ହୋଇଥିବା ଆକ୍ରମଣରେ ଜଣେ ସୈନିକ ଗୁରୁତର ହୋଇ ପ୍ରାଣ ହରାଇଥିଲେ । ଇରାକରେ ସେନା ଅପରେସନରେ ନିୟୋଜିତ ଥିବା ଆମେରିକୀୟ ବାୟୁସେନାର ଏକ KC-୧୩୫ ଇନ୍ଧନ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁଁ ୬ ଜଣ ସୈନିକଙ୍କ ମୃତ୍ୟୁ ହୋଇଥିଲା । ସେଣ୍ଟ୍ରାଲ କମାଣ୍ଡର ସୂଚନା ମୁତାବକ, ନିକଟରେ ଆମେରିକୀୟ ଏୟାରଫୋର୍ସର ଆଉ ଜଣେ ଯବାନ ଆହତଙ୍କ ତାଲିକାରେ ସାମିଲ ହୋଇଛନ୍ତି । ତେବେ ତାଙ୍କ ଆଘାତ ସମ୍ପର୍କରେ କୌଣସି ବିଶେଷ ସୂଚନା ଦିଆଯାଇ ନାହିଁ । ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ, ଆହତ ହୋଇଥିବା ଅଧିକାଂଶ ସୈନିକ ସୁସ୍ଥ ହେବା ପରେ ପୁଣି ଥରେ ନିଜ ନିଜ କାର୍ଯ୍ୟରେ ଯୋଗ ଦେଇଛନ୍ତି ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ବ୍ୟକ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ବ୍ୟକ୍ତି ଯେ ପର୍ଯ୍ୟନ୍ତ ବ୍ୟକ୍ତିତ୍ୱର ବିକାଶ ନ କରିଛି ସେ ପର୍ଯ୍ୟନ୍ତ ସେ ମାୟାର ବନ୍ଧନରେ ଥାଏ । କେବଳ ସେ ହିଁ ସେହି ହୋଇଥାଏ। ପଶୁ ପ୍ରକୃତିକୁ ଆଧାର କରି ଚାଲିଥାଏ । କାମ, କ୍ରୋଧ, ଲୋଭ, ମୋହରେ ଆବୃତ ହୋଇଥାଏ । । ନିଜେ ଖାଇବ ନିଜେ ବଞ୍ଚିବ ନିଜର ସୁଖ ସ୍ୱାଛନ୍ଦ୍ୟ କୁ ଜାହିର କରୁଥାଏ ପ୍ରତିମୂହୂର୍ତ୍ତରେ ଏହା ହିଁ ତ ମାୟା, ମନୁଷ୍ୟ ଜନ୍ମର ସାର୍ଥକତାକୁ ସେ ଭୂଲିଯାଇଥାଏ । ପରଶ୍ରୀକାତରତାର ନିଶାରେ ସେ ମୋହାନ୍ଧ ହୋଇ ସଂସାର ଓ ସମାଜର ବୋଝ ହୋଇଥାଏ । ତେଣୁ ଏ ବୋଝ ତାକୁ ଏତେ ଭାରି ପଡେ ଯେ ପରିଶେଷରେ ତାର ନିଜର ଲୋକ ମାନେହିଁ ତାକୁ ଘୃଣା କରୁଥାଆନ୍ତି । କିନ୍ତୁ ସେ ଭାବେ ମୁଁ ଯାହା କରୁଛି ଠିକ୍ କରୁଛି । ଯାହା କରିଛି ସେବି ଠିକ୍ । କିନ୍ତୁ ପରିଶେଷରେ ମନୁଷ୍ୟ ହିତା ହିତ ଜ୍ଞାନ ଭୂଲି ନର୍କଗାମୀ ହୋଇଥାଏ । ତେଣୁ ହେ ସୁଧିଜନ ବେଳହୁଁ ଗୋବିନ୍ଦ ସୁମର । ଆମେ ଯାହା କରୁଛୁ ତାହା ଠିକ୍ ବୋଲି ଆମେ କହିଲେ ହେବନାହିଁ । କାରଣ ମନୁଷ୍ୟର ଦର୍ପଣ ହେଉଛି ସମାଜ, ତୁମର କର୍ମକୁ ସମାଜ ଦେଖିଛି କାରଣ ବହୁ ଲୋକଙ୍କ ହୃଦୟରେ ଯେଉଁ ଭାବ ଜାଗ୍ରତ ହୁଏ ତାହାହିଁ ଈଶ୍ୱର ବାଣୀ । ଆମେ କହିଲେ କେମିତି ହେବ । ତେଣୁ ହେ ସୁଧିଜନ ସବୁ ମୂହୂର୍ତ୍ତରେ ବ୍ୟକ୍ତିଗତ ମନଭାବ ଭୂଲି ସମାଜର ଅଗ୍ରଗତି ଦିଗରେ ସଚେତନ ହେଲେ ଈଶ୍ୱର ନିଶ୍ଚୟ ତୁମକୁ ଆର୍ଶୀବାଦ କରିବେ । ହରିଓଁ ।

◆◆

# କେରଳର ବିଶ୍ୱପ୍ରସିଦ୍ଧ ପଦ୍ମନାଭ ସ୍ୱାମୀଙ୍କ ମନ୍ଦିର-୨



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଅଧୁନା ଦେଖାଯାଉଥିବା ଗୋପୁରମ୍‌ର ମୂଳଦୂଆ ୧୫୬୬ ମସିହାରେ ନିର୍ମିତ ହୋଇଥିଲା । ଏହା ୧୦୦ଫୁଟ ଉଚ୍ଚତା ବିଶିଷ୍ଟ । ସେଥିରେ ସପ୍ତସ୍ତରୀୟ ଗୋପୁରମ ରହିଛି ଯାହା ପାଣ୍ଡ୍ୟାନ୍ ଶୈଳୀରେ ନିର୍ମିତ ହୋଇଛି । ପଦ୍ମତୀର୍ଥମ୍ ନାମକ ଏକ ପୁଷ୍କରିଣୀ ପାର୍ଶ୍ୱରେ ମନ୍ଦିରଟି ଅବସ୍ଥିତ । ଏହି ମନ୍ଦିରର ବାରଣ୍ଡା ୩୬୫ ଫୁଟ ଏବଂ ଏହାର ଏକ ଚତୁର୍ଥାଂଶ ମୂର୍ତ୍ତିକଳା ସମ୍ପର୍କୀୟ ଗ୍ରାନାଇଟ୍ ପ୍ରସ୍ତରର ନିର୍ମିତ ଖମ୍ବ ରହିଛି । ଏହା ପୂର୍ବରୁ ଗର୍ଭଗୃହ ପର୍ଯ୍ୟନ୍ତ ବିସ୍ତୃତ । ଏହି କଳାକୃତି ମୂର୍ତ୍ତିକଳା ବିଶ୍ୱକର୍ମା ସ୍ଥାପତ୍ୟର ଅଂଶ ବିଶେଷ ବୋଲି କୁହାଯାଏ । ମୁଖ୍ୟ ପ୍ରବେଶଦ୍ୱାର ସାମନାରେ ଏକ ଅଶୀଫୁଟ୍ ଲମ୍ବର ପତାକା ସ୍ତମ୍ଭ ରହିଛି । ଗୋପୁରମ୍‌ର ତଳ ମହଲାକୁ (ପୂର୍ବ ଦିଗର ମୁଖ୍ୟ ପ୍ରବେଶ ପଥ) 'ନାଟ ମନ୍ଦିର' କୁହାଯାଏ । ଯେଉଁଠାରେ ପ୍ରସିଦ୍ଧ ମନ୍ଦିର କଳା କଥାକଳୀକୁ ଦଶଦିନ ଧରି ପାଳିତ ହେଉଥିବା ଉତ୍ସବରେ ମଞ୍ଚସ୍ଥ କରାଯାଇଥାଏ । ଏହି ଉତ୍ସବ ବର୍ଷରେ ଦ୍ୱିତୀୟ ଥର ମାଲାୟାଲମ୍ ମାସ 'ମିନାମ' ଓ 'ଥୁଲମ୍'ରେ ହୋଇଥାଏ ।

ଧନାଗାର:

ମନ୍ଦିରରେ ଥିବା ୬ଗୋଟି ଭୂତଳ ଧନାଗାରର ମଧ୍ୟରୁ କକ୍ଷ (ବି) ଭଗବାନ ଶ୍ରୀପଦ୍ମନାଭଙ୍କ ସହିତ ଅତି ନିବିଡ଼ ଭାବରେ ଜଡ଼ିତ । ମହାରାଜା ଶ୍ରୀ ଚିଥିରା ଥିରୁନାଲ୍ ବଳରାମ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ କକ୍ଷ (ବି)ର ବାହ୍ୟ ପାର୍ଶ୍ୱ ପ୍ରକୋଷ୍ଠକୁ ୧୯୩୧ ମସିହାରେ ଖୋଲା ଯାଇଥିଲା । ଯାହାକି ଦୈନିକ ହିନ୍ଦୁର ୦୬.୧୨.୧୯୩୧ରେ ପ୍ରକାଶ ପାଇଥିଲା । ଦିନ ୧୦ଟା ବେଳେ ଥିବା ଏକ ଶୁଭ ମୁହୂର୍ତ୍ତରେ ଏହାକୁ ଖୋଲା ଯିବାବେଳେ କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଏକ ଆମ୍ବୁଲାନ୍ସ ମଧ୍ୟ ଅପେକ୍ଷାରେ ରହିଥିଲା । ୨୦୧୧ ମସିହାରେ ଏହାକୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକମାନଙ୍କ ଉପସ୍ଥିତିରେ ଖୋଲାଯାଇଥିଲା । କିନ୍ତୁ ସେହି ପର୍ଯ୍ୟବେକ୍ଷକମାନେ ଭିତର ପ୍ରକୋଷ୍ଠକୁ ଖୋଲିନଥିଲେ । ସମ୍ଭବତଃ ପ୍ରକୋଷ୍ଠରେ ଶ୍ରୀଚକ୍ରମ ନାମରେ ପଦ୍ମନାଭଙ୍କର ଏକ ମୂର୍ତ୍ତି ରହିବା ସହିତ ବହୁ ମୂଲ୍ୟବାନ ଧନରାଶି ରହିଛି ଯାହା କି ଅଧିଷ୍ଠ ଦେବତାଙ୍କର ପ୍ରଭାବ ଶକ୍ତିକୁ ଦର୍ଶାଉଛି । ଦେବତା, ଋଷି ଏବଂ କାଞ୍ଜିରୋଟୁ ଏହି ପ୍ରକୋଷ୍ଠରେ ଭଗବାନଙ୍କର ପୂଜା କରିଥାନ୍ତି । କାଞ୍ଜିରୋଟୁଙ୍କ ଭୟଙ୍କର ରୂପ ମୁଖ୍ୟ ପୀଠର ଦକ୍ଷିଣ-ପଶ୍ଚିମ ଭାଗରେ ଚିତ୍ରିତ ହୋଇଛି । ଥେକେଡମ୍‌ର ଭଗବାନ ଉଗ୍ର ନରସିଂହଙ୍କୁ ବୀର ରକ୍ଷକ ରୂପେ ବିଶ୍ୱାସ କରାଯାଏ । କକ୍ଷ (ବି)ର ଦ୍ୱାର ଉପରେ ଏକ ସର୍ପର ଛବି ରହିଛି । ଏହାକୁ ଖୋଲିବା ପାଇଁ ଉଦ୍ୟମ କଲେ ମହା ବିପଦର ସଙ୍କେତ ଆସିଥାଏ । ୨୦୧୧ ମସିହା ଅଗଷ୍ଟରେ ଆୟୋଜିତ ଏକ ଚାରିଦିନିଆ ଅଷ୍ଟମଙ୍ଗଳ ଦେବଦର୍ଶନ ସମୟରେ ସେହି କକ୍ଷର ଭିତର ପ୍ରକୋଷ୍ଠକୁ ନିଷିଦ୍ଧ ସ୍ଥାନ ଭାବରେ ଘୋଷଣା କରାଯାଇଥିଲା ।

Emily Gilchrist Hatch ନାମକ ଲେଖକ ତାଙ୍କ ପୁସ୍ତକ "Travancore: A Guide Book for the Visitor" Oxford University, Press, ୧୯୩୩ରେ ୧୯୩୧ ଏବଂ ୧୯୦୮ ମସିହାରେ ଏହି କକ୍ଷକୁ ଖୋଲିବାରେ ଅସଫଳ ପ୍ରୟାସ ବିଷୟରେ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି ଯେ ୧୯୦୮ ମସିହାରେ ଯେତେବେଳେ ରାଜ୍ୟ ପାଇଁ ଅତିରିକ୍ତ ପାଣ୍ଠିର ଆବଶ୍ୟକତା ହେଲା ସେତେବେଳେ ଏହାକୁ ଖୋଲି ବ୍ୟବହାର କରିବାକୁ ପ୍ରୟାସ କରାଯାଇଥିଲା । ତେଣୁ କିଛି ଲୋକ ମିଳିତ ହୋଇ କକ୍ଷ ମଧ୍ୟକୁ ପ୍ରବେଶ କରିବା ଉଦ୍ୟମ କରିବାବେଳେ ଏହା ଭିତରେ ବହୁ ସଂଖ୍ୟକ ନାଗସାପ ଥିବାର ଦେଖି ପ୍ରାଣ ବିକଳରେ ସେଠାରୁ ପଳାଇ ଆସିଥିଲେ । କିନ୍ତୁ ଗୋପାଳ ସୁବ୍ରମନ୍ୟ ସ୍ୱାମୀ ୨୦୧୪ ଏପ୍ରିଲ ମାସରେ ସର୍ବୋଚ୍ଚ ନ୍ୟାୟାଳୟରେ ଦାଖଲ କରିଥିବା ତାଙ୍କ ରିପୋର୍ଟରେ ଆଉ ଏକ ଦେବପ୍ରସନ୍ନମ ଆୟୋଜନ କରି କକ୍ଷକୁ ଖୋଲିବା ପାଇଁ ସୁପାରିଶ କରିଥିଲେ । ପୁଷ୍ପାଞ୍ଜଳି ସ୍ୱାମୀୟାର ଯିଏ କି ପଦ୍ମନାଭ ସ୍ୱାମୀ ମନ୍ଦିରର ଆଧ୍ୟାତ୍ମିକ ଉତ୍ତରାଧିକାରୀ, ଫେବୃୟାରୀ ୨୦୧୬ରେ ପ୍ରଶାସନିକ ସମିତିର ଅଧକ୍ଷ ଏବଂ କାର୍ଯ୍ୟକାରୀ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ କକ୍ଷର ଭିତର ପାର୍ଶ୍ୱକୁ ଖୋଲିବାରେ ନିଜର ଦୃଢ଼ ପ୍ରତିବାଦ ଜଣାଇଥିଲେ ।

ଦୈନିକ ସେବା ଓ ହେଉଥିବା ଉତ୍ସବମାନ:

ଏହି ମନ୍ଦିରରେ ବହୁ ଦେବ ଉତ୍ସବମାନ ପାଳନ କରାଯାଏ । ଆଲ୍‌ପାସୀ ନାମରେ ଉତ୍ସବ ଅକ୍ଟୋବର / ନଭେମ୍ବରର ଏବଂ ପାଙ୍ଗମ୍ ଉତ୍ସବ ମାର୍ଚ୍ଚ / ଏପ୍ରିଲ ମାସରେ ପାଳନ ହୋଇଥାଏ । ଉଭୟ ଉତ୍ସବ ୧୦ଦିନ ଧରି ପାଳିତ ହୁଏ । ଉତ୍ସବର ନବମ ଦିନରେ ଟ୍ରାଭାନ୍‌କୋର୍ ମହାରାଜା ନିଜର କ୍ଷମତା ବଳରେ ଦେବତାମାନଙ୍କୁ ଭେଟକାଲମ୍ ଅଭିମୁଖେ ପଲ୍ଲିଭେଟ କରିବା ପାଇଁ ନେଇଥାନ୍ତି । ବହୁ ଶତାବ୍ଦୀ ପୂର୍ବରୁ ଏହି ପଲ୍ଲିଭେଟ ଶୋଭାଯାତ୍ରା କାଇଥାମୁକ୍କୁ (Kaithamukku), କୁଥବରଭଟମ୍ (Kuthiravattom), ପାରହୟା (Parhaya), ଶ୍ରୀକଣ୍ଠକେଶ୍ୱରମ୍ (Sreekanteswaram) ଏବଂ ପୁଥରୀକାଣ୍ଡମ (Putharikkandam) ଇତ୍ୟାଦି ସ୍ଥାନ ଦେଇ ଅତିକ୍ରମ କରୁଥିବାର କୁହାଯାଏ । ଏହି କାର୍ଯ୍ୟକ୍ରମ ସନ୍ଧ୍ୟା ସମୟରେ ହୁଏ । ଟ୍ରାଭାଙ୍କୋର ମହାରାଜା ଆରତ ଶୋଭାଯାତ୍ରାରେ ଚାଲି ଚାଲି ଯାଇଥାନ୍ତି । ଆରତ ଶବ୍ଦର ଅର୍ଥ ପବିତ୍ର ସ୍ନାନ । ଏହି ପବିତ୍ର ସ୍ନାନ ପାଇଁ ଦେବତାମାନଙ୍କୁ (Shankumusham) ସମୁଦ୍ର ତଟକୁ ଶୋଭାଯାତ୍ରାରେ ନିଆଯାଇଥାଏ । ପଦ୍ମନାଭ ସ୍ୱାମୀଙ୍କର 'ଉତ୍ସବ ବିଗ୍ରହ' ନରସିଂହ ଏବଂ କ୍ରିଷ୍ଣା ସ୍ୱାମୀ ବିଗ୍ରହମାନଙ୍କୁ ଏହି ପବିତ୍ର ସ୍ନାନ ମଧ୍ୟ କରାଯାଇଥାଏ । ଏହି ସ୍ନାନ ଉତ୍ସବରେ ବିଗ୍ରହମାନଙ୍କୁ ପାରମ୍ପରିକ ମଶାଲ୍ ଶୋଭାଯାତ୍ରାରେ ପୁନର୍ବାର ମନ୍ଦିରକୁ ଅଣାଯାଇ ଉତ୍ସବକୁ ସମାପନ କରାଯାଏ ।

ପଦ୍ମନାଭ ମନ୍ଦିର ସହିତ ସମ୍ବନ୍ଧିତ ଏକ ପ୍ରମୁଖ ବାର୍ଷିକ ଉତ୍ସବ ହେଉଛି ନବରାତ୍ରୀ । ସରସ୍ୱତୀ ଅମ୍ମାନ୍, ମୁନ୍ ଉଦିଆ ନାଗାଇ ଏବଂ କୁମାର ସ୍ୱାମୀଙ୍କର ମୂର୍ତ୍ତିକୁ ପଟୁଆର ମାଧ୍ୟମରେ ପଦ୍ମନାଭ ମନ୍ଦିର ସମ୍ମୁଖରେ ଥିବା କୁଥିରା ମଳିକା ପ୍ରାସାଦକୁ ଅଣାଯାଏ । ଏହି ଉତ୍ସବଟି ନଅ ଦିନ ଧରି ଚାଲେ । ପ୍ରସିଦ୍ଧ ସ୍ୱାଥୀ ସଙ୍ଗୀତ କାର୍ଯ୍ୟକ୍ରମ ପ୍ରତି ବର୍ଷ ଏହି ଉତ୍ସବ ସମୟରେ ଆୟୋଜିତ ହୋଇଥାଏ ।

ଏହି ମନ୍ଦିରର ସବୁଠାରୁ ବଡ଼ ଉତ୍ସବ ହେଉଛି ଲକ୍ଷଦ୍ୱିପମ୍ ଯାହାର ଅର୍ଥ ହେଉଛି ଏକ ଲକ୍ଷ ଦୀପ । ଏହି ଉତ୍ସବ ପ୍ରତି ଛଅବର୍ଷରେ ଥରେ ପାଳିତ ହୁଏ । ଉତ୍ସବ ପୂର୍ବରୁ ୫୬ଦିନ ପାଇଁ ପ୍ରାର୍ଥନା ଏବଂ ତିନି ବେଦର ପାଠ କରାଯାଏ । ଅନ୍ତିମ ଦିବସରେ ମନ୍ଦିର ଭିତରେ ଏବଂ ପରିସରରେ ଏକ ଲକ୍ଷ ଦୀପ ଜଳାଯାଏ ।

ପୂଜକ ସମ୍ପ୍ରଦାୟ:

ତ୍ରିଚୁରଠାରେ ଆଦିଶଙ୍କରଙ୍କ ଅନୁଗାମୀମାନଙ୍କ ଦ୍ୱାରା ସ୍ଥାପିତ ଯେକୌଣସି ଏକ ମଠର ସନ୍ନ୍ୟାସୀମାନେ ପଦ୍ମନାଭ, ନରସିଂହ ଏବଂ କ୍ରୀଷ୍ଣା ସ୍ୱାମୀ ବିଗ୍ରହଙ୍କୁ ପ୍ରତିଦିନ ପୁଷ୍ପାଞ୍ଜଳି ଦେଇଥାନ୍ତି । ପ୍ରାରମ୍ଭରୁ କୋପାବଲା ପୋଟିଜ୍ ଏହି ମନ୍ଦିରର ତାନ୍ତ୍ରିକ ଥିଲେ । ପରବର୍ତ୍ତୀ ସମୟରେ ତନ୍ତ୍ରରମଂକୁ ଇରାନଜଲକୁଜାର ଥରାନାନ୍‌ଲୁର ନାମ୍ବଥିରୀପବକୁ ସ୍ଥାନାନ୍ତରିତ କରାଗଲା । ସମୁଦାୟ ୪ଜଣ ନାମ୍ବିୟାର ମନ୍ଦିରର ମୁଖ୍ୟ ପୂଜାରୀ ଅଟନ୍ତି । ପେରୟାନାମ୍ବି ଏବଂ ପଞ୍ଚଗାସିଆଥୁ ନାମ୍ବି ଭଗବାନ ପଦ୍ମନାଭଙ୍କ ପାଇଁ ନିୟୋଜିତ ହୋଇଥିବା ବେଳେ ଜଣେ ଲେଖାଏ ନାମ୍ବି ନରସିଂହ ଓ କ୍ରୀଷ୍ଣା ସ୍ୱାମୀଙ୍କ ବିଗ୍ରହ ଦ୍ୱୟଙ୍କ ପାଇଁ ନିୟୋଜିତ ଅଛନ୍ତି ।

ମନ୍ଦିର ପରିଚାଳନା:

ପଦ୍ମନାଭ ସ୍ୱାମୀ ମନ୍ଦିର ଓ ଏହାର ସମ୍ପତ୍ତିକୁ ଇଟୁଭତ୍ତି ପିଲାମାର (Ettuveetil Pillamar) (Lords of the Eight Houses)ଙ୍କ ସହାୟତାରେ ନିୟନ୍ତ୍ରଣ କରୁଥିଲେ । ଇଟରା ଯୋଗମ୍ (Ettara Yogam) (King's Council of Eight) ପୁଷପାଙ୍ଗଳି ସ୍ୱାମୀୟାର (Pushpangali Swamiyar), ଥିରୁଅନନ୍ତପୁରାଥୁ ସଭା (Thiruvanathpurathu Sabha)ର ୬ ସଦସ୍ୟ, ସଭାନିଥାନ (Sabhanithan) (ସଚିବ) ଏବଂ ଅର୍ଚ୍ଚନ (Arachan) (Travancoree cjûeÛRû)ଙ୍କୁ ନେଇ ଏହି ପରିଷଦ ଗଠିତ । ମନ୍ଦିରର ପ୍ରଶାସନ ବ୍ୟବସ୍ଥା ମୁଖ୍ୟତଃ ଥିରୁଅନନ୍ତପୁରାଥୁ ସଭା (Thiruvananthapurathu Sabha) ଉପରେ ନିର୍ଭର କରୁଥିଲା । ଏହି ସଭାର ସଦସ୍ୟମାନେ ହେଲେ କୁପାକରା ପୋଡି (Koopakkara Potti), ଭାନଚିୟୁର ପୋଡି (Vanchiyoor Potti), କୋଲିଉର ଅଥିୟାର ପୋଡି (Koliur Athiyara Potti), ମୁତାଭିଲ ପୋଡି (Muttavila Potti), କାରୁଭ ପୋଡି (Karuva Potti) ଏବଂ ନେୟଥାସେରି ପୋଡି (Neythasseri Potti) ଓ ପୁଷ୍ପାଞ୍ଜଳି ସ୍ୱାମୀୟାର (Pushpanjali Swamiyar) ଏହି ସଭାର ଅଧକ୍ଷ୍ୟତା କରନ୍ତି । ସଭାରେ ନିଆଯାଉଥିବା ନିର୍ଣ୍ଣୟଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଟ୍ରାଭାଙ୍କୋର ମହାରାଜାଙ୍କ ଅନୁମୋଦନର ଆବଶ୍ୟକତା ଥାଏ ।

(କ୍ରମଶଃ)

# ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଏବଂ ସାମାଜିକ ଜୀବନ ଦର୍ଶନ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬

ଜଗନ୍ନାଥ ସଂସ୍କୃତି ଭାରତୀୟ ସନାତନ ପରମ୍ପରା, ପୁରାଣ, ଲୋକବିଶ୍ୱାସ ଏବଂ ଓଡ଼ିଆ ସାଂସ୍କୃତିକ ଐତିହ୍ୟର ଏକ ଅପୂର୍ବ ସମନ୍ୱୟ । ନେତ୍ରୋତ୍ସବର ପରମ୍ପରା ମଧ୍ୟ ଏହି ଦୀର୍ଘ ଆଧ୍ୟାତ୍ମିକ ପରମ୍ପରା ସହ ଜଡ଼ିତ । ଭକ୍ତମାନଙ୍କ ବିଶ୍ୱାସ ଅନୁଯାୟୀ, ଶ୍ରୀଜଗନ୍ନାଥ କେବଳ ଦାରୁବିଗ୍ରହ ନୁହନ୍ତି; ସେ ନିଜ ଭକ୍ତଙ୍କ ପାଇଁ ମାନବୀୟ ଲୀଳା କରନ୍ତି । ସେ ଜନ୍ମ, ସ୍ନାନ, ରୋଗ, ବିଶ୍ରାମ, ଚିକିତ୍ସା ଏବଂ ପୁନର୍ବାର ସୁସ୍ଥ ହେବାର ଲୀଳା ମାଧ୍ୟମରେ ମାନବଜୀବନର ବିଭିନ୍ନ ଅବସ୍ଥାକୁ ପ୍ରତିଫଳିତ କରନ୍ତି । ସ୍ନାନ ପୂର୍ଣ୍ଣିମାରେ ୧୦୮ ଘଟ ପବିତ୍ର ଜଳରେ ମହାସ୍ନାନ ପରେ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇଥିବାର ଲୀଳା କରନ୍ତି । ଅନବସର ସମୟରେ ସେ ଜନସାଧାରଣଙ୍କ ଦର୍ଶନରୁ ଦୂରେ ରହନ୍ତି । ଏହି ସମୟରେ ଶ୍ରୀଅଙ୍ଗର ନବୀକରଣ ସହିତ ନୂତନ ନେତ୍ର ଅଙ୍କନ କରାଯାଏ । ଏହାକୁ ନେତ୍ରୋତ୍ସବ କୁହାଯାଏ । 'ନେତ୍ରୋତ୍ସବ' ଶବ୍ଦଟି ଦୁଇଟି ଶବ୍ଦରୁ ଗଠିତ—'ନେତ୍ର' ଅର୍ଥ ଆଖି ଏବଂ 'ଉତ୍ସବ' ଅର୍ଥ ପର୍ବ । ଅର୍ଥାତ୍ ଶ୍ରୀବିଗ୍ରହଙ୍କ ନୂତନ ନେତ୍ର ଅଙ୍କନ ହେବାର ପବିତ୍ର ଅବସର ହେଉଛି ନେତ୍ରୋତ୍ସବ । ଆଖି ମନୁଷ୍ୟର ଜ୍ଞାନ, ଚେତନା ଓ ଦର୍ଶନର ପ୍ରତୀକ । ସେହିପରି ଶ୍ରୀଜଗନ୍ନାଥଙ୍କ ନେତ୍ର କେବଳ ଏକ କଳାତ୍ମକ ଅଙ୍କନ ନୁହେଁ; ଏହା ତାଙ୍କର ସର୍ବଜ୍ଞ, ସର୍ବଦର୍ଶୀ ଏବଂ କରୁଣାମୟ ସ୍ୱରୂପର ପ୍ରତୀକ । ଭକ୍ତମାନଙ୍କ ବିଶ୍ୱାସ ଯେ, ନେତ୍ରୋତ୍ସବ ପରେ ମହାପ୍ରଭୁ ପୁନର୍ବାର ସମଗ୍ର ବିଶ୍ୱ ଉପରେ ତାଙ୍କର କୃପାଦୃଷ୍ଟି ବର୍ଷା କରନ୍ତି । ଅନବସରର ଶେଷ ଦିନରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନେତ୍ର ଅଙ୍କନ କରାଯାଏ । ଏହି ନୀତି ଅତ୍ୟନ୍ତ ଗୁପ୍ତ ଓ ପବିତ୍ର । ନିର୍ଦ୍ଦିଷ୍ଟ ସେବକ ବ୍ୟତୀତ ଅନ୍ୟ କାହାକୁ ଏହି ସମୟରେ ଉପସ୍ଥିତ ରହିବାର ଅନୁମତି ନଥାଏ । ପ୍ରଥମେ ଶ୍ରୀଅଙ୍ଗରେ ନୂତନ ରଙ୍ଗ ଲଗାଯାଏ । ଏହାପରେ ମୁଖମଣ୍ଡଳକୁ ସୁନ୍ଦର ଭାବରେ ସଜାଯାଏ । ସବୁଶେଷରେ ନେତ୍ର ଅଙ୍କନ କରାଯାଏ । ନେତ୍ର ଅଙ୍କନ ସମାପ୍ତ ହେବା ପରେ ଶ୍ରୀବିଗ୍ରହଙ୍କ ରୂପ ପୂର୍ଣ୍ଣତା ପ୍ରାପ୍ତ କରେ । ଏହି ନୀତି ସମୟରେ ନିର୍ଦ୍ଦିଷ୍ଟ ମନ୍ତ୍ରୋଚ୍ଚାରଣ, ଶୁଦ୍ଧାଚାର ଓ ପାରମ୍ପରିକ ନିୟମ କଠୋର ଭାବରେ ପାଳନ କରାଯାଏ । ଚିତ୍ରକାର ସେବକମାନେ ଶ୍ରୀମନ୍ଦିରର ଏକ ପ୍ରାଚୀନ ସେବାୟତ ପରମ୍ପରାର ଅଂଶ । ସେମାନଙ୍କର ଦାୟିତ୍ୱ କେବଳ ଚିତ୍ର ଅଙ୍କନ ନୁହେଁ; ସେମାନେ ପିଢ଼ି ପରମ୍ପରାରେ ମହାପ୍ରଭୁଙ୍କ ରୂପ, ବେଶ ଓ ରଙ୍ଗର ପରମ୍ପରାକୁ ସୁରକ୍ଷିତ ରଖିଆସୁଛନ୍ତି । ନେତ୍ରୋତ୍ସବ ସମୟରେ ଚିତ୍ରକାର ସେବକମାନେ ଶ୍ରୀଅଙ୍ଗରେ ନୂତନ ରଙ୍ଗ ଦିଅନ୍ତି । ମୁଖମଣ୍ଡଳର ଚିତ୍ରାଙ୍କନ କରନ୍ତି, ନେତ୍ର ଅଙ୍କନର ପବିତ୍ର ନୀତି ସମ୍ପନ୍ନ କରନ୍ତି, ପାରମ୍ପରିକ ରୂପ ଓ ଆକୃତିକୁ ଅବିକୃତ ରଖନ୍ତି, ଏହି ସେବାକୁ ସେମାନେ କେବଳ ବୃତ୍ତି ଭାବେ ନୁହେଁ, ବରଂ ଭକ୍ତି ଓ ଆଧ୍ୟାତ୍ମିକ ସାଧନା ଭାବରେ ଗ୍ରହଣ କରନ୍ତି ।

ଅନବସର କାଳରେ ଦଇତାପତି ସେବକମାନଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ପରମ୍ପରା ଅନୁଯାୟୀ, ସେମାନେ ମହାପ୍ରଭୁଙ୍କୁ ପରିବାରର ସଦସ୍ୟ ପରି ସେବା କରନ୍ତି । ସେମାନେ ପ୍ରଭୁଙ୍କୁ ଔଷଧ, ପଥ୍ୟ, ଫଳ ଓ ବିଶେଷ ଭୋଗ ଅର୍ପଣ କରନ୍ତି । ଅନବସର ସମୟରେ ସେମାନେ, ମହାପ୍ରଭୁଙ୍କ ଶ୍ରୀଅଙ୍ଗର ଯତ୍ନ ନିଅନ୍ତି, ନବୀକରଣ କାର୍ଯ୍ୟରେ ସହଯୋଗ କରନ୍ତି, ଗୁପ୍ତ ନୀତିଗୁଡ଼ିକ ସମ୍ପାଦନ କରନ୍ତି, ନେତ୍ରୋତ୍ସବ ପୂର୍ବରୁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରନ୍ତି, ଦଇତାପତି ସେବା ଜଗନ୍ନାଥ ସଂସ୍କୃତିର ଏକ ଅନନ୍ୟ ପରମ୍ପରା, ଯାହା ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାକୁ ଜୀବନ୍ତ ରଖିଛି । ଶ୍ରୀଜଗନ୍ନାଥଙ୍କ ବଡ଼ ବଡ଼ ଗୋଲାକାର ନେତ୍ର ଭକ୍ତମାନଙ୍କ ପାଇଁ ଗଭୀର ଆଧ୍ୟାତ୍ମିକ ବାର୍ତ୍ତା ବହନ କରେ । ଏହି ନେତ୍ର ସମସ୍ତଙ୍କ ପ୍ରତି ସମାନ କୃପା, ସମଦୃଷ୍ଟି ଓ ସର୍ବବ୍ୟାପୀ ଚେତନାର ପ୍ରତୀକ । ମହାପ୍ରଭୁ କାହା ପ୍ରତି ପକ୍ଷପାତ କରନ୍ତି ନାହିଁ । ସେ ଧନୀ-ଦରିଦ୍ର, ଜାତି-ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଭାବରେ ଦେଖନ୍ତି । ନେତ୍ରୋତ୍ସବ ଆମକୁ ମଧ୍ୟ ଶିଖାଏ ଯେ ଆମେ ଜୀବନକୁ ସକାରାତ୍ମକ ଦୃଷ୍ଟିରେ ଦେଖିବା, ମନର ଅଜ୍ଞାନ ଦୂର କରି ଜ୍ଞାନର ଆଲୋକକୁ ଗ୍ରହଣ କରିବା ଉଚିତ । ନେତ୍ରୋତ୍ସବ କେବଳ ଏକ ଧାର୍ମିକ ନୀତି ନୁହେଁ, ଏହା ସମାଜ ପାଇଁ ମଧ୍ୟ ଏକ ଶିକ୍ଷା । ଯେପରି ମହାପ୍ରଭୁ ନୂତନ ନେତ୍ରରେ ସମସ୍ତଙ୍କୁ ଦେଖନ୍ତି, ସେହିପରି ଆମେ ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟର ସଂକୀର୍ଣ୍ଣତା ଛାଡ଼ି ମାନବତାର ଦୃଷ୍ଟିରେ ସମସ୍ତଙ୍କୁ ଦେଖିବା ଉଚିତ । ଏହି ପର୍ବ ଆମକୁ କ୍ଷମା, ପ୍ରେମ, ସହଯୋଗ, ସହିଷ୍ଣୁତା ଓ ସମତାର ଶିକ୍ଷା ପ୍ରଦାନ କରେ । ନେତ୍ରୋତ୍ସବ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିର ଏକ ଅତ୍ୟନ୍ତ ପବିତ୍ର ଓ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ଏହି ନୀତିରେ ଚିତ୍ରକାର ଓ ଦଇତାପତି ସେବକମାନଙ୍କ ନିଷ୍ଠା, ଭକ୍ତି ଓ ପାରମ୍ପରିକ ଜ୍ଞାନର ଅଦ୍ଭୁତ ସମନ୍ୱୟ ଦେଖିବାକୁ ମିଳେ । ନୂତନ ନେତ୍ର ଅଙ୍କନ ସହ ମହାପ୍ରଭୁଙ୍କ ଦିବ୍ୟ ରୂପ ପୁନର୍ବାର ପୂର୍ଣ୍ଣତା ଲାଭ କରେ ଏବଂ ଭକ୍ତମାନେ ନବଯୌବନ ଦର୍ଶନ ପାଇଁ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା କରନ୍ତି । ନେତ୍ରୋତ୍ସବ ଭକ୍ତି, ଆଧ୍ୟାତ୍ମିକତା, କଳା ଓ ପରମ୍ପରାର ଏକ ଅନନ୍ୟ ସମନ୍ୱୟ, ଯାହା ଜଗନ୍ନାଥ ସଂସ୍କୃତିର ମହାନତାକୁ ପ୍ରତିଫଳିତ କରେ ।

ଜଗନ୍ନାଥ ସଂସ୍କୃତିରେ ନବଯୌବନ ଦର୍ଶନ ଏକ ଅତ୍ୟନ୍ତ ପବିତ୍ର ଓ ଭାବପୂର୍ଣ୍ଣ ନୀତି । ସ୍ନାନଯାତ୍ରା ପରେ ପ୍ରାୟ ପନ୍ଦର ଦିନ ଧରି ଅନବସରରେ ରହିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ନୂତନ କାନ୍ତି, ନୂତନ ରୂପ ଓ ନୂତନ ନେତ୍ର ସହ ଭକ୍ତମାନଙ୍କୁ ପ୍ରଥମ ଥର ପାଇଁ ଦର୍ଶନ ଦିଅନ୍ତି । ଏହି ଦର୍ଶନକୁ ନବଯୌବନ ଦର୍ଶନ ବୋଲି କୁହାଯାଏ । 'ନବଯୌବନ'ର ଅର୍ଥ ହେଉଛି ନୂତନ ଯୌବନ, ନୂତନ ସୌନ୍ଦର୍ଯ୍ୟ, ନୂତନ ଉତ୍ସାହ ଓ ନୂତନ ଜୀବନଶକ୍ତି । ଏହି ଦର୍ଶନ ମାଧ୍ୟମରେ ମହାପ୍ରଭୁ ଭକ୍ତମାନଙ୍କୁ ନୂତନ ଆଶା, ନୂତନ ବିଶ୍ୱାସ ଓ ନୂତନ ଜୀବନର ବାର୍ତ୍ତା ପ୍ରଦାନ କରନ୍ତି । ଅନବସର ଶେଷରେ ନେତ୍ରୋତ୍ସବ ସମ୍ପନ୍ନ ହେବା ପରେ ଶ୍ରୀବିଗ୍ରହମାନଙ୍କୁ ସୁନ୍ଦର ବେଶରେ ସଜାଯାଏ । ଶ୍ରୀଅଙ୍ଗରେ ନୂତନ ରଙ୍ଗ, ମୁଖମଣ୍ଡଳରେ ଅପୂର୍ବ କାନ୍ତି ଏବଂ ନୂତନ ନେତ୍ର ଅଙ୍କନ ପରେ ମହାପ୍ରଭୁ ପୁନର୍ବାର ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ଏହି ଦିନ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୁଏ । ସେବାୟତମାନେ ପାରମ୍ପରିକ ବିଧି ଅନୁଯାୟୀ ସମସ୍ତ ସେବା ସମ୍ପନ୍ନ କରନ୍ତି । ମହାପ୍ରଭୁଙ୍କ ଦିବ୍ୟ ରୂପ ଦେଖି ଭକ୍ତମାନେ ଆନନ୍ଦରେ ଆତ୍ମବିଭୋର ହୋଇଯାନ୍ତି । ନବଯୌବନ କେବଳ ଶାରୀରିକ ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ । ଏହା ଜୀବନର ନୂତନ ଆରମ୍ଭ, ନୂତନ ଚେତନା ଓ ନୂତନ ସମ୍ଭାବନାର ପ୍ରତୀକ । ଏହି ପର୍ବ ଆମକୁ ଶିଖାଏ ଯେ ଜୀବନରେ କଷ୍ଟ ପରେ ସୁଖ ଆସେ, ରୋଗ ପରେ ସୁସ୍ଥତା ଆସେ, ଅନ୍ଧକାର ପରେ ଆଲୋକ ଆସେ, ନିରାଶା ପରେ ଆଶାର ଉଦୟ ହୁଏ । ମହାପ୍ରଭୁଙ୍କ ନବଯୌବନ ରୂପ ମାନବ ସମାଜକୁ ସର୍ବଦା ଆଶାବାଦୀ ହୋଇ ରହିବାର ପ୍ରେରଣା ଦେଇଥାଏ ।

ଭକ୍ତମାନଙ୍କ ଭାବନା ଅନବସର ସମୟରେ ଭକ୍ତମାନେ ପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ରହନ୍ତି । ଏହି ବିରହର ସମୟ ଭକ୍ତଙ୍କ ହୃଦୟରେ ଅତ୍ୟନ୍ତ ଗଭୀର ଆକୁଳତା ସୃଷ୍ଟି କରେ । ନବଯୌବନ ଦର୍ଶନ ଦିନ ସେହି ଆକୁଳତା ଆନନ୍ଦରେ ପରିଣତ ହୁଏ । ଭକ୍ତମାନେ ଭାବବିହ୍ୱଳ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରନ୍ତି । ଅନେକ ଭକ୍ତଙ୍କ ଆଖିରେ ଆନନ୍ଦାଶ୍ରୁ ଆସିଯାଏ । ସେମାନଙ୍କ ବିଶ୍ୱାସ ଯେ, ନବଯୌବନ ଦର୍ଶନ କଲେ ଜୀବନରେ ସୁଖ, ଶାନ୍ତି ଓ ଆଧ୍ୟାତ୍ମିକ ଉନ୍ନତି ଲାଭ ହୁଏ । ନବଯୌବନ ଦର୍ଶନ ଓ ରଥଯାତ୍ରା ପରସ୍ପର ସହ ନିବିଡ଼ ଭାବରେ ଜଡ଼ିତ । ଅନବସରରୁ ସୁସ୍ଥ ହୋଇ ନୂତନ ଯୌବନରେ ମହାପ୍ରଭୁ ପରଦିନ ରଥାରୋହଣ କରନ୍ତି । ସେ ତାଙ୍କ ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି । ଏହି କାରଣରୁ ନବଯୌବନ ଦର୍ଶନକୁ ରଥଯାତ୍ରାର ପୂର୍ବ ପ୍ରସ୍ତୁତି ବୋଲି କୁହାଯାଏ । ଏହା ରଥଯାତ୍ରାର ଆଧ୍ୟାତ୍ମିକ ଆରମ୍ଭ । ଜଗନ୍ନାଥ ସଂସ୍କୃତିରେ ପ୍ରତ୍ୟେକ ନୀତି ଜୀବନ ପାଇଁ ଏକ ଶିକ୍ଷା । ନବଯୌବନ ଦର୍ଶନ ଆମକୁ ଶିଖାଏ ଯେ ନିଜକୁ ସମୟ ସମୟରେ ନବୀକରଣ କରିବା, ଖରାପ ଅଭ୍ୟାସ ତ୍ୟାଗ କରି ଭଲ ଗୁଣ ଗ୍ରହଣ କରିବା, ନୂତନ ଉତ୍ସାହ ସହ କାର୍ଯ୍ୟ କରିବା, ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା । ଯେପରି ମହାପ୍ରଭୁ ନୂତନ ରୂପରେ ଦର୍ଶନ ଦିଅନ୍ତି, ସେହିପରି ମଣିଷ ମଧ୍ୟ ଆତ୍ମଶୁଦ୍ଧି ଓ ସତ୍କର୍ମ ଦ୍ୱାରା ନିଜ ଜୀବନକୁ ସୁନ୍ଦର କରିପାରେ । ନବଯୌବନ ଦର୍ଶନ ଭକ୍ତଙ୍କୁ କେବଳ ଦିବ୍ୟ ରୂପର ଦର୍ଶନ ଦିଏ ନାହିଁ; ଏହା ତାଙ୍କ ଅନ୍ତରାତ୍ମାକୁ ମଧ୍ୟ ଜାଗ୍ରତ କରେ । ଏହି ଦର୍ଶନ ଆମକୁ ସ୍ମରଣ କରାଏ ଯେ, ଈଶ୍ୱର ସଦା ଜୀବନ୍ତ, ତାଙ୍କର କୃପା କେବେ ଶେଷ ହୁଏ ନାହିଁ, ସେ ସମସ୍ତଙ୍କୁ ସମାନ ଭାବରେ ଭଲପାଆନ୍ତି, ଭକ୍ତି ହିଁ ଈଶ୍ୱରଙ୍କୁ ପ୍ରାପ୍ତ କରିବାର ସରଳ ପଥ, ନବଯୌବନ ଦର୍ଶନ ଭକ୍ତମାନଙ୍କ ମନରେ ଭକ୍ତି, ଶାନ୍ତି, ସନ୍ତୋଷ ଓ ଆତ୍ମବିଶ୍ୱାସର ସଞ୍ଚାର କରେ । ନବଯୌବନ ଦର୍ଶନ ଶ୍ରୀଜଗନ୍ନାଥଙ୍କ ଲୀଳାର ଏକ ଅତ୍ୟନ୍ତ ପବିତ୍ର ଓ ଆଧ୍ୟାତ୍ମିକ ଅଧ୍ୟାୟ । ଏହା କେବଳ ଏକ ଧାର୍ମିକ ଦର୍ଶନ ନୁହେଁ; ବରଂ ନୂତନ ଜୀବନ, ନୂତନ ଚେତନା, ନୂତନ ଆଶା ଓ ନୂତନ ଭକ୍ତିର ପ୍ରତୀକ । ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ଏହି ନବଯୌବନ ରୂପ ଭକ୍ତମାନଙ୍କ ହୃଦୟକୁ ଆନନ୍ଦ, ଉତ୍ସାହ ଓ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ କରିଦିଏ । ତେଣୁ ନବଯୌବନ ଦର୍ଶନ ଜଗନ୍ନାଥ ସଂସ୍କୃତିର ଏକ ଅମୂଲ୍ୟ ଐତିହ୍ୟ ଓ ଭକ୍ତମାନଙ୍କ ପାଇଁ ଅନନ୍ତ ଆଶୀର୍ବାଦର ମହାପର୍ବ ।

# ରଥଯାତ୍ରାରେ ପ୍ରଭୁଙ୍କ ଦଶାବତାର ବେଶ : ଭକ୍ତି, ପୁରାଣ ଓ ପରମ୍ପରାର ଅପୂର୍ବ ସମନ୍ୱୟ



ସିତାଂଶୁ ଶେଖର ମିଶ୍ର
ଶାନ୍ତି ନଗର, ସୋନପୁର
ମୋ-୮୧୪୪୮ ୭୦୭୨୯

ପବିତ୍ର ରଥଯାତ୍ରା କେବଳ ରଥାରୋହଣର ଉତ୍ସବ ନୁହେଁ; ଏହା ଭଗବାନ ବିଷ୍ଣୁଙ୍କ ଦଶାବତାର ଲୀଳାର ସ୍ମରଣ ମଧ୍ୟ । ଓଡ଼ିଶାର ଅନେକ ଜଗନ୍ନାଥ ମନ୍ଦିରରେ ରଥଯାତ୍ରାର ଦିନଗୁଡ଼ିକରେ ପ୍ରଭୁଙ୍କୁ ଦଶାବତାର ବେଶରେ ସଜାଯାଏ । ଏହି ପରମ୍ପରାର ଉଲ୍ଲେଖ ବୈଷ୍ଣବ ସାହିତ୍ୟ, ବିଷ୍ଣୁ ପୁରାଣ, ଭାଗବତ ପୁରାଣ, ଅଗ୍ନି ପୁରାଣ ଓ ଓଡ଼ିଶାର ମନ୍ଦିର ପରମ୍ପରାରେ ମିଳେ । ଯଦିଓ ସମସ୍ତ ମନ୍ଦିରରେ ବେଶର କ୍ରମ ସମାନ ନୁହେଁ, ତଥାପି ଦଶାବତାରର ସ୍ମରଣ ସର୍ବତ୍ର ପାଳିତ ହୁଏ ।

ପ୍ରଥମ ଦିବସ – ମତ୍ସ୍ୟ ଅବତାର : ସୃଷ୍ଟିର ପ୍ରଳୟ ସମୟରେ ଭଗବାନ ବିଷ୍ଣୁ ମତ୍ସ୍ୟ ରୂପ ଧାରଣ କରି ବୈବସ୍ୱତ ମନୁଙ୍କୁ ଓ ବେଦଗୁଡ଼ିକୁ ରକ୍ଷା କରିଥିଲେ । ଏହି ବେଶ ଜ୍ଞାନର ସୁରକ୍ଷା ଓ ସୃଷ୍ଟିର ପୁନରାରମ୍ଭର ପ୍ରତୀକ । ଦ୍ୱିତୀୟ ଦିବସ – କୂର୍ମ ଅବତାର-ସମୁଦ୍ର ମନ୍ଥନ ସମୟରେ ମନ୍ଦର ପର୍ବତକୁ ଧାରଣ କରିବା ପାଇଁ ପ୍ରଭୁ କଚ୍ଛପ ରୂପ ନେଇଥିଲେ । ଏହି ଅବତାର ଧୈର୍ଯ୍ୟ, ସହଯୋଗ ଓ ସ୍ଥିରତାର ବାର୍ତ୍ତା ଦିଏ । ତୃତୀୟ ଦିବସ – ବରାହ ଅବତାର-ଅସୁର ହିରଣ୍ୟାକ୍ଷ ପୃଥିବୀକୁ ସମୁଦ୍ର ଗର୍ଭରେ ଲୁଚାଇ ଦେବା ପରେ ପ୍ରଭୁ ବରାହ ରୂପ ଧାରଣ କରି ଭୂଦେବୀଙ୍କୁ ଉଦ୍ଧାର କରିଥିଲେ । ଏହି ବେଶ ଧର୍ମ ଓ ପୃଥିବୀର ସୁରକ୍ଷାର ପ୍ରତୀକ । ଚତୁର୍ଥ ଦିବସ – ନୃସିଂହ ଅବତାର-ଭକ୍ତ ପ୍ରହ୍ଲାଦଙ୍କୁ ରକ୍ଷା କରିବା ପାଇଁ ପ୍ରଭୁ ଅର୍ଦ୍ଧ-ମନୁଷ୍ୟ ଓ ଅର୍ଦ୍ଧ-ସିଂହ ରୂପରେ ପ୍ରକଟ ହୋଇ ହିରଣ୍ୟକଶିପୁଙ୍କୁ ବଧ କରିଥିଲେ । ଏହା ଭକ୍ତରକ୍ଷା ଓ ଅଧର୍ମର ବିନାଶର ପ୍ରତୀକ । ପଞ୍ଚମ ଦିବସ – ବାମନ ଅବତାର-ଦୈତ୍ୟରାଜ ବଳିଙ୍କ ଅହଂକାର ଦୂର କରିବା ପାଇଁ ପ୍ରଭୁ ବାମନ ବ୍ରାହ୍ମଣ ରୂପେ ଆସି ତିନି ପାଦ ଭୂମି ମାଗି ସମଗ୍ର ବ୍ରହ୍ମାଣ୍ଡକୁ ନିଜ ପାଦତଳେ ଧାରଣ କରିଥିଲେ । ଏହା ନମ୍ରତା ଓ ଧର୍ମର ବିଜୟର ବାର୍ତ୍ତା ଦିଏ । ଷଷ୍ଠ ଦିବସ – ପରଶୁରାମ ଅବତାର-ଅନ୍ୟାୟକାରୀ ଓ ଅତ୍ୟାଚାରୀ ଶାସକମାନଙ୍କୁ ଦମନ କରିବା ପାଇଁ ଭଗବାନ ପରଶୁରାମ ରୂପ ଧାରଣ କରିଥିଲେ । ଏହି ବେଶ ନ୍ୟାୟ, ଶୃଙ୍ଖଳା ଓ ଧର୍ମର ସୁରକ୍ଷାର ପ୍ରତୀକ । ସପ୍ତମ ଦିବସ – ଶ୍ରୀରାମ ଅବତାର-ରାମାୟଣର ଆଦର୍ଶ ପୁରୁଷ ଶ୍ରୀରାମ ସତ୍ୟ, କର୍ତ୍ତବ୍ୟ, ନ୍ୟାୟ ଓ ଆଦର୍ଶ ରାଜଧର୍ମର ପ୍ରତୀକ । ରାବଣ ବଧ ମାଧ୍ୟମରେ ସେ ଧର୍ମର ବିଜୟ ସ୍ଥାପନ କରିଥିଲେ । ଅଷ୍ଟମ ଦିବସ – ବଳରାମ (କେତେକ ପରମ୍ପରାରେ ଶ୍ରୀକୃଷ୍ଣ) ଅବତାର-ଓଡ଼ିଶାର ବୈଷ୍ଣବ ପରମ୍ପରାରେ ବଳରାମଙ୍କୁ ଦଶାବତାରରେ ସ୍ଥାନ ଦିଆଯାଇଛି, ଯେତେବେଳେ କେତେକ ଗ୍ରନ୍ଥରେ ଶ୍ରୀକୃଷ୍ଣଙ୍କ ଉଲ୍ଲେଖ ମିଳେ । ବଳରାମ କୃଷି, ଶକ୍ତି ଓ ସରଳ ଜୀବନର ପ୍ରତୀକ । ନବମ ଦିବସ – ବୁଦ୍ଧ ଅବତାର । ଭଗବାନ ବୁଦ୍ଧ ଅହିଂସା, କରୁଣା, ଦୟା ଓ ଶାନ୍ତିର ବାର୍ତ୍ତା ଦେଇଥିଲେ । ତାଙ୍କ ଅବତାର ମଣିଷକୁ ହିଂସା ତ୍ୟାଗ କରି ସତ୍ୟ ଓ କରୁଣାର ପଥରେ ଚାଲିବାକୁ ପ୍ରେରଣା ଦିଏ । ଦଶମ ଦିବସ – କଳ୍କୀ ଅବତାର : ପୁରାଣ ଅନୁସାରେ କଳିଯୁଗର ଶେଷରେ ଭଗବାନ ଶ୍ୱେତ ଅଶ୍ୱାରୋହୀ କଳ୍କୀ ରୂପରେ ଅବତୀର୍ଣ୍ଣ ହୋଇ ଅଧର୍ମର ବିନାଶ କରି ଧର୍ମର ପୁନଃସ୍ଥାପନ କରିବେ । ଏହି ବେଶ ଭବିଷ୍ୟତର ଆଶା ଓ ସତ୍ୟର ବିଜୟର ପ୍ରତୀକ । ଐତିହାସିକ ପରମ୍ପରା: ଓଡ଼ିଶାର ଜଗନ୍ନାଥ ସଂସ୍କୃତିରେ ଦଶାବତାର ଧାରଣାର ବିଶେଷ ସ୍ଥାନ ରହିଛି । ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ, ଜୟଦେବଙ୍କ ଗୀତଗୋବିନ୍ଦର ପ୍ରସିଦ୍ଧ ଦଶାବତାର ସ୍ତୋତ୍ର, ବିଭିନ୍ନ ମଠ-ମନ୍ଦିରର ପରମ୍ପରା ଓ ଜଗନ୍ନାଥ ଉପାସନାରେ ଏହି ଅବତାରମାନଙ୍କ ସ୍ମରଣ ଆଜି ମଧ୍ୟ ଜୀବନ୍ତ ରହିଛି । ଅନେକ ସ୍ଥାନରେ ରଥଯାତ୍ରା ସମୟରେ ପ୍ରତିଦିନ ଏକ ଅବତାରର ବେଶ କରାଯାଇ ଭକ୍ତମାନଙ୍କୁ ପୌରାଣିକ ଶିକ୍ଷା ଓ ନୈତିକ ମୂଲ୍ୟବୋଧ ସହ ପରିଚିତ କରାଯାଏ । ଦଶାବତାର ବେଶ କେବଳ ଏକ ଅଳଙ୍କାର ନୁହେଁ; ଏହା ଧର୍ମ, ଇତିହାସ, ପୁରାଣ, କଳା, ସଂସ୍କୃତି ଓ ଆଧ୍ୟାତ୍ମିକତାର ଏକ ସୁନ୍ଦର ସମନ୍ୱୟ । ରଥଯାତ୍ରାରେ ଏହି ବେଶ ଦର୍ଶନ କରି ଭକ୍ତମାନେ କେବଳ ପ୍ରଭୁଙ୍କ ଲୀଳାକୁ ସ୍ମରଣ କରନ୍ତି ନୁହେଁ, ବରଂ ସତ୍ୟ, ଧର୍ମ, କରୁଣା ଓ ନ୍ୟାୟର ପଥରେ ଚାଲିବାର ପ୍ରେରଣା ମଧ୍ୟ ପାଆନ୍ତି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଜୁଲାଇ ୨୦୨୬ ବୁଧବାର

# ଆଭା

## ରଥ କଥା: ଦର୍ପଦଳନରେ ୨ ଦିଅଁ, ରଥ ଉଚ୍ଚତା ୪୪ ଫୁଟ ୬ ଇଞ୍ଚ



ବିଧି ଅନୁଯାୟୀ ତିନି ରଥର ନିର୍ମାଣ ଶୈଳୀ ଯେପରି ଭିନ୍ନ, ବିରାଜମାନ କରୁଥିବା ପାର୍ଶ୍ୱ ଦେବଦେବୀ ମଧ୍ୟ ଭିନ୍ନ। ଦେବୀ ସୁଭଦ୍ରାଙ୍କ ରଥର ନାମ ଦର୍ପଦଳନ। ଦେବଦଳନ ମଧ୍ୟ କୁହାଯାଏ। ରଥର ଅଧିଶ୍ୱର ଦେବତା ହେଲେ ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ। ଦେବୀଙ୍କ ରଥର ଉଚ୍ଚତା ୪୪ ଫୁଟ ୬ଇଞ୍ଚ। ମୋଟ ୫୯୩ ଖଣ୍ଡ କାଠରେ ଏହା ନିର୍ମିତ ବୋଲି ଉଲ୍ଲେଖ। ଅନ୍ୟ ଗବେଷକଙ୍କ ମତରେ ୭୧୧ ଖଣ୍ଡ କାଠରେ ରଥ ନିର୍ମିତ ହୋଇଥାଏ। ରଥର ଚକ ସଂଖ୍ୟା ୧୨। ରଥ ଚକର ନାମ ଦୀପ୍ତ। ଦେବୀଙ୍କ ରଥର ରକ୍ଷକ ଜୟଦୁର୍ଗା। ମା' ସୁଭଦ୍ରାଙ୍କ ରଥ ଧ୍ୱଜାରେ ତ୍ରିପୁରା ସୁନ୍ଦରୀ ବିରାଜମାନ କରନ୍ତି। ରଥର ଆବରଣ କୃଷ୍ଣ ଓ ଲୋହିତ ବର୍ଣ୍ଣ। ରଥରେ ଚାମର ସେବା କରନ୍ତି ସୁମେଧା ଦେବୀ। ଆୟୁଧ ହେଉଛି ପଦ୍ମ କହ୍ଲାର। ରଥ ପୀଠର ନାମ କାମ୍ପିଲ୍ୟ। ରଥର ସାରଥିଙ୍କ ନାମ ଅର୍ଜୁନ। ମତାନ୍ତରେ ଦେବଦତ୍ତ ଓ ସାତ୍ୱକୀ। ରଥ ଅଶ୍ୱର ରଙ୍ଗ ରକ୍ତବର୍ଣ୍ଣ। ଅଶ୍ୱମାନଙ୍କ ନାମ ହେଉଛି ରୋଚିକା, ମୋଚିକା, ଜିତା, ଅପରାଜିତା। ଭିନ୍ନ ମତରେ ପ୍ରଜ୍ଞା, ଅନୁଜ୍ଞା, ଘୋରା ଓ ଅଘୋରା। ରଥର ରଷି ହେଉଛନ୍ତି ଯାଜ୍ଞବଲ୍କ୍ୟ। ରଥ ମୁହଁରେ ରୁହନ୍ତି ବ୍ରହ୍ମ ବର୍ତ୍ତା। ରଥର ରକ୍ଷୟିତ୍ରୀ ହେଉଛନ୍ତି ଉଗ୍ରଚଣ୍ଡୀ। ରଥର ଦେବୀ ହେଉଛନ୍ତି ଶ୍ରୀ ଓ ଭୂ। ରଥ ଯକ୍ଷ କିଂଜ୍ୱଳିକା। ରଥର ଶକ୍ତି ହେଉଛନ୍ତି ଶକ୍ତିସପ୍ତା, ଜୟା, ବିଜୟା, ଘୋରା, ଅଘୋରା, ସୂକ୍ଷ୍ମା ଓ ଜ୍ଞାନା।

ରଷି ପଟାରେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲ୍ଲୁକ ଓ ପ୍ରବର୍ତକ ରଷି ମଣ୍ଡଳ ରୁହନ୍ତି। ରଥର କୁମ୍ଭ ହେଉଛି ଅମୃତ, ଜୀବା ଓ କାୟା। ରଥର ଦ୍ୱାରପାଳ ହେଉଛନ୍ତି ଗଙ୍ଗା ଓ ଯମୁନା। ଗନ୍ଧର୍ବଙ୍କ ନାମ ହା ହା। ଚାରଣଙ୍କ ନାମ ମହାକୁର। ରଥର ରନ୍ ହେଉଛି ମାଣିକ୍ୟ। ନେତର ନାମ ନାଦାମ୍ବିକା। ରଥକାଳ କାଳନେମୀ। କଳସ ଉପରେ ଥିବା ଶୂନ୍ୟ ଚକ୍ରର ନାମ ସୁଦର୍ଶନ। ରଥର ଶକ୍ତି ହେଉଛନ୍ତି ଚନ୍ଦ୍ର ଘଣ୍ଟା। ଦଧିନଉତି ଉପରେ ଥିବା କଳସ ତ୍ରୟର ନାମ ପରା, ଅପରା ଓ ବୈଖାରୀ। ରଥ ଦଉଡ଼ିର ନାମ ସ୍ୱର୍ଣ୍ଣଚୂଡ଼ ନାମକ ନାଗ। ରଥପାଳ ହେଉଛନ୍ତି ହରିହର। ଏହି ରଥ ଦର୍ଶନରେ ମନୁଷ୍ୟର ଦର୍ପନାଶ ପୂର୍ବକ ସମସ୍ତ ରୋଗ ସନ୍ତାପ ନାଶ ହୋଇଥାଏ ବୋଲି ବିଶ୍ୱାସ ରହିଛି।

'କଳାବେଠିଆ'। ଏବେ ଏ ଶବ୍ଦଟି ଶୁଣି ନୂଆ ପିଢ଼ିଙ୍କୁ ନୂଆନୂଆ ଲାଗୁଥିବ। ମାତ୍ର ଅତୀତରେ ରଥଟଣା କଥା ସହ ଏ ଶବ୍ଦଟି ବେଶ୍ ପରିଚିତ ଥିଲା। ରଥ ଟାଣିବାକୁ ହଜାର ହଜାର କଳାବେଠିଆ ନିୟୋଜିତ ହେଉଥିଲେ। ଅତୀତରେ ବଡ଼ଦାଣ୍ଡ ବାଲି ଶଯ୍ୟାରେ ପରିପୂର୍ଣ୍ଣ ଥିଲା। ରଥ ଟାଣିବା ଏତେ ସହଜ ନଥିଲା। ରଥ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ନେବା ଲାଗି ବଳଶାଳୀ ବ୍ୟକ୍ତିଙ୍କୁ ଖୋଜା ପଡୁଥିଲା। ମାଟି ଓ ବାଲି ରାସ୍ତାରେ ରଥ ଟାଣିବା ବେଳେ ରଥ ଚକ ବାଲିରେ ମୋଡ଼ି ହୋଇ ଭାଙ୍ଗି ଯାଉଥିଲା। ବାଲିରେ ଚକ ପୋତି ହୋଇଗଲେ ରଥ ଟାଣିବା କଷ୍ଟସାଧ ହେଉଥିଲା। ଭକ୍ତମାନେ ରଥ ଟାଣୁଥିଲେ ବି ରଥକୁ ଠିକଣା ପଥରେ ନେଇପାରୁନଥିଲେ। ତେଣୁ ରଥ ଟାଣିବା ପାଇଁ ଅତୀତରେ କଳାବେଠିଆଙ୍କୁ ନିୟୋଜିତ କରାଯାଉଥିଲା। ବରକନ୍ଦାଜ ନାଲି ପତାକା ଦେଖାଇ ରଥ ଯେଉଁ ଦିଗରେ ଟାଣିବା ପାଇଁ ସଙ୍କେତ ଦେଉଥିଲେ, କଳାବେଠିଆମାନେ ସେଇ ଅନୁଯାୟୀ ରଥ ଟାଣୁଥିଲେ। ଏହି କଳାବେଠିଆମାନେ ପୁରୀର ବିଭିନ୍ନ ସ୍ଥାନରେ ରହୁଥିଲେ ହେଁ ରଥ ସମୟରେ ସେମାନେ ରଥ ଟଣାରେ ମୁଖ୍ୟ ଭୂମିକା ନିର୍ବାହ କରୁଥିଲେ। ଧୀରେଧୀରେ ଏହି ପରମ୍ପରା ବିଲୁପ୍ତ ହୋଇଗଲା। ପୁଲିସ ଓ ଭକ୍ତଙ୍କ ସହାୟତାରେ ରଥ ଟଣା ହେଲା। ଏସିଆଟିକ ରିସର୍ଚେସରେ ଲେଖାଯାଇଥିବା ତଥ୍ୟ ମୁତାବକ, ୪୨୦୦ ବେଠିଆ ରଥ ଟଣାରେ ନିୟୋଜିତ ହେଉଥିଲେ। ଅନ୍ୟ ଏକ ରେକର୍ଡ ମୁତାବକ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥରେ ଏକ ହଜାର, ଶ୍ରୀବଳଭଦ୍ରଙ୍କ ରଥରେ ବାରଶହ ଏବଂ ଦେବୀ ସୁଭଦ୍ରାଙ୍କ ରଥରେ ବାରଶହ ବେଠିଆ ରଥ ଟଣା ପାଇଁ ନିୟୋଜିତ ହେଉଥିଲେ। ୧୯୦୨ ମସିହାର ରେକର୍ଡ ଅନୁଯାୟୀ, ତତ୍କାଳୀନ ରାଜାଙ୍କ ପକ୍ଷରୁ ୫ଶହ ବେଠିଆ ଦୈନିକ ୩ ଟଙ୍କା ଲେଖାଏଁ ଖୋରାକି ନେଇ ରଥଟଣା କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ। ବେଠିଆ ଶବ୍ଦର ଅର୍ଥ କୁଲି ବୋଲି ଇଂରାଜୀରେ ଉଲ୍ଲେଖ କରାଯାଇଛି। ସମ୍ଭବତଃ ସେମାନଙ୍କର ଦେହର ରଙ୍ଗ ଦୃଷ୍ଟିରୁ ସେପରି ନାମକରଣ କରାଯାଇଥିବା ଅନୁମାନ କରାଯାଏ ବୋଲି ଗବେଷକମାନେ କହିଛନ୍ତି।

## ଦାମ୍ପତ୍ୟ ଜୀବନରେ ଦୂରତାକୁ ହ୍ରାସ କରିବା ପାଇଁ ଟିପ୍ସ



ଦାମ୍ପତ୍ୟ ଜୀବନରେ ଦୂରତା ଆସିବା ଓ ସାଥୀକୁ ଅନେକ କଥା ଲୁଚାଇବା ସାଧାରଣ ସମସ୍ୟା । କିନ୍ତୁ ଏହାକୁ ଅଣଦେଖା କରିବା ଦ୍ୱାରା ସମ୍ପର୍କରେ କ୍ରମଶଃ ଦୂରତା ବଢିଚାଲେ । ପରବର୍ତ୍ତୀ ମୁହୂର୍ତ୍ତରେ ସମ୍ପର୍କ ଦୁର୍ବଳ ହୋଇପଡେ । ତେଣୁ ଦୂରତା ବଢ଼ିବା ପୂର୍ବରୁ ସମ୍ପର୍କର ଡୋରକୁ ମଜଭୁତ୍ କରିବାର ପ୍ରୟାସ କରିବା ଆବଶ୍ୟକ । ଆପଣ ଯଦି ସମ୍ପର୍କରେ କିଛି ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି ସାଥୀ ଆପଣଙ୍କ ଆଗରେ କୌଣସି କଥା ଲୁଚାଉଛନ୍ତି କି ଯଦି ହଁ, ତେବେ ବ୍ୟସ୍ତ ହୁଅନ୍ତୁନାହିଁ । ସବୁ ସମ୍ପର୍କରେ ଏମିତି ମୋଡ ନିଶ୍ଚୟ ଆସିଥାଏ । ଏଭଳି ଚ୍ୟାଲେଞ୍ଜକୁ ସାମ୍ନା ଉଚିତ୍ ।

ଖୋଲାଖୋଲି ଭାବେ କଥା ହୁଅନ୍ତୁ, କିନ୍ତୁ ନମ୍ରତାର ସହ: ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି କମ୍ୟୁନିକେଶନ୍ । ନିଜ ସାଥୀ ସହ ସିଧାସଳଖ, ଶାନ୍ତ ଭାବେ ଓ ପ୍ରେମରେ କଥା ହୁଅନ୍ତୁ । ତାଙ୍କୁ ନିଜର ଅନୁଭବ ବିଷୟରେ ଜଣାନ୍ତୁ । କଥା ଲୁଚାଇବା ଦ୍ୱାରା ଆପଣଙ୍କୁ କିପରି ଅନୁଭବ ହେଉଛି ଜଣାନ୍ତୁ । ଆରୋପ ଲଗାଇବା ପରିବର୍ତ୍ତେ ନିଜ ଭାବନାକୁ ବ୍ୟକ୍ତ କରନ୍ତୁ ।

ଶୁଣିବା ଅଭ୍ୟାସ ବଢାନ୍ତୁ: କେବଳ ନିଜ କଥା କହିବା ଯଥେଷ୍ଟ ନୁହେଁ, ସାଥୀର କଥାକୁ ଧୈର୍ଯ୍ୟର ସହ ଶୁଣିବା ମଧ୍ୟ ଜରୁରି। ତାଙ୍କ କଥାକୁ ପୁରା କହିବାର ସୁଯୋଗ ନିଶ୍ଚୟ ଦିଅନ୍ତୁ । ତାଙ୍କ କଥାରେ ପ୍ରତିବନ୍ଧକ ନ ହୋଇ ପୁରା ସମସ୍ୟା ଓ କଥା ଲୁଚାଇବାର ସମସ୍ତ କାରଣକୁ ଧୈର୍ଯ୍ୟର ସହ ଶୁଣନ୍ତୁ । ଏପରି କରିବା ଦ୍ୱାରା ସମସ୍ୟାର ମୂଳ କାରଣ ଜାଣିପାରିବେ ।

ଭରସାର ମାହୋଲ୍ ସୃଷ୍ଟି କରନ୍ତୁ: ସମ୍ପର୍କରେ ଦୂରତା ଆସିବାର ସବୁଠାରୁ ବଡ କାରଣ ହେଉଛି ଭରସାର ଅଭାବ । ତେଣୁ ସାଥୀଙ୍କ ମନରେ ଭରସା ଆସିବାକୁ ଦିଅନ୍ତୁ ଯେ ଆପଣ ତାଙ୍କୁ ବୁଝୁଛନ୍ତି । ତାଙ୍କ ଭୁଲ୍ ଉପରେ କୌଣସି ପ୍ରତିକ୍ରିୟା ଦିଅନ୍ତୁନାହିଁ । ବରଂ ଏକ ସୁରକ୍ଷିତ ମାହୋଲ୍ ବଜାୟ ରଖନ୍ତୁ । ଫଳରେ ସାଥୀ ବିନା ଭୟରେ କୌଣସି କଥା କହିପାରିବେ । ଛୋଟ ଛୋଟ କଥା ବାଣ୍ଟନ୍ତୁ, ଫଳରେ ବିଶ୍ୱାସ ବଢିବ ।

ସାଙ୍ଗ ହୋଇ ସମୟ ବିତାନ୍ତୁ: ବ୍ୟସ୍ତବହୁଳ ଜୀବନ ଯୋଗୁ ପରସ୍ପର ସହ ସମୟ ବିତାଇବା କଷ୍ଟକର ହୋଇପଡୁଛି । ତଥାପି କିଛି ସମୟ ବାହାର କରି ସାଥୀଙ୍କ ସହ ସମୟ ବିତାନ୍ତୁ । ଏହାହିଁ ଦୂରତାକୁ କମାଇପାରିବ । କିଛି ସମୟ ପାଇଁ ଏକାଠି ବାହାରକୁ ବୁଲିବାକୁ କିମ୍ବା ଫିଲ୍ମ ଦେଖିବାକୁ ଯାଆନ୍ତୁ । ଏପରି କରିବା ଦ୍ୱାରା ପୁରୁଣାଦିନ କ୍ରମଶଃ ସତେଜ ହୋଇଥାଏ ।

ନିଜକୁ ତଥା ସମ୍ପର୍କକୁ ସମୟ ଦିଅନ୍ତୁ: ଯେକୌଣସି ସମସ୍ୟାକୁ ଠିକ୍ କରିବାକୁ ହେଲେ ସମୟ ଦେବାକୁ ପଡିଥାଏ । ଧୈର୍ଯ୍ୟ ରଖନ୍ତୁ, ସମ୍ପର୍କକୁ ଠିକ୍ କରିବାକୁ ହେଲେ ନିଜକୁ ତଥା ସାଥୀଙ୍କୁ କିଛି ସମୟ ଦେବାକୁ ପଡିଥାଏ । କାରଣ ତୁରନ୍ତ ସବୁକିଛି ଠିକ୍ ହୋଇଯାଇ ନଥାଏ । ଯଦି ସମସ୍ୟା ଗମ୍ଭୀର ହୋଇଥାଏ, ତେବେ ସମ୍ପର୍କରେ ସୁଧାର ଆଣୁଥିବା ପରାମର୍ଶଦାତାଙ୍କ ସହ ପରାମର୍ଶ କରିବା ଆବଶ୍ୟକ।

## ଜଙ୍ଗଲ କ୍ଷୟର ସବୁଠାରୁ ବଡ଼ କାରଣ ବଜ୍ରପାତ



ଅନ୍ୟ ଯେକୌଣସି ଜଳବାୟୁ-ସମ୍ବନ୍ଧୀୟ କାରଣ ଅପେକ୍ଷା ବଜ୍ରପାତ ଯୋଗୁଁ ଅଧିକ ସଂଖ୍ୟକ ଗଛର ମୃତ୍ୟୁ ହେଉଛି ବୋଲି ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି। ଏକ ନୂତନ ଅଧ୍ୟୟନ ଅନୁଯାୟୀ, ଲଗାତାର ବୃଦ୍ଧି ପାଉଥିବା ବଜ୍ରପାତ ସଂଖ୍ୟା ବର୍ତ୍ତମାନ ଆମାଜନ୍ ଜଙ୍ଗଲରେ ଗଛମୃତ୍ୟୁର ଏକ ପ୍ରମୁଖ କାରଣ ସାଜିଛି, ଯାହାକୁ ଏପର୍ଯ୍ୟନ୍ତ ଅଣଦେଖା କରାଯାଇ ଆସିଥିଲା।

ଉଲ୍ଲେଖଯୋଗ୍ୟ, କ୍ରାନ୍ତିମଣ୍ଡଳୀୟ ଜଙ୍ଗଲ ଅଙ୍ଗାରକାମ୍ଳ ଶୋଷଣ କରି ଜଳବାୟୁ ପରିବର୍ତ୍ତନକୁ ଧୀର କରିବାରେ ସାହାଯ୍ୟ କରେ। ସେହି ଗଛଗୁଡ଼ିକ ଅଧିକ ସଂଖ୍ୟାରେ ମରିବା ଦ୍ୱାରା ଅଧିକ ପରିମାଣର ଅଙ୍ଗାରକ ବାୟୁରେ ରହି ବିଶ୍ୱ ଉତ୍ତପ୍ତୀକରଣକୁ ତୀବ୍ରତର କରିଥାଏ। କ୍ରାନ୍ତିମଣ୍ଡଳୀୟ ଅଞ୍ଚଳରେ ବୃକ୍ଷ ମୃତ୍ୟୁ ପାଇଁ ବୈଜ୍ଞାନିକମାନେ ବହୁ ଦିନ ଧରି ମରୁଡ଼ି, ତାପମାତ୍ରା ବୃଦ୍ଧି, ଜଙ୍ଗଲ ନିଆଁ ଓ ଜଙ୍ଗଲ କାଟ ପ୍ରମୁଖଙ୍କୁ ଦାୟୀ କରିଆସୁଛନ୍ତି। କିନ୍ତୁ ଏହି ନୂତନ ଗବେଷଣା କହୁଛି ଯେ ଛୋଟ ତଥା ତୀବ୍ର ଝଡ଼ ସର୍ବାଧିକ କ୍ଷତି କରୁଛି। ଏହି ଝଡ଼ଗୁଡ଼ିକ ଆମାଜନ୍ ଜଙ୍ଗଲରେ ଗଛ ମୃତ୍ୟୁରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଦାୟୀ ବୋଲି 'ଇକୋଲୋଜି ଲେଟର୍ସ' ପତ୍ରିକାରେ ପ୍ରକାଶିତ ଅଧ୍ୟୟନରୁ ଜଣାପଡ଼ିଛି। ଏହି କ୍ଷଣସ୍ଥାୟୀ ସଂଚଳନଶୀଳ ଝଡ଼ଗୁଡ଼ିକ ତୀବ୍ର ହେବା ସହ ଛୋଟ ଅଞ୍ଚଳକୁ ଘେରି ରଖି ପ୍ରବଳ ପବନ, ବିଜୁଳି ଓ ହଠାତ୍ ବାଦଲଫଟା ବର୍ଷା କରାଇଥାନ୍ତି। ଘୂର୍ଣ୍ଣିବାତ୍ୟା କିମ୍ବା ଟାଇଫୁନ୍ ପରି, ଏଗୁଡ଼ିକୁ ନାମକରଣ କିମ୍ବା ଟ୍ରାକ୍ କରାଯାଏ ନାହିଁ। କିନ୍ତୁ ଝଡ଼ ସହ ହେଉଥିବା ଘଡ଼ଘଡ଼ି-ବିଜୁଳି ଗଛଗୁଡ଼ିକୁ ଲକ୍ଷ ଲକ୍ଷ ସଂଖ୍ୟାରେ ନଷ୍ଟ କରିଦିଏ।

ଉଲ୍ଲେଖଯୋଗ୍ୟ, କ୍ରାନ୍ତିମଣ୍ଡଳୀୟ ଜଙ୍ଗଲଗୁଡ଼ିକ ବିପୁଳ ପରିମାଣର ଅଙ୍ଗାର ସଂରକ୍ଷଣ କରନ୍ତି। ସେମାନେ ପ୍ରତିବର୍ଷ ସମସ୍ତ ଜୀବାଶ୍ମ ଇନ୍ଧନ ନିର୍ଗମନର ପ୍ରାୟ ୪୫ ପ୍ରତିଶତ ଶୋଷି ନେଇଥା'ନ୍ତି। ଯେତେବେଳେ ଝଡ଼ ଗଛଗୁଡ଼ିକୁ ଏପରି ମାରିଦିଏ, ମୃତ ଗଛଗୁଡ଼ିକ ଅଙ୍ଗାରକୁ ସଂରକ୍ଷଣ କରିବା ପରିବର୍ତ୍ତେ ତାହା ବାୟୁମଣ୍ଡଳକୁ ଫେରି ଆସିଥାଏ। ବଜ୍ରପାତ ହିଁ ଥରକେ ଡଜନେ ଗଛକୁ ଆଘାତ କରିବା ସହ ପ୍ରତି ବର୍ଷ କୋଟି କୋଟି ଗଛକୁ ମାରିଦିଏ। ଅନେକ ବୃକ୍ଷ ଧୀରେ ଧୀରେ ମରିଥା'ନ୍ତି, ଯେଉଁ କ୍ଷତିକୁ ଗଣନା କରିବା କଷ୍ଟକର ହୋଇଥାଏ। ଏକ ଆକଳନ ଅନୁଯାୟୀ, ବାର୍ଷିକ ୩୫ରୁ ୬୭ ନିୟୁତ ବଜ୍ରପାତ ଗ୍ରୀଷ୍ମମଣ୍ଡଳୀୟ ଜଙ୍ଗଲକୁ ଆଘାତ କରେ। ଅର୍ଥାତ୍ ପ୍ରତିବର୍ଷ ଶହ ଶହ ନିୟୁତ ବୃକ୍ଷ ଏଥିଯୋଗୁଁ ମୃତ୍ୟୁମୁଖରେ ପଡ଼ିଥା'ନ୍ତି। ପାନାମାରେ କେବଳ ଗୋଟିଏ ବଜ୍ରପାତ ହାରାହାରି ୩.୫ ଗଛକୁ ମାରିଦିଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏହା ସତ୍ତ୍ୱେ ବଜ୍ରପାତକୁ ଜଙ୍ଗଲ କ୍ଷୟର କାରକ ଭୂମିକାରେ ରଖି ଖୁବ୍ କମ୍ ଗବେଷଣା ହେଇଛି। ଗତ ୫୦ ବର୍ଷରେ ବଜ୍ରପାତ ହାର ଦଶନ୍ଧି ପିଛା ୫-୨୫ ପ୍ରତିଶତ ହାରରେ ବଢୁଥିବାରୁ ଜଳବାୟୁ ପରିବର୍ତ୍ତନ ଜଙ୍ଗଲ କ୍ଷୟକୁ ବଢ଼ାଇଦେବ ବୋଲି ଗବେଷକମାନେ ସତର୍କ କରାଇଦେଇଛନ୍ତି।

## ଶ୍ରାବଣ ମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ



ଆରମ୍ଭ ହୋଇଛି ଶ୍ରାବଣ ମାସ । ଶିବମୟ ହୋଇ ଉଠିବ ସଂସାର । ମହାଦେବଙ୍କ ଭକ୍ତିରେ ଭିଜିବେ ହେବେ ଭକ୍ତ । ମାସଯାକ ବ୍ରତ ପାଳନ କରି ପାଇବେ ନୀଳକଣ୍ଠଙ୍କ ଆଶୀର୍ବାଦ । ଏଥର ଶ୍ରାବଣ ମାସ ୩୦ ଦିନ ପାଇଁ ନୁହେଁ ବରଂ ୩୦ ଦିନ ପାଇଁ ପଡୁଛି । ଏହାର କାରଣ ହେଉଛି ଯେ, ଶ୍ରାବଣ ମାସରେ ତ୍ରୟୋଦଶୀ ତିଥି କ୍ଷୟ ହେଉଛି । ଆଜିର ଦିନରେ ଏକ ସ୍ୱତନ୍ତ୍ର ଯୋଗ ଗଠନ ସୃଷ୍ଟି ହେଉଛି । ଶିବ ଯୋଗ, ପ୍ରୀତି ଯୋଗ ଏବଂ ଆୟୁଷ୍ମାନ ଯୋଗ ହେଉଛି। ହିନ୍ଦୁ ଧର୍ମରେ ଏହି ସମସ୍ତ ଯୋଗକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ। ଶ୍ରାବଣ ମାସର ପ୍ରଥମ ଦିନରେ ସୂର୍ଯ୍ୟୋଦୟରୁ ଶିବ ପୂଜାର ଶୁଭ ସମୟ ଆରମ୍ଭ ହେଉଛି । ଆଜି ସକାଳ ୫ଟା ୩୧ ରୁ ୭ ଟା୧୫ ପର୍ଯ୍ୟନ୍ତ ରହିଛି। ଏହା ପରେ ଶୁଭ ସମୟ ସକାଳ ୧୦ଟା ୪୩ ରୁ ଅପରାହ୍ଣ ୨ଟା ୧୦ ପର୍ଯ୍ୟନ୍ତ ରହିଛି। ଆଜିର ପବିତ୍ର ଦିନରେ ପିଆଜ ଏବଂ ରସୁଣ ଖାଆନ୍ତୁ ନାହିଁ। ଘରର ବାତାବରଣକୁ ପବିତ୍ର ତଥା ସ୍ୱଚ୍ଛ ରଖନ୍ତୁ। ଭଗବାନ ଶିବଙ୍କ ପୂଜାରେ ତୁଳସୀ ପତ୍ର, ସିନ୍ଦୁର, ଭଙ୍ଗା ଚାଉଳ ଇତ୍ୟାଦି ଅର୍ପଣ କରନ୍ତୁ ନାହିଁ। ଶ୍ରାବଣ ମାସରେ ରୁଦ୍ରାଭିଷେକ କରୁଥିଲେ ଶୁଦ୍ଧ ଜଳ, କ୍ଷୀର, ଦହି, ଚିନି, ଘିଅ, ମହୁ, ଚନ୍ଦନ, ବେଲପତ୍ର, ଫୁଲ ମାଳ, ଗୋଟା ଚାଉଳ, ଦୀପ, ଧୂପ, ବେଲପତ୍ର, ଦୁଦୁରା, ଭାଙ୍ଗ, ପାଉଁଶ, ଗଙ୍ଗା ଜଳ ଏବଂ ମିଠା ଇତ୍ୟାଦି ଅର୍ପଣ କରନ୍ତୁ । ପ୍ରଭୁଙ୍କୁ ଭୋଗ ସ୍ୱରୂପ କ୍ଷୀର, ହାଲୱା, ମାଲପୁଆ ଏବଂ ଫଳ ଇତ୍ୟାଦି ଅର୍ପଣ କରନ୍ତୁ । ଏହି ସମସ୍ତ ଖାଦ୍ୟ ପଦାର୍ଥ ଭଗବାନ ଶିବଙ୍କୁ ବହୁତ ପ୍ରିୟ। ଶ୍ରାବଣ ମାସରେ ଚତୁର୍ଥୀ, ଅଷ୍ଟମୀ, ନବମୀ, ଚତୁର୍ଦ୍ଦଶୀ ଏବଂ ଅମାବାସ୍ୟା ତିଥିରେ ବେଲପତ୍ର ଛିଣ୍ଡାଇବା ଉଚିତ୍ ନୁହେଁ। ସଂକ୍ରାନ୍ତି ଏବଂ ସୋମବାରରେ ମଧ ବେଲପତ୍ର ଛିଣ୍ଡାନ୍ତୁ ନାହିଁ । ଏପରି କରିବା ପାପ ବୋଲି ବିବେଚନା କରାଯାଏ । ତେଣୁ ଯଦି ଆପଣ ଏହି ତିଥିଗୁଡ଼ିକରେ ବେଲପତ୍ର ଅର୍ପଣ କରିବାକୁ ଚାହାଁନ୍ତି, ତେବେ ଗୋଟିଏ ଦିନ ପୂର୍ବରୁ ଏହାକୁ ଛିଣ୍ଡାଇ ଦିଅନ୍ତୁ।

ଶ୍ରାବଣରେ ଶିବ ଉପାସନା କାହିଁକି କରାଯାଏ.....

ଭଗବାନ ଶିବଙ୍କ ପୂଜା ଆରାଧନା କରିବା ଲାଗି ଏହା ହେଉଛି ଉତ୍କୃଷ୍ଟ ସମୟ। ଏହି ଶ୍ରାବଣ ମାସରେ ଶିବଙ୍କ କୃପା ଲାଭ ପାଇଁ ଶିବଭକ୍ତମାନେ ବ୍ରତ ରଖି ବୋଲବମ୍ ଯାତ୍ରା କରିଥାନ୍ତି।

ହିନ୍ଦୁ ପଞ୍ଜାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ। ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ। ଏହିପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି। ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ। ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ୍ ପ୍ରିୟ। କୁହାଯାଏ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ। ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ।

ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ। ଏହଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା। ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ। ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ। ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି। ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି। ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ। ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର। ସୋମବାର ବ୍ରତ ରଖିବା ଉତ୍ତମ। ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ।


## କଞ୍ଚାଲଙ୍କାର ଉପକାରିତା



ଭାରତ ଏମିତି ଏକ ଦେଶ ଯେଉଁଠାରେ କଞ୍ଚା ଲଙ୍କାର ପ୍ରୟୋଗ ଖାଇବା ସମୟରେ ଅଧିକ କରାଯାଏ। ସବୁଜ କଞ୍ଚା ଲଙ୍କା ଏକ ଔଷଧ ପରି ମଧ୍ୟ ବ୍ୟବହାର କରାଯାଇପାରେ। କାରଣ ଏଥିରେ ରୋଗ ନିବାରଣ କରିବାର ଶକ୍ତି ରହିଛି। କଞ୍ଚା ଲଙ୍କାରେ ପୋଷକତତ୍ତ୍ୱ ଯେମିତିକି ଭିଟାମିନ-ଏ, ସି, ଆଇରନ, ପୋଟାସିଅମ, ପ୍ରୋଟିନ ଇତ୍ୟାଦି ଭରପୂର ପରିମାଣରେ ରହିଛି। ମହିଳାଙ୍କ କ୍ଷେତ୍ରରେ ଏହା ବେଶ୍ ଲାଭଦାୟକ ହୋଇଥାଏ। ଯଦି ଆପଣଙ୍କର ରକ୍ତଚାପ ଅଧିକ ରହିଛି ତେବେ କଞ୍ଚା ଲଙ୍କା ଖାଇବାଦ୍ୱାରା ଲାଭ ମିଳିଥାଏ। ଏହାଛଡ଼ା ମଧୁମେହ ହୋଇଥିବା ବ୍ୟକ୍ତିମାନେ ମଧ ଏହାକୁ ଖାଇପାରିବେ। କଞ୍ଚା ଲଙ୍କାରେ ଭରପୂର ମାତ୍ରାରେ ତନ୍ତୁ ଥିବାରୁ ଏହା ଆମ ଶରୀରରେ ପାଚନ କ୍ରିୟାରେ ସହାୟକ ହୋଇଥାଏ। ପ୍ରାୟତଃ ମହିଳାଙ୍କଠାରେ ଆଇରନର ପରିମାଣ କମ୍ଥାଏ। ଏଥିପାଇଁ ଖାଇବା ସମୟରେ ପ୍ରତିଦିନ କଞ୍ଚା ଲଙ୍କା ଖାଇଲେ ଆଇରନ ବୃଦ୍ଧି ପାଇଥାଏ। କଞ୍ଚା ଲଙ୍କାରେ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ରହିଥିବାରୁ ଏହା ସଂକ୍ରମଣରୁ ରକ୍ଷା କରିଥାଏ। ତେଣୁ କଞ୍ଚା ଲଙ୍କା ଖାଇବାଦ୍ୱାରା ଆପଣଙ୍କ ତ୍ୱଚାରେ କୌଣସି ପ୍ରକାରର ଆଲର୍ଜି ବା ସଂକ୍ରମଣ ହେବନାହିଁ।


ଯେଉଁମାନଙ୍କର ଆଜ୍ମା ଭଳି ସମସ୍ୟା ରହିଥାଏ ସେମାନେ କଞ୍ଚା ଲଙ୍କାର ରସ ସହ ମହୁ ମିଶାଇ ସେବନ କରିଲେ ଏହା ନିୟନ୍ତ୍ରଣ ହୋଇଥାଏ। କଞ୍ଚା ଲଙ୍କାରେ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। କଞ୍ଚା ଲଙ୍କାରେ ଭିଟାମିନ ପ୍ରଚୁର ପରିମାଣରେ ରହିଥିବାରୁ ଏହା ତ୍ୱଚା ପାଇଁ ଲାଭଦାୟକ ହୋଇଥାଏ। ସବୁଜ ଲଙ୍କା ଖାଇବାଦ୍ୱାରା ଓଜନକୁ ନିୟନ୍ତ୍ରଣ ହୋଇଥାଏ। କିଛି ମହିଳା କହନ୍ତି ଯେ, ସବୁଜ ଲଙ୍କା ସମେତ ମସଲାଯୁକ୍ତ ଖାଦ୍ୟ ସେବନ କରିବା ଦ୍ୱାରା ଏଣ୍ଡୋର୍ଫିନ୍ ବାହାରିବା କାରଣରୁ ମାସିକ ଧର୍ମ ସମୟରେ ହେଉଥିବା ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ।

## ସବୁଠୁ ଦୁର୍ଲଭ ବ୍ଲଡ୍ ଗ୍ରୁପ୍ 'ଗ୍ୱାଡା-ନେଗେଟିଭ୍'



ଫ୍ରାନ୍ସର ବୈଜ୍ଞାନିକମାନେ ଚିକିତ୍ସା ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର କରିଛନ୍ତି, ଯାହା ସାରା ବିଶ୍ୱକୁ ଚକିତ କରିଛି । ଏକ ସାଧାରଣ ରକ୍ତ ପରୀକ୍ଷା ସମୟରେ ଗ୍ୱାଡେଲୁପ୍‌ର ଜଣେ ୬୮ ବର୍ଷୀୟା ମହିଳାଙ୍କଠାରେ ବିଶ୍ୱର ସବୁଠୁ ଦୁର୍ଲଭ ରକ୍ତ ସମୂହ ଆବିଷ୍କୃତ ହୋଇଛି। ଏହାକୁ 'ଗ୍ୱାଡା ନେଗେଟିଭ୍' ନାମ ଦିଆଯାଇଛି । ଏହି ବ୍ଲଡ୍ ଗ୍ରୁପ୍ ଏତେ ଦୁର୍ଲଭ ଯେ ବିଶ୍ୱରେ କେବଳ ଜଣେ ବ୍ୟକ୍ତିଙ୍କ ପାଖରେ ଏହା ଚିହ୍ନଟ ହୋଇଛି। ଏହି ବ୍ୟକ୍ତି ଅନ୍ୟ କୌଣସି ରକ୍ତଦାତାଙ୍କଠୁ ରକ୍ତ ନେଇପାରିବେ ନାହିଁ। କାରଣ ତାଙ୍କ ରକ୍ତ ବିଶ୍ୱର କୌଣସି ରକ୍ତ ସମୂହ ସହ ମେଳ ଖାଏନାହିଁ । ଇଣ୍ଟରନ୍ୟାସନାଲ ସୋସାଇଟି ଅଫ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ନିକଟରେ ଏହାକୁ ଔପଚାରିକେ ରୂପେ ୪୮ତମ ରକ୍ତ ସମୂହ ରୂପେ ମାନ୍ୟତା ଦେଇଛି । ୨୦୧୧ରେ ଗ୍ୱାଡେଲୁପ୍ ବ୍ଲଡ୍ ଗ୍ରୁପ୍‌ବିଶିଷ୍ଟ ଜଣେ ୫୪ ବର୍ଷୀୟା ମହିଳା ପ୍ୟାରିସ୍‌ରେ ରହୁଥିଲେ । ସର୍ଜରି ପୂର୍ବରୁ ସେ ନିୟମିତ ରକ୍ତ ପରୀକ୍ଷା ପାଇଁ ଯାଇଥିଲେ । ଯାଞ୍ଚ ସମୟରେ ଡାକ୍ତରମାନେ ତାଙ୍କ ରକ୍ତରେ ଏକ ଅସାଧାରଣ ଆଣ୍ଟିବଡି ପାଇଲେ, ଯାହା କୌଣସି ଜ୍ଞାତ ରକ୍ତ ସମୂହ ସହ ମେଳ ଖାଉନଥିଲା । ସେତେବେଳର ସୀମିତ ଟେକ୍ନୋଲୋଜି ଯୋଗୁ ଏହି ରହସ୍ୟର ସମାଧାନ ସମ୍ଭବ ହୋଇନଥିଲା । ୨୦୧୯ରେ ନୂଆ ପିଢ଼ିର ଡିଏନ୍ଏ ସିକ୍ୱେନ୍ସିଙ୍ଗ୍ ଟେକ୍ନୋଲୋଜି ସାହାଯ୍ୟରେ ବୈଜ୍ଞାନିକମାନେ ମହିଳାଙ୍କ ରକ୍ତର ପୁନଃ ବିଶ୍ଳେଷଣ କଲେ । ଏଥିରୁ ଜଣାପଡ଼ିଲା, ତାଙ୍କ ରକ୍ତରେ ଥିବା ସ୍ୱତନ୍ତ୍ର ଜିନ୍ 'ପିଗ୍‌ଜ ଜିନ୍'ରେ ମ୍ୟୁଟେସନ୍ ଅଛି । ଏହି ଜିନ୍ ଏକ ଏନ୍‌ଜାଇମ୍ ଉତ୍ପନ୍ନ କରୁଛି, ଯାହା ଲାଲ୍ ରକ୍ତ କୋଷିକାଗୁଡ଼ିକର ପୃଷ୍ଠରେ ବିଶେଷ ପ୍ରକାର ଶର୍କରା ଅଣୁକୁ ଯୋଡୁଛି । ଏହି ଶର୍କରାର ଅନୁପସ୍ଥିତି ଯୋଗୁ ମହିଳାଙ୍କ ରକ୍ତରେ ଇଏମ୍ଏମ୍ ଆଣ୍ଟିଜେନ୍ (ଯାହା ହାରାହାରି ସମସ୍ତ ମନୁଷ୍ୟଙ୍କଠାରେ ମିଳେ) ନ ଥିଲା । ଏହି ଅଭିନବ ପରିବର୍ତ୍ତନ ଏକ ନୂଆ ରକ୍ତ ସମୂହ ସୃଷ୍ଟି କଲା, ଯାହାକୁ ଇଏମ୍ଏମ୍-ନେଗେଟିଭ୍ ବା ଗ୍ୱାଡା ନେଗେଟିଭ୍ ନାମ ଦିଆଗଲା । ଗ୍ୱାଡା ନେଗେଟିଭ୍ ରକ୍ତ ସମୂହର ସବୁଠୁ ବଡ଼ ବିଶେଷତ୍ୱ ହେଉଛି, ଏଥିରେ ଇଏମ୍ଏମ୍ ଆଣ୍ଟିଜେନ୍ ନାହିଁ, ଯାହା ସାଧାରଣତଃ ପ୍ରତ୍ୟେକ ଲୋକଙ୍କ ଲୋହିତ ରକ୍ତ କୋଷିକାରେ ଥାଏ । ସେଥିପାଇଁ ଏହା ରକ୍ତକୁ ଅତ୍ୟନ୍ତ ଦୁର୍ଲଭ କରିଛି । ଗ୍ୱାଡା ନେଗେଟିଭ୍ ବ୍ଲଡ୍ ଗ୍ରୁପ୍‌ବିଶିଷ୍ଟ ଏହି ମହିଳା ବିଶ୍ୱରେ ଏକମାତ୍ର ବ୍ୟକ୍ତି, ଯାହାଙ୍କର ରକ୍ତ ଆବଶ୍ୟକ ହେଲେ, ବିଶ୍ୱର କୌଣସି ରକ୍ତ ଦାତା ତାଙ୍କୁ ସାହାଯ୍ୟ କରିପାରିବେ ନାହିଁ। କାରଣ ଅନ୍ୟ ସମସ୍ତ ରକ୍ତ ଇଏମ୍ଏମ୍-ପିଜିଟିଭ୍, ଯାହା ତାଙ୍କ ଶରୀରରେ ଗମ୍ଭୀର ପ୍ରତିରକ୍ଷା ପ୍ରତିକ୍ରିୟା ସୃଷ୍ଟି କରିପାରେ । ମାତା-ପିତାଙ୍କଠୁ ମହିଳାଙ୍କୁ ଏହି ବ୍ଲଡ୍ ଗ୍ରୁପ୍ ମିଳିଛି । ଉଭୟ ମାତା-ପିତାଙ୍କ ପାଖରେ ଏହି ପରିବର୍ତ୍ତିତ ଜିନ୍‌ର ଗୋଟିଏ ଲେଖାଏଁ କପି ଥିଲା। ମହିଳାଙ୍କର ସାମାନ୍ୟ ବୌଦ୍ଧିକ ବିକାର ରହିଛି । ସେ ଦୁଇ ସନ୍ତାନଙ୍କୁ ଜନ୍ମ ସମୟରେ ହରାଇ ଦେଇଥିଲେ । ଏହି ସମସ୍ୟା ପିଗ୍‌ଜ ଜିନ୍‌ରେ ପରିବର୍ତ୍ତନ ଯୋଗୁ ହୋଇପାରେ ବୋଲି ବୈଜ୍ଞାନିକଙ୍କ ବିଶ୍ୱାସ। ଏହି ଆବିଷ୍କାର ଅନ୍ତର୍ଜାତୀୟ ଦୁର୍ଲଭ ରକ୍ତ ଦାତା ପଞ୍ଜିକରଣର ମହତ୍ୱ ଉପରେ ଆଲୋକପାତ କରିଛି, ଯାହା ଆପାତକାଳରେ ଜୀବନ ରକ୍ଷାକାରୀ ସହାୟତା ପ୍ରଦାନ କରିପାରେ । ବୈଜ୍ଞାନିକମାନେ ଏବେ ଷ୍ଟେମ୍ କୋଷିକାରୁ ଲୋହିତ ରକ୍ତ କୋଷିକା ବିକଶିତ କରିବା ଉପରେ କାମ କରୁଛନ୍ତି। ଏହାକୁ ଜିନ୍‌ଗତ ଭାବେ ସଂଶୋଧନ କରି ଦୁର୍ଲଭ ରକ୍ତ ସମୂହ ଯଥା- ଗ୍ୱାଡା ନେଗେଟିଭ୍ ସହ ମେଳ ଖୁଆଇବା ପାଇଁ ପ୍ରସ୍ତୁତ କରାଯାଇପାରେ। ଗ୍ୱାଡେଲୁପ୍ ଦ୍ୱୀପର ସ୍ଥାନୀୟ ନାମ ଗ୍ୱାଡାରୁ 'ଗ୍ୱାଡା ନେଗେଟିଭ୍' ନାମକରଣ ହୋଇଛି, ଯାହା ଉକ୍ତ ମହିଳାଙ୍କ ଜନ୍ମସ୍ଥଳୀକୁ ଦର୍ଶାଇଛି । ବୈଜ୍ଞାନିକଙ୍କ ମଧ୍ୟରେ ଏହି ନାଁ ଖୁବ୍ ଲୋକପ୍ରିୟ ହୋଇଛି, କାରଣ ସମସ୍ତ ଭାଷାରେ ସହଜରେ ଏହି ନାଁକୁ କୁହାଯାଇ ପାରୁଛି । ଏବିଓ ରକ୍ତ ସମୂହ ପ୍ରଣାଳୀ ସବୁଠୁ ଦୁର୍ଲଭ ରକ୍ତ ସମୂହ, ଯାହାକୁ ୧୯୦୧ରେ କାର୍ଲ ଲ୍ୟାଣ୍ଡଷ୍ଟିନର ଆବିଷ୍କାର କରିଥିଲେ । ଏହା ଲାଲ୍ ରକ୍ତ କୋଷିକାରେ ଏ, ବି ଓ ଏଚ୍ ଆଣ୍ଟିଜେନ୍‌ର ଉପସ୍ଥିତି ବା ଅନୁପସ୍ଥିତି ଉପରେ ଆଧାରିତ ।

## ମରୁଡ଼ି-ବନ୍ୟା ବିପଦରେ ଅଧିକାଂଶ ଐତିହ୍ୟସ୍ଥଳ



ବିଶ୍ୱର ପ୍ରାୟ ତିନି-ଚତୁର୍ଥାଂଶ ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟସ୍ଥଳ ଜଳସଂକଟ କିମ୍ବା ଜଳାର୍ଣ୍ଣବ ହେତୁ ବିପଦଗ୍ରସ୍ତ ହୋଇପଡ଼ିଛି ବୋଲି ଜାତିସଂଘର ସାଂସ୍କୃତିକ ସଂସ୍ଥା 'ୟୁନେସ୍କୋ' କହିଛି। 'ୟୁନେସ୍କୋ' ଅନୁଯାୟୀ ଐତିହ୍ୟ ତାଲିକାରେ ଥିବା ୧,୧୭୨ ଅଣ-ସାମୁଦ୍ରିକ ସ୍ଥାନ ମଧ୍ୟରୁ ୭୩ ପ୍ରତିଶତ ଜଳାଭାବ, ମରୁଡ଼ି ଓ ବନ୍ୟା ଭଳି କୌଣସି ଗୋଟିଏ ଗମ୍ଭୀର ଜଳ ବିପଦର ସମ୍ମୁଖୀନ ହୋଇଛନ୍ତି। ମଧ୍ୟପ୍ରାଚ୍ୟ, ଉତ୍ତର ଆଫ୍ରିକା, ଦକ୍ଷିଣ ଏସିଆର କିଛି ଅଂଶ ଏବଂ ଉତ୍ତର ଚୀନ୍ ଭଳି ଅଞ୍ଚଳରେ ଜଳ ଚାପ ତୀବ୍ର ହେଉଥିବା ଆକଳନ କରାଯାଇଛି, ଯାହା ପରିବେଶ, ସାଂସ୍କୃତିକ ଐତିହ୍ୟ ଏବଂ ସେମାନଙ୍କ ଉପରେ ନିର୍ଭର କରୁଥିବା ସମ୍ପ୍ରଦାୟ ଓ ପର୍ଯ୍ୟଟନ ଅର୍ଥନୀତି ପାଇଁ ଦୀର୍ଘକାଳୀନ ବିପଦ ସୃଷ୍ଟି କରିବ। ୟୁନେସ୍କୋର ଅଧ୍ୟୟନ ଅନୁଯାୟୀ, ସାଂସ୍କୃତିକ ସ୍ଥଳଗୁଡ଼ିକ ସାଧାରଣତଃ ଜଳାଭାବ ଦ୍ୱାରା ବିପଦରେ ପଡ଼ିଥିବା ବେଳେ ଅର୍ଦ୍ଧାଧିକ ପ୍ରାକୃତିକ ସ୍ଥଳ ନିକଟବର୍ତ୍ତୀ ନଦୀର ବନ୍ୟା ଦ୍ୱାରା ବିପଦର ସମ୍ମୁଖୀନ ହୋଇଛନ୍ତି।

ଉଦାହରଣ ସ୍ୱରୂପ, ଭାରତରେ ପ୍ରଦୂଷଣ ଏବଂ ଭୂତଳ ଜଳସ୍ତର ହ୍ରାସ ଫଳରେ ଜଳାଭାବର ସମ୍ମୁଖୀନ ହୋଇ ଆଗ୍ରାର ତାଜମହଲ କ୍ଷତିଗ୍ରସ୍ତ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୨ର ବନ୍ୟା ସମଗ୍ର ୟେଲୋଷ୍ଟୋନ୍ ଜାତୀୟ ଉଦ୍ୟାନକୁ ବନ୍ଦ କରିଦେଇଥିଲା ଏବଂ ଭିତ୍ତିଭୂମି ମରାମତିରେ ୨୦ ନିୟୁତ ଡଲାରରୁ ଅଧିକ ଖର୍ଚ୍ଚ ହୋଇଥିଲା। ସେହିପରି ଇରାକର ପ୍ରସିଦ୍ଧ ଦକ୍ଷିଣ ଆର୍ଦ୍ରଭୂମି ଅତ୍ୟନ୍ତ ଉଚ୍ଚ ଜଳ ଚାପର ସମ୍ମୁଖୀନ ହେଉଛି। ଜାମ୍ବିଆ ଏବଂ ଜିମ୍ବାୱେ ସୀମାରେ ଥିବା ଭିକ୍ଟୋରିଆ ଜଳପ୍ରପାତ ବାରମ୍ବାର ମରୁଡ଼ିର ସମ୍ମୁଖୀନ ହୋଇଛି ଏବଂ କେତେକ ସମୟରେ ଏହା ଏକ ଝରଣା ପରି କ୍ଷୀଣ ହୋଇଯାଉଛି।

## ଜର୍ମାନୀରେ ଚମକିଲେ ଓଡ଼ିଆ ପୁଅ

# ମାତ୍ର ୧୦.୧୪ ସେକେଣ୍ଡରେ ୧୦୦ ମିଟର ଦୌଡ଼ିଲେ ଅନିମେଶ : ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର**

ଜର୍ମାନୀରେ ଅନୁଷ୍ଠିତ 'ଫାଷ୍ଟ ଆର୍ମସ ଫାଷ୍ଟ ଲେଗ୍ସ' ଆଥଲେଟିକ୍ସ ମିଟ୍‌ରେ ଓଡ଼ିଶାର ପ୍ରତିଭାବାନ ସ୍ପ୍ରିଣ୍ଟର ଅନିମେଶ କୁଜୁର ଐତିହାସିକ ସଫଳତା ହାସଲ କରିଛନ୍ତି। ସେ ପୁରୁଷ ୧୦୦ ମିଟର ଦୌଡ଼କୁ ମାତ୍ର ୧୦.୧୪ ସେକେଣ୍ଡରେ ସମାପ୍ତ କରି ବିଦେଶ ମାଟିରେ ଜଣେ ଭାରତୀୟ ସ୍ପ୍ରିଣ୍ଟରଙ୍କ ସର୍ବାଦ୍ରୁତ ସମୟର ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନିମେଶଙ୍କୁ ପ୍ରଶଂସା କରିବା ସହ ଶୁଭକାମନା ଜଣାଇଛନ୍ତି। ଏଥି ସହିତ ତାଙ୍କର ଉଜ୍ଜ୍ୱଳ କ୍ରୀଡ଼ା ଭବିଷ୍ୟତ କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି, ଅନିମେଶଙ୍କ ଏହି ଉଲ୍ଲେଖନୀୟ ସଫଳତା କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ପାଇଁ ଗର୍ବର ବିଷୟ ପାଲଟିଛି। ବିଶ୍ୱ ଆଥଲେଟିକ୍ସ ମଞ୍ଚରେ ତାଙ୍କର ଏହି କୃତିତ୍ୱ ଦେଶର ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ନୂତନ ପ୍ରେରଣା ସୃଷ୍ଟି କରିବ। ତାଙ୍କର ଏହି ଅସାଧାରଣ ସଫଳତା ଆମର ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଆଗକୁ ବଢ଼ିବା ପାଇଁ ନିଶ୍ଚିତ ଭାବେ ପ୍ରେରିତ କରିବ।

## ॥ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ॥

# ଇଂଲଣ୍ଡକୁ ୬ ୱିକେଟ୍‌ରେ ହରାଇଲା ଭାରତ

**ବର୍ମିଂହାମ୍**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ୬ ୱିକେଟ୍‌ରେ ବିଜୟ ହୋଇଛି। ବର୍ମିଂହାମ୍‌ର ଏଜବାଷ୍ଟନ୍‌ରେ ଭାରତ ୨୫୯ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ୪୫.୨ ଓଭରରେ ୪ଟି ୱିକେଟ ହରାଇ ୨୬୨ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା।



ଭାରତ ପାଇଁ ଅଧିନାୟକ ଶୁଭମନ ଗିଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୭୫ଟି ବଲ୍ ଖେଳି ୧୧ଟି ଚୌକା ଏବଂ ଗୋଟିଏ ଛକା ବଳରେ ୮୦ ରନ୍ ସଂଗ୍ରହ କରିଥିଲେ। ଅକ୍ଷର ପଟେଲ ଅପରାଜିତ ଅର୍ଦ୍ଧଶତକ (୫୭ ରନ୍) ହାସଲ କରିଥିବା ବେଳେ ୱାସିଂଟନ ସୁନ୍ଦର ଅପରାଜିତ ଅର୍ଦ୍ଧଶତକ (୫୨ ରନ୍) ଏବଂ ଶ୍ରେୟସ ଆୟର ୩୫ ରନ୍ ସଂଗ୍ରହ କରିଥିଲେ।

ଏହି ମ୍ୟାଚ୍‌ରେ ଟସ୍ ଜିଣି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୫୮ ରନ୍ ସଂଗ୍ରହ କରିଥିଲା। ଘରୋଇ ଦଳ ୪୭.୫ ଓଭରରେ ସମସ୍ତ ୱିକେଟ୍ ହରାଇଥିଲା। ଭାରତ ପାଇଁ ଅକ୍ଷର ପଟେଲ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ପ୍ରସିଦ୍ଧ କୃଷ୍ଣ ଏବଂ ଗୁରନୁର ବ୍ରାରଙ୍କୁ ୨-୨ ୱିକେଟ୍ ମିଳିଥିବା ବେଳେ ଜସପ୍ରୀତ ବୁମ୍‌ରା ଏବଂ ଶିବମ୍ ଦୁବେ ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଥିଲେ।

ଇଂଲଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। ଦଳ ୧୨.୨ ଓଭରରେ ପ୍ରଥମ ୱିକେଟ ହରାଇଥିଲା। କିନ୍ତୁ ୨୦ ରନ୍ ଭିତରେ ଟିମ୍ ଆଗଧାଡ଼ିର ୫ଜଣ ଖେଳାଳିଙ୍କୁ ହରାଇଥିଲା। ଦଳୀୟ ସ୍କୋର ୬୩ ରନ୍‌ରେ ବେନ୍ ଡକେଟ୍, ୬୪ ରନ୍‌ରେ ହେରି ବ୍ରୁକ୍, ଜୋସ ବଟଲର ଏବଂ ସାମ୍ କୁରାନ ଆଉଟ୍ ହୋଇଥିଲେ। ୧୦୭ ରନ୍‌ରେ ୱିଲ୍ ଜ୍ୟାକ୍, ୨୨୮ ରନ୍‌ରେ ଲିଆମ ଆର୍ଚ୍ଚର, ୨୫୮ ରନ୍‌ରେ ଆଦିଲ ରସିଦ ଏବଂ ଜୋସ୍ ଟଙ୍ଗ୍ ଆଉଟ୍ ହୋଇଥିଲେ।

ଇଂଲଣ୍ଡ ପକ୍ଷରୁ ଏହି ମୁକାବିଲାରେ ସର୍ବାଧିକ ରନ୍ ଜୁଏ ରୁଟ ଅପରଜିତ ୭୬ ରନ୍ ସଂଗ୍ରହ କରିଥିଲେ। ସେ ୭୬ଟି ବଲ୍ ଖେଳି ୭୬ ରନ୍ କରିଥିଲେ। ଏଥିରେ ୬ଟି ଚୌକା ଏବଂ ଗୋଟିଏ ଛକା ସାମିଲ କରିଥିଲେ। ଲିଆମ୍ ୮୩ଟି ବଲ୍ ଖେଳି ୬ଟି ଚୌକା ଏବଂ ଗୋଟିଏ ଛକା ବଳରେ ୬୮ ରନ୍ ସଂଗ୍ରହ କରିଥିଲେ। ବେନ୍ ଡକେଟ୍ ୪୫ଟି ବଲ୍ ଖେଳି ୬ଟି ଚୌକା ଏବଂ ୨ଟି ଛକା ବଳରେ ୪୩ ରନ୍ ସଂଗ୍ରହ କରିଥିଲେ।

## ଜାପାନ ଓପନ ୨୦୨୬

# ପିଭି ସିନ୍ଧୁଙ୍କ ଦମ୍‌ଦାର ବିଜୟ, ଦ୍ୱିତୀୟ ରାଉଣ୍ଡରେ ଧ୍ରୁବ-ତନିଶା ଯୋଡ଼ି



**ନୂଆଦିଲ୍ଲୀ**

ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ଜାପାନ ଓପନ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ଆରମ୍ଭ କରି ମହିଳା ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମୁକାବିଲାରେ ବିଶ୍ୱର ୧୦ମ ସ୍ଥାନରେ ଥିବା ସିନ୍ଧୁ ମାଲେସିଆର ୱଙ୍ଗ୍ ଲିଙ୍ଗ୍ ଚିଙ୍ଗ୍‌ଙ୍କୁ ୨୧-୧୪, ୨୧-୧୧ରେ ପରାସ୍ତ କରି ସହଜ ବିଜୟ ହାସଲ କରିଛନ୍ତି।

ସିନ୍ଧୁ ମୁକାବିଲାର ଆରମ୍ଭରୁ ହିଁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ସେ ଲମ୍ବା ର୍‍ୟାଲିଗୁଡ଼ିକରେ ନିୟନ୍ତ୍ରଣ ରଖି ପ୍ରାରମ୍ଭିକ ଅଗ୍ରଣୀ ହାସଲ କରିଥିଲେ ଏବଂ ପ୍ରଥମ ଗେମ୍‌ର ଇଣ୍ଟରଭାଲ୍ ସୁଦ୍ଧା ୧୧-୬ ରେ ଆଗୁଆ ଥିଲେ। ଏହାପରେ ତାଙ୍କର ସଠିକ୍ ଡ୍ରପ୍ ଶଟ୍, ବ୍ୟାକହ୍ୟାଣ୍ଡ ଏବଂ ହାଫ୍-ସ୍ମାଶ୍ ମାଲେସିଆ ଖେଳାଳିଙ୍କ ଉପରେ କ୍ରମାଗତ ଚାପ ବଜାୟ ରଖିଥିଲା।

ଭାରତୀୟ ଷ୍ଟାର୍ ପ୍ରଥମ ଗେମ୍‌କୁ ୨୧-୧୪ରେ ନିଜ ନାମରେ କରିଥିଲେ। ଦ୍ୱିତୀୟ ଗେମ୍‌ରେ ମଧ୍ୟ ସେ ବିରୋଧୀ ଖେଳାଳିଙ୍କୁ ପ୍ରତ୍ୟାବର୍ତ୍ତନର କୌଣସି ସୁଯୋଗ ଦେଇନଥିଲେ। ସିନ୍ଧୁ ଖୁବ୍ ଶୀଘ୍ର ୮-୨ରେ ଅଗ୍ରଣୀ ହାସଲ କରିଥିଲେ ଏବଂ ଇଣ୍ଟରଭାଲ୍ ସୁଦ୍ଧା ସ୍କୋରକୁ ୧୧-୩ କରିଦେଇଥିଲେ। ଏହାପରେ ସେ କ୍ରମାଗତ ପଏଣ୍ଟ ହାସଲ କରି ୨୧-୧୧ରେ ଗେମ୍ ଏବଂ ମ୍ୟାଚ୍ ଜିତି ନେଇଥିଲେ।

ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଲେ ଧ୍ରୁବ-ତନିଶା ଯୋଡ଼ି : ମିକ୍ସ ଡବଲ୍ସରେ ଭାରତର ଧ୍ରୁବ କପିଳା ଏବଂ ତନିଶା କ୍ରାଷ୍ଟୋ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଭାରତୀୟ ଯୋଡ଼ି ସ୍କଟଲାଣ୍ଡର ଆଲେକ୍ସଜାଣ୍ଡାର୍ ଡନ୍ ଏବଂ ଜୁଲି ମ୍ୟାକଫରସନ୍‌ଙ୍କୁ ୨୧-୧୬, ୨୧-୧୪ ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ରୋହନ-ରୁତଭିକା ପ୍ରଥମ ରାଉଣ୍ଡରୁ ବାଦ୍ : ଭାରତକୁ ମିକ୍ସ ଡବଲ୍ସରେ ଏକ ନିରାଶାର ସାମ୍ନା କରିବାକୁ ପଡ଼ିଛି। ରୋହନ କପୁର ଏବଂ ରୁତଭିକା ଶିବାନୀ ଗଡ୍ଡେଙ୍କ ଯୋଡ଼ି ପ୍ରଥମ ରାଉଣ୍ଡରେ ଶୀର୍ଷ ମାନ୍ୟତା ପ୍ରାପ୍ତ ଚୀନର ଫେଙ୍ଗ୍ ୟାନ୍ ଝେ ଏବଂ ହୁଆଙ୍ଗ୍ ଡଙ୍ଗ୍ ପିଙ୍ଗଙ୍କ ଆଗରେ ତିଷ୍ଠି ପାରିନଥିଲେ। ଚାଇନିଜ୍ ଯୋଡ଼ି ଏହି ମୁକାବିଲାକୁ ୨୧-୧୧, ୨୧-୧୦ରେ ଜିତି ଭାରତୀୟ ଖେଳାଳିଙ୍କ ଅଭିଯାନ ଶେଷ କରିଦେଇଛନ୍ତି।

ବର୍ତ୍ତମାନ ଭାରତୀୟ ବ୍ୟାଡ୍‌ମିଣ୍ଟନ ପ୍ରେମୀଙ୍କ ନଜର ଦ୍ୱିତୀୟ ରାଉଣ୍ଡରେ ପିଭି ସିନ୍ଧୁ ଏବଂ ଧ୍ରୁବ-ତନିଶାଙ୍କ ଯୋଡ଼ି ଉପରେ ରହିବ। ସିନ୍ଧୁ ଯଦି ନିଜର ବର୍ତ୍ତମାନର ଫର୍ମ ବଜାୟ ରଖନ୍ତି, ତେବେ ଜାପାନ ଓପନ୍‌ରେ ସେ ଟାଇଟଲ୍ ଜିତିବାରେ ସଫଳ ହୋଇପାରିବେ।

## ଖୋର୍ଦ୍ଧା ପ୍ରିମିୟର ଲିଗ୍

# ଇଗଲ ଇଂଭିନ୍ସିବିଲକୁ ହରାଇ ଜଟଣୀ ଆନ ଇଣ୍ଡିଆନ ଚାମ୍ପିଅନ




**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ପ୍ରଥମ ଖୋର୍ଦ୍ଧା ପ୍ରିମିୟର ଲିଗ୍ କ୍ରିକେଟ କାର୍ଣ୍ଣିଭାଲର ଫାଇନାଲ ମ୍ୟାଚ୍‌ରେ ଜଟଣୀ ଆନ ଇଣ୍ଡିଆନ ଚ୍ୟାଲେଞ୍ଜର୍ସ ଇଗଲ ଇଂଭିନ୍ସିବିଲ ଖୋର୍ଦ୍ଧାକୁ ୭ ରନରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଜଟଣୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ୫ ୱିକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରଂଜିତ ପାଇକରାୟ ସର୍ବାଧିକ ୬୨ ରନ ଓ ରଶ୍ମୀକାନ୍ତ ଦାସ ୩୬ ରନ କରିଥିଲେ। ଜବାବରେ ଖୋର୍ଦ୍ଧା ଇଗଲ ଦଳ ୧୦ ଓଭର ୫ ୱିକେଟ ହରାଇ ୧୨୮ ରନ୍‌ରେ ସୀମିତ ରହିଥିଲେ। ଇଗଲ ଦଳ ତରଫରୁ ରାକେଶ ପଟ୍ଟନାୟକ ସର୍ବାଧିକ ୮୩ ରନ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ରଂଜିତ ପାଇକରାୟଙ୍କୁ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ସୁମିତ ମହାରଣା ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି, ଜାତୀୟ ମହିଳା ଖେଳାଳି ମାଧୁରୀ ମେହେଟା, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ପୂର୍ବତନ ଖୋର୍ଦ୍ଧା ପୌରାଧ୍ୟକ୍ଷ ସଂଯୁକ୍ତା ସାହୁ, ୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଅଜିତ ସାମନ୍ତରାୟ, କାଜଲ ବଳିୟାରସିଂ ପ୍ରମୁଖ ରନର୍ସଅପ୍ ହୋଇଥିବା ଇଗଲ ଦଳକୁ ୪୦୦୦୦ ଟଙ୍କା ଓ ଟ୍ରଫି ଏବଂ ଚାମ୍ପିଅନ ହୋଇଥିବା ଜଟଣୀ ଦଳକୁ ୬୦୦୦୦ ଟଙ୍କା ଶହ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଓଡ଼ିଶା ଆନ୍ତଃ ଜିଲ୍ଲା ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧା ୧୬ ବର୍ଷରୁ କମ୍ କ୍ରିକେଟରେ ଉପବିଜେତା ହୋଇ ଥିବାରୁ ସବୁ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ୫ ଜଣ ମହିଳା କ୍ରିକେଟରଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଦିବ୍ୟାନ୍ୱୀ ପଣ୍ଡା ଓସିଏ ସେଣ୍ଟ୍ରାଲ ଏକାଡେମୀରେ ସ୍ଥାନ ପାଇଥିବାରୁ ସମ୍ମାନିତ ହୋଇଥିଲେ। ଖେଳକୁ ପ୍ରୀତିରଞ୍ଜନ ବିଜୟସିଂ, ଚନ୍ଦ୍ରମୋହନ ବରାଳ ଓ ଅବଦୁଲ ରହିମ ଖାନ ପରିଚାଳନା କରିଥିବାବେଳେ ଅଭିଷେକ ମହାନ୍ତି ସ୍କୋରର ଥିଲେ। ଚଣ୍ଡୀପ୍ରସାଦ ଆଚାର୍ଯ୍ୟ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା, କାଜଲ ବଳିୟାରସିଂ, ବ୍ରିଜେଶ ପ୍ରଧାନ, ସୁଧୀର କୁମାର ସାହୁ, ସରୋଜ ପାତ୍ର ପ୍ରମୁଖ ମ୍ୟାଚ୍‌ର ସଂଯୋଜନା କରିଥିଲେ।

# ଫୁଟବଲ୍ ଜଗତରୁ ଆସିଲା ଏକ ଦୁଃଖଦ ଖବର ୩୮ ବର୍ଷୀୟ ରେଫରି ରବ୍ ଡିପରିଙ୍କଙ୍କ ପରଲୋକ



**ନୂଆଦିଲ୍ଲୀ**

ଫିଫା ବିଶ୍ୱକପ୍ ମଧ୍ୟରେ ଆଉ ଏକ ନିରାଶାଜନକ ଖବର ସାମ୍ନାକୁ ଆସିଛି। କିଛି ଦିନ ପୂର୍ବେ ଦକ୍ଷିଣ ଆଫ୍ରିକାର ଜଣେ ୨୫ ବର୍ଷୀୟ ଫୁଟବଲରଙ୍କ ନିଧନ ହୋଇଥିଲା। ବର୍ତ୍ତମାନ ୩୮ ବର୍ଷୀୟ ରେଫରି ରବ୍ ଡିପରିଙ୍କଙ୍କ ମୃତ୍ୟୁ କ୍ରୀଡ଼ା ଜଗତକୁ ଦୋହଲାଇ ଦେଇଛି। ଡିପରିଙ୍କଙ୍କୁ ବିଶ୍ୱକପ୍‌ର ଭିଡିଓ ଆସିଷ୍ଟାଣ୍ଟ ରେଫରି ଟିମ୍‌ରେ ସାମିଲ କରାଯିବାର ଥିଲା। କିନ୍ତୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାର ମାସେ ପୂର୍ବରୁ ତାଙ୍କ ବିରୋଧରେ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏହି କାରଣରୁ ତାଙ୍କୁ ଟିମ୍‌ରୁ ବାହାର କରିଦିଆଯାଇଥିଲା। ତେବେ ପର୍ଯ୍ୟାପ୍ତ ପ୍ରମାଣ ନମିଳିବା ଯୋଗୁଁ କେସ୍ ବନ୍ଦ କରିଦିଆଯାଇଥିଲା। ଫୁଟବଲ୍‌ର ସର୍ବବୃହତ ସଂସ୍ଥା ଫିଫା ତରଫରୁ ମଧ୍ୟ ରବ୍ ଡିପରିଙ୍କଙ୍କ ନିଧନରେ ଶୋକ ପ୍ରକାଶ କରାଯାଇଛି। ଫିଫା ଲେଖିଛି, 'ସମଗ୍ର ଫୁଟବଲ୍ ଜଗତ ପକ୍ଷରୁ ଆମେ ତାଙ୍କ ପରିବାର, ବନ୍ଧୁବର୍ଗ ଏବଂ ଡଚ୍ ଫୁଟବଲ୍ ଆସୋସିଏସନ ପ୍ରତି ଆମର ଗଭୀର ସମବେଦନା ବ୍ୟକ୍ତ କରୁଛୁ। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।'

୨୦୧୭ରୁ ରବ୍ ଡିପରିଙ୍କ ନେଦରଲାଣ୍ଡ୍ସରେ ରେଫରି ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଦେଶର ଶୀର୍ଷ ଫୁଟବଲ୍ ଲିଗ୍‌ରେ ଭାଗ ନେବା ପରେ ସେ ବର୍ଷ ୨୦୨୪ରେ ୟୁରୋପିଆନ ଚାମ୍ପିଅନସିପ୍‌ରେ ଭିଡିଓ ଆସିଷ୍ଟାଣ୍ଟ ରେଫରିର ଦାୟିତ୍ୱ ସମ୍ଭାଳିଥିଲେ। ଫିଫା ବିଶ୍ୱକପ୍ ୨୦୨୬ ରୋଷ୍ଟରରେ ମଧ୍ୟ ତାଙ୍କ ନାମ ସାମିଲ ଥିଲା। ସୂଚନା ଅନୁଯାୟୀ ଯୌନ ନିର୍ଯାତନା ଅଭିଯୋଗରେ ତାଙ୍କୁ ଲଣ୍ଡନ ପୋଲିସ ପକ୍ଷରୁ ଗିରଫ୍ କରାଯାଇଥିଲା।

# ଉପକନିଷ୍ଠ ୫ଏସ୍ ଏସୀୟ ହକି ଦଳରେ ଓଡ଼ିଶାରୁ ସ୍ୱିଟି, କିରଣ




**ଭୁବନେଶ୍ୱର**

ପ୍ରଥମ ଥର ଆୟୋଜିତ ହେବାକୁ ଥିବା ଉପକନିଷ୍ଠ (୧୮ ବର୍ଷରୁ କମ୍) ବାଳକ ଓ ବାଳିକା ୫ଏସ୍ ହକି ଏସୀୟ ପ୍ରତିଯୋଗିତା ଲାଗି ଭରତୀୟ ଦଳ ମଙ୍ଗଳବାର ଘୋଷିତ ହୋଇଛି। କେବଳ ବାଳିକା ଦଳରେ ଓଡ଼ିଶାରୁ ୨ ଜଣ ସ୍ୱିଟି କୁଜୁର ଓ କିରଣ ଏକ୍କା ରହିଛନ୍ତି। ସ୍ୱିଟିଙ୍କୁ ଭାରତୀୟ ଅଧିନାୟିକା ଦାୟିତ୍ୱ ମିଳିଛି। ଏହି ପ୍ରତିଯୋଗିତା ଓମାନ୍‌ର ମସ୍କଟ୍‌ରେ ଚଳିତ ମାସ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ବାଳକ ବର୍ଗରେ ଭାରତ ସହ ଆୟୋଜକ ଓମାନ, ପାକିସ୍ତାନ, ଇରାନ, ଇରାକ, ସାଉଦି ଆରବ ଓ ବାଂଲାଦେଶ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିଭଳି ମହିଳା ବର୍ଗରେ ଭାରତ, ଓମାନ, ପାକିସ୍ତାନ, ଚୀନ, ଉଜବେକିସ୍ତାନ, କାଜଖସ୍ତାନ ଓ ଇରାନ ଟ୍ରଫି ପାଇଁ ଲଢ଼ିବେ।

ବାଳିକା ଦଳ : ଗୋଲି-ଖଲି କୁମାରୀ, ମହକ ପରିହାର, ଡିଫେଣ୍ଡର-ନିଲମ ଟପ୍ପୋ, କିରଣ ଏକ୍କା, ମିଡ୍‌ଫିଲ୍ଡର- ଦିୟା, ପୁଷ୍ପା ମାଝି, ଶ୍ରୁତି କୁମାରୀ, ଫରୱାର୍ଡ- ନୌସିନ୍ ନାଜ, ସନ୍ଦୀପା କୁମାରୀ, ସ୍ୱିଟି କୁଜୁର (ଅଧିନାୟିକା)।

ବାଳକ ଦଳ : ଗୋଲି- ସୱାନ କୁମାର, ଆୟୁଷ ରଜାକ, ଡିଫେଣ୍ଡର- କରଣ ଗୌତମ, ଆଶିଷ ତାନି ପୁର୍ତ୍ତି, ମିଡ୍‌ଫିଲ୍ଡର- ରାହୁଲ ଯାଦବ, ରୋମିତ ପାଲ, ଫରୱାର୍ଡ- କେତନ କୁଶୱା (ଅଧିନାୟକ), ଅର୍ଶଦୀପ ସିଂହ, ପ୍ରହଲାଦ ରାଜଭର, ଶାହରୁଖ ଅଲୀ।

# ବିଗ୍ ବ୍ୟାଶ୍ ଲିଗ୍ ସୂଚୀ ଘୋଷଣା : ଚେନ୍ନାଇରେ ଖେଳାଯିବ ପ୍ରଥମ ମ୍ୟାଚ୍

**ନୂଆଦିଲ୍ଲୀ**

କ୍ରିକେଟ୍ ଅଷ୍ଟ୍ରେଲିଆ ତରଫରୁ ବିଗ୍ ବ୍ୟାଶ୍ ଲିଗ୍ (ବିବିଏଲ)ର ୧୬ତମ ସିଜନ୍ ପାଇଁ ସୂଚୀ ଘୋଷଣା କରାଯାଇଛି। ଏହି ସିଜନ୍ ୧୨ ଡିସେମ୍ବର ୨୦୨୬ରୁ ଆରମ୍ଭ ହୋଇ ୨୬ ଜାନୁଆରୀ ୨୦୨୭ ପର୍ଯ୍ୟନ୍ତ ଚାଲିବ। ପ୍ରାୟ ୪୬ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪୪ଟି ମ୍ୟାଚ୍ ଖେଳାଯିବ। ସବୁଠାରୁ ଖାସ୍ କଥା ହେଉଛି, ବିଗ୍ ବ୍ୟାଶ୍ ଲିଗ୍‌ର ଆଗାମୀ ସିଜନ୍ ଭାରତରୁ ଆରମ୍ଭ ହେବାକୁ ଯାଉଛି। ଏହା ପ୍ରଥମ ଥର ହେବ ଯେବେ ଭାରତୀୟ ମାଟିରେ ବିଶ୍ୱର କୌଣସି ବିଦେଶୀ ଟି-୨୦ ଲିଗ୍ ମ୍ୟାଚ୍ ଆୟୋଜିତ ହେବାକୁ ଯାଉଛି।



ବିଗ୍ ବ୍ୟାଶ୍ ଲିଗ୍ ୨୦୨୬-୨୭ର ଶୁଭାରମ୍ଭ ୧୨ ଡିସେମ୍ବରରୁ ସ୍ଥିର କରାଯାଇଛି। ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ମେଲବୋର୍ଣ୍ଣ ରେନେଗେଡ୍ସ ଏବଂ ପର୍ଥ ସ୍କର୍ଚ୍ଚର୍ସ ମୁହାଁମୁହିଁ ହେବେ। ଏହି ଐତିହାସିକ ମୁକାବିଲାରେ ମେଲବୋର୍ଣ୍ଣ ରେନେଗେଡ୍ସକୁ ଘରୋଇ ଦଳର ମାନ୍ୟତା ମିଳିବ। ଭାରତରେ ବିବିଏଲ୍‌ର ପ୍ରଥମ ମ୍ୟାଚ୍ ଆୟୋଜିତ ହେବାକୁ ଥିବାରୁ ଭାରତୀୟ କ୍ରିକେଟ୍ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି। ଦେଶରେ କ୍ରିକେଟ୍ ପ୍ରତି ଥିବା କ୍ରେଜ୍‌କୁ ଦେଖିଲେ ମନେହେଉଛି ଯେ ଷ୍ଟାଡିୟମରେ ଦର୍ଶକଙ୍କ ପ୍ରବଳ ଭିଡ଼ ଜମିବ।

ଅଷ୍ଟ୍ରେଲିଆରେ ଏହି ସିଜନ୍‌ର ବିଗ୍ ବ୍ୟାଶ୍ ଲିଗ୍ ମ୍ୟାଚ୍‌ଗୁଡ଼ିକର ଶୁଭାରମ୍ଭ ୧୫ ଡିସେମ୍ବରରୁ ହେବ, ଯେଉଁଠାରେ ପ୍ରଥମ ମୁକାବିଲା ବ୍ରିସବେନ୍ ହିଟ୍ ଏବଂ ସିଡନୀ ସିକ୍ସର୍ସ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ଭାରତରେ ହେବାକୁ ଥିବା ଓପନିଂ ମ୍ୟାଚ୍‌ର ଠିକ୍ ତିନି ଦିନ ପରେ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟର ଶେଷ ମ୍ୟାଚ୍ ଗୁଡ଼ିକ ୧୬ ଏବଂ ୧୭ ଜାନୁଆରୀରେ ଖେଳାଯିବ, ଯେଉଁଥିରେ ପ୍ରତିଦିନ ଦୁଇଟି ଲେଖାଏଁ ମୁକାବିଲା ହେବ। ଏହାପରେ ୧୯ ଜାନୁଆରୀରୁ ପ୍ଲେ-ଅଫ୍ ମୁକାବିଲା ଆରମ୍ଭ ହେବ, ଯେଉଁଥିରେ ୧୯ ତାରିଖରେ କ୍ୱାଲିଫାୟର, ୨୦ ତାରିଖରେ ନକଆଉଟ୍ ଏବଂ ୨୩ ଜାନୁଆରୀରେ ଚ୍ୟାଲେଞ୍ଜର୍ ମ୍ୟାଚ୍ ଖେଳାଯିବ। ସେହିପରି ଆଗାମୀ ସିଜନ୍‌ର ଫାଇନାଲ୍ ମୁକାବିଲା ୨୬ ଜାନୁଆରୀରେ ଖେଳାଯିବ। କହି ରଖୁଛୁ ଯେ, ପ୍ଲେ-ଅଫ୍ ମ୍ୟାଚ୍‌ଗୁଡ଼ିକ ପାଇଁ ଏପର୍ଯ୍ୟନ୍ତ ଭେନ୍ୟୁ ଘୋଷଣା କରାଯାଇ ନାହିଁ।

ବିବିଏଲ୍ ସୂଚୀ ଜାରି କରିବା ସମୟରେ ଜଣାଇଛି ଯେ, ଏଥର ଖ୍ରୀଷ୍ଟମାସ ଦିନ ମେଲବୋର୍ଣ୍ଣ ରେନେଗେଡ୍ସ ଏବଂ ହୋବାର୍ଟ ହରିକେନ୍ସ ମଧ୍ୟରେ ଟକ୍କର ହେବ। ଏହାପରେ ବକ୍ସିଂ ଡେ (୨୬ ଡିସେମ୍ବର) ଅବସରରେ ଦୁଇଟି ଦମ୍‌ଦାର ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ସିଡ୍‌ନୀ ସିକ୍ସର୍ସ ଏବଂ ବ୍ରିସବେନ୍ ହିଟ୍ ମଧ୍ୟରେ ହେବ ଏବଂ ଦ୍ୱିତୀୟ ମୁକାବିଲା ପର୍ଥ ସ୍କର୍ଚ୍ଚର୍ସ ଓ ମେଲବୋର୍ଣ୍ଣ ଷ୍ଟାର୍ସ ମଧ୍ୟରେ ଖେଳାଯିବ। ବର୍ଷର ଶେଷ ଦିନ ଅର୍ଥାତ୍ ନ୍ୟୁ ଇୟର ଇଭ୍ (୩୧ ଡିସେମ୍ବର) ସନ୍ଧ୍ୟାରେ ଏଡିଲେଡ୍ ଷ୍ଟ୍ରାଇକର୍ସର ସାମ୍ନା ମେଲବୋର୍ଣ୍ଣ ଷ୍ଟାର୍ସ ସହ ହେବ। ନୂତନ ବର୍ଷର ପ୍ରଥମ ଦିନ (୧ ଜାନୁଆରୀ)ରେ ମଧ୍ୟ ପ୍ରଶଂସକଙ୍କୁ ଦୁଇଟି ମ୍ୟାଚର ଡବଲ୍ ଡୋଜ୍ ମିଳିବ। ଯେଉଁଥିରେ ପ୍ରଥମ ମୁକାବିଲା ରେନେଗେଡ୍ସ ଓ ସିକ୍ସର୍ସ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ୍ ବ୍ରିସବେନ୍ ହିଟ୍ ଓ ହୋବାର୍ଟ ହରିକେନ୍ସ ମଧ୍ୟରେ ଖେଳାଯିବ। ଏହାବ୍ୟତୀତ, ମେଲବୋର୍ଣ୍ଣ ଷ୍ଟାର୍ସ ଏବଂ ମେଲବୋର୍ଣ୍ଣ ରେନେଗେଡ୍ସ ମଧ୍ୟରେ ହେବାକୁ ଥିବା ଦୁଇଟିଯାକ ମୁକାବିଲା ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଆୟୋଜିତ ହେବ।

## ଟିଟିରେ ଇତିହାସ ରଚିଲା ଭାରତ

# ଆଇଟିଟିଏଫ୍ ଶୀର୍ଷ ୧୦ରେ ଦେଶର ୩ ଯୋଡ଼ି

**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ ଟେବୁଲ ଟେନିସ୍‌ରେ ଭାରତ ନୂଆ ଇତିହାସ ରଚିଛି। ମଙ୍ଗଳବାର ପ୍ରକାଶିତ ଆଇଟିଟିଏଫ୍ ବିଶ୍ୱ ମାନ୍ୟତାର ଶୀର୍ଷ ୧୦ରେ ପ୍ରଥମ ଥର ଲାଗି ଭାରତ ୩ ଯୁଗଳ ଯୋଡ଼ି ରହିଛନ୍ତି। ମାନବ ଠକ୍କର ଓ ମନୁଷ ଶାହ ପୁରୁଷ ଯୁଗଳ ମାନ୍ୟତାର ଦ୍ୱିତୀୟ



ସ୍ଥାନରେ ରହିଛନ୍ତି।

ଭାରତୀୟ ଯୋଡ଼ିଙ୍କ ଏହା ସର୍ବୋଚ୍ଚ ମାନ୍ୟତା। ମହିଳା ଯୁଗଳରେ ଦିୟା ଚିତାଲେ ଓ ଯଶସ୍ୱିନୀ ଘୋରପାଡ଼େ ଦଶମରେ ରହିଛନ୍ତି। ମିଶ୍ରିତ ଯୁଗଳରେ ଦିୟା ଓ ମନୁଷ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ମାନ୍ୟତା ଭାରତ ପାଇଁ ବଡ଼ ଖୁସି ଆଣିଛି। ଆଗାମୀ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସରେ ଟିଟି ଯୁଗଳ ପ୍ରତିଯୋଗିତା ଥିବାରୁ ଭାରତର ପଦକ ଆଶା ରହିବ।

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ-୪, ଭୁବନେଶ୍ୱର
Office of the Superintending Engineer,
Bhubaneswar ( R&B ) Division No. IV,
Nirman Soudha, Unit-V, Bhubaneswar
E-mail ID- eernb4bbsr@gmail.com
Tel - (0674)-2390245
34001/482/2627

INVITATIONS FOR BIDS THROUGH e-Procurement
No- 7220 Date- 10.07.2026
Bid Identification No- C.C. (R&B) - 04
e – Procurement Notice No. 04 of 2026-27

| | | |
|---|---|---|
| 1 | Name of the Work | 1 No. Building Work |
| 2 | Total No of works | 1 No. Building Work |
| 3 | Estimated Cost | Rs.65,46,978.00 (As per Tender Call Notice) |
| 4 | Class of Contractor | B Class (As per Tender Call Notice) |
| 5 | Period of Completion | 4 (Four) Calendar Months |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.23.07.2026 to Dt.06.08.2026 up to 17.30 Hours. |
| 8 | Last Date & Time for Receipt of bids in the Portal | Dt.06.08.2026 at 17.30 Hours. |
| 9 | Opening of Bid through online | Dt.07.08.2026 at 11.30 Hours |
| 10 | Name & Address of the Officer inviting Bid | Superintending Engineer, Bhubaneswar (R&B) Division No IV, Bhubaneswar |

Further details can be seen from the e-procurement portal https://tendersorissa.gov.in
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
*N.B: Subsequent corrigendum / addendum if required shall be available in the website as indicated above*
OIPR-34001/34090/1/26-27/0003
Sd/- Superintending Engineer
BBSR (R&B) Division No.IV, BBSR

# ବୈଭବ ସୂର୍ଯ୍ୟବଂଶୀଙ୍କ ଟ୍ରେନର ସାଜିବେ ଯୁବରାଜ ସିଂହ

**ନୂଆଦିଲ୍ଲୀ**

ବୈଭବ ସୂର୍ଯ୍ୟବଂଶୀଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଆରମ୍ଭ ଭଲ ନଥିଲା; ସେ ସଦ୍ୟ ସମାପ୍ତ ଇଂଲଣ୍ଡ ବିପକ୍ଷରେ ଟି୨୦ ସିରିଜରେ ଡେବ୍ୟୁ କରିଥିଲେ କିନ୍ତୁ ପରେ ତାଙ୍କୁ ବାଦ୍ ଦିଆଯାଇଥିଲା। ସେ ଏବେ ପ୍ରଥମ ଥର ପାଇଁ ଯୁବରାଜ ସିଂହଙ୍କୁ ଭେଟିଛନ୍ତି, ଏହା ୱିମ୍ବଲଡନ ସମୟରେ ହୋଇଥିଲା। ବୈଭବଙ୍କ ସହିତ ଅଭିଷେକ ଶର୍ମା ମଧ୍ୟ ଥିଲେ, ଯାହାଙ୍କୁ ଯୁବରାଜ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ଦେଇଛନ୍ତି। ପୂର୍ବତନ ଭାରତୀୟ କ୍ରିକେଟର ଏବେ ବୈଭବଙ୍କୁ ମଧ୍ୟ ତାଲିମ ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

ଭାରତ-ଇଂଲଣ୍ଡ ସିରିଜ୍ ପରେ ବୈଭବ ସୂର୍ଯ୍ୟବଂଶୀ ଏବଂ ଅଭିଷେକ ଶର୍ମା ୱିମ୍ବଲଡନ ଗସ୍ତ କରିଥିଲେ, ଯେଉଁଠାରେ ସେମାନେ ଯୁବରାଜ ସିଂହଙ୍କୁ ଭେଟିଥିଲେ। ୱିମ୍ବଲଡନରେ ଭେଟ ହେବା ପରେ ଯୁବରାଜ କହିଛନ୍ତି 'ମୁଁ ପ୍ରଥମ ଥର ପାଇଁ ବୈଭବଙ୍କୁ ଭେଟୁଛି। ପୂର୍ବତନ ଭାରତୀୟ ଅଲରାଉଣ୍ଡର ୧୫ ବର୍ଷୀୟ ବ୍ୟାଟସମ୍ୟାନଙ୍କ ପ୍ରଶଂସା କରିଥିଲେ ଏବଂ ବୈଭବଙ୍କ ଖେଳକୁ ଆହୁରି ସୁଧାରିବା ପାଇଁ କାମ କରିବାରେ ତାଙ୍କର ଆଗ୍ରହ ବିଷୟରେ ଇଙ୍ଗିତ କରିଥିଲେ। ଯୁବରାଜ ସିଂହ କହିଛନ୍ତି, 'ମୁଁ ଅଭିଷେକ ଶର୍ମାଙ୍କ ସହିତ ଖୁବ୍ କାମ କରିଛି, ଏବଂ ଏବେ ମୁଁ ବୈଭବ ସୂର୍ଯ୍ୟବଂଶୀଙ୍କ ସହିତ ସମୟ ବିତାଇବାକୁ ଚାହେଁ। ତାଙ୍କ ସମ୍ମୁଖରେ ଏକ ଚମତ୍କାର କ୍ୟାରିୟର ଅଛି। ସେ ତାଙ୍କ ଖେଳ ପ୍ରତି ଗମ୍ଭୀର, ଏବଂ ମୁଁ ବିଶ୍ୱାସ ଯେ ସେ ବହୁତ ଆଗକୁ ଯିବେ।'

ଯୁବରାଜ ଅଭିଷେକଙ୍କୁ 'ଟର୍ମିନେଟର ୪' ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କୁ 'ଟର୍ମିନେଟର ୬' ବୋଲି କହିଥିଲେ। ସେ କହିଥିଲେ ଯେ ଉଭୟ କ୍ରିକେଟକୁ ହାଇ ଲେଭଲକୁ ନେଇ ଯାଉଛନ୍ତି ଏବଂ ସେମାନେ ତାଙ୍କ ଅପେକ୍ଷା ଚାରି ଗୁଣ ଭଲ। ଉଲ୍ଲେଖନୀୟ ଯେ, ଯୁବରାଜ ପୂର୍ବରୁ ଅଭିଷେକ ଶର୍ମା ଏବଂ ଶୁବମନ ଗିଲଙ୍କୁ ତାଲିମ ଦେଇଛନ୍ତି। ଟି-୨୦ ବିଶ୍ୱକପ ପୂର୍ବରୁ, ସେ ସଞ୍ଜୁ ସାମସନଙ୍କ ସହିତ କାମ କରିଥିଲେ ଏବଂ ଏହାର ପ୍ରଭାବ ସାମସନଙ୍କ ପ୍ରଦର୍ଶନରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଥିଲା; ସେ ପୁନରାଗମନ କରିଥିଲେ ଏବଂ ବିଶ୍ୱକପ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି 'ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ' ପୁରସ୍କାର ଅର୍ଜନ କରିଥିଲେ।

# ଟ୍ରେନରେ କଟି ଜଣେ ବୃଦ୍ଧାଙ୍କ ମୃତ୍ୟୁ


**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଜଣେ ୬୦ ବର୍ଷୀୟ ବୃଦ୍ଧା ମହିଳା ଯାଜପୁର-ସୁକିନ୍ଦା ବାଇପାସ୍ (ମାଣତିରା) ନିକଟରେ ଟ୍ରେନରେ କଟି ମୃତ୍ୟୁବରଣ କରିଛନ୍ତି। ତାଙ୍କର ପରିଚୟ ମିଳିପାରି ନାହିଁ। ଭଦ୍ରକ ଅପମୃତ୍ୟୁ ମାମଲା ସଂଖ୍ୟା-୪୬, ତା. ୧୪.୦୭. ୨୦୨୬ ରୁଜୁ କରାଯାଇ, ଯାଜପୁର ରୋଡ୍ ରେଳବାଇ ପୋଲିସ ପଞ୍ଚନାମା କରି ଶବ ବ୍ୟବଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ତାଙ୍କର ପରିଚୟ ପାଇଁ ଶବ ବ୍ୟବଚ୍ଛେଦ ପରେ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ୯୬ ଘଣ୍ଟା ପାଇଁ ସଂରକ୍ଷିତ ରଖାଯାଉଛି। ଯଦି ଏହି ବୃଦ୍ଧା ମହିଳାଙ୍କର ପରିଚୟ ପାଇବେ, ତେବେ ମୋବାଇଲ ନମ୍ବର ୯୩୪୮୬୧୨୧୦୪ରେ



ଯୋଗାଯୋଗ କରିବାକୁ ଅନୁରୋଧ। ଏହି ଫୋଟ ଦେଖି ମହିଳାର ପରିଚୟ ସମ୍ପର୍କରେ ଜାଣିଥିବା ବ୍ୟକ୍ତି ଓ ମହିଳାର ସମ୍ପର୍କୀୟ ଯାଜପୁର ରୋଡ୍ ରେଳବାଇ ଫାଣ୍ଡିରେ ଜଣାଇବାକୁ ଫାଣ୍ଡି ଇନ ଚାର୍ଜ ସୁଶାନ୍ତ କୁମାର ସେଠି ଜଣାଇବାକୁ ଅନୁରୋଧ କରିଛନ୍ତି।





ବାରିପଦା : ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଶ୍ରୀ ହରିବଳଦେବଜୀଉଙ୍କ ଅପୂର୍ବ ନବଯୌବନ ଦର୍ଶନ। (ଫଟୋ : ସମ୍ବାଦ କଳିକା)

# କଟକରେ ଲୋକାର୍ପିତ ହେଲା ଅତ୍ୟାଧୁନିକ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର

**କଟକ, ନ୍ୟୁଜ ବ୍ୟୁରୋ**

ରାଜ୍ୟର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରରେ ଆଜି ଲୋକାର୍ପିତ ହୋଇଛି ବହୁ ପ୍ରତିକ୍ଷିତ ଓଡ଼ିଶାର ସର୍ବବୃହତ୍ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅତ୍ୟାଧୁନିକ ସ୍ମାର୍ଟ ଲାଇବ୍ରେରୀର ଶୁଭ ଉଦଘାଟନ କରିଥିଲେ। ଜ୍ଞାନ, ଗବେଷଣା ଓ ପଠନ ସଂସ୍କୃତିର ବିକାଶ ଦିଗରେ ଏହି ପାଠାଗାର କଟକ ତଥା ସମଗ୍ର ଓଡ଼ିଶା ପାଇଁ ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତବ୍ୟକ୍ତି କରିଥିଲେ ମନ୍ତ୍ରୀ ଡା. ମହାପାତ୍ର । ଏ ସହରକୁ ଆହୁରି ସରସ ସୁନ୍ଦର କରିବା ଦାୟିତ୍ୱ ଆମ ସମସ୍ତଙ୍କର । ଆମେ ସୁବବେଳେ ବିକାଶର ରାସ୍ତାରେ ଯିବାକୁ ଚେଷ୍ଟା କରୁଛୁ। ଯେତେବେଳେ ସବୁ ଅଞ୍ଚଳ ବିକଶିତ ହେବ ସେତେବେଳେ ଆମର ଲକ୍ଷ୍ୟ ମଧ୍ୟ ପୂରଣ ହେବ ବୋଲି ମନ୍ତ୍ରୀ କହିଥିଲେ। କଟକ ସହର ପାଇଁ ଯାହା ଆବଶ୍ୟକ ଥିବ ତାହାକୁ ଆମେ ପ୍ରାଥମିକତା ଭିତ୍ତିରେ ପୂରଣ କରିବୁ ବୋଲି ଆଶ୍ୱାସନା ଦେଇଥିଲେ ମୁଖ୍ୟଅତିଥି । ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ମାନ୍ୟବର ମେୟର ଶ୍ରୀ ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ, ବାରବାଟୀ-କଟକ



ବିଧାୟିକା ଇଂ ସୋଫିଆ ଫିରଦୋସ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧକ୍ଷା ମୋନାଲିସା ଦାସ ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଭାଷଣ ରଖିଥିଲେ। ଜ୍ଞାନର ଦୀପ ଜଳିଲେ, ପ୍ରଗତିର ପଥ ଆପେ ଆପେ ଆଲୋକିତ ହୁଏ ତେଣୁ ପୁସ୍ତକ ସହ ବନ୍ଧୁତା ହିଁ ଜୀବନର ସର୍ବଶ୍ରେଷ୍ଠ ବିନିଯୋଗ ବୋଲି ଅତିଥିମାନେ ମତବ୍ୟକ୍ତି କରିଥିଲେ । କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, କଟକ ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ ପ୍ରମୁଖ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଉଦଘାଟନ ଉତ୍ସବ ଅବସରରେ ଲାଇବ୍ରେରୀ ମ୍ୟାନେଜମେଣ୍ଟ ସିଷ୍ଟମର ଉଦଘାଟନ କରାଯାଇଥିଲା । ପାଠାଗାର ଉଦଘାଟନ ଅବସରରେ କଟକର ୩୫ ଜଣ ପ୍ରତିଷ୍ଠିତ ପ୍ରକାଶକଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅତିଥି । କେଏମସିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ଲୋଗୋର ମଧ୍ୟ ଉନ୍ମୋଚନ କରାଯାଇଥିଲା। ଗୁରୁଡିଝାଟିଆଠାରେ ୫ ଏକର ଜମିରେ ୨୧ କୋଟି ଟଙ୍କା ବିନିମୟରେ ହେବାକୁ ଥିବା ଗୋଶାଳାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ମାନ୍ୟବର ମନ୍ତ୍ରୀ ଏହାକୁ ଭରଚୁଆଲି ଶୁଭାରମ୍ଭ କରିଥିଲେ । ଏହି ଅତ୍ୟାଧୁନିକ କେନ୍ଦ୍ରୀୟ ପାଠାଗାର କଟକ ସହର ସହିତ ସମଗ୍ର ରାଜ୍ୟର ଗବେଷକ, ଛାତ୍ରଛାତ୍ରୀ ଓ ପାଠକପାଠିକାଙ୍କ ପାଇଁ ଏକ ଅମୂଲ୍ୟ ସମ୍ପଦ ସାବ୍ୟସ୍ତ ହେବା ସହ ଜ୍ଞାନ, ଗବେଷଣା ଓ ବୌଦ୍ଧିକ ବିକାଶର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଗଣିତ ହେବ ବୋଲି କହିଥିଲେ କଟକ ମହାନଗର ନିଗମର କମିଶନର ସୁଶ୍ରୀ କୀରଣଦୀପ କୌର ସହୋତା ଏବଂ ଶେଷରେ ସେ ଧନ୍ୟବାଦ ଅର୍ପଣ କରିଥିଲେ। ଅତ୍ୟାଧୁନିକ ସୁବିଧାସମ୍ପନ୍ନ ଏହି ପାଠାଗାରରେ ଏକ ଲକ୍ଷରୁ ଅଧିକ ପୁସ୍ତକ ସହ ୧୦୦୦ରୁ ଅଧିକ ପିଲାଙ୍କ ପାଇଁ ବସି ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଛି। ଏହାସହିତ ପୁରା ଲାଇବ୍ରେରୀରେ ଇଣ୍ଟରନେଟ୍, ଫଟୋ କପି ପ୍ରଭୃତି ସୁବିଧା ରଖାଯାଇଛି। ଇ-ଲାଇବ୍ରେରୀ, ଶିଶୁ ପଠନ କ୍ଷେତ୍ର, ଗବେଷଣା ସୁବିଧା, କେନ୍ଦ୍ରୀୟ ଏସି ବ୍ୟବସ୍ଥା ଓ ଅନ୍ୟାନ୍ୟ ଆଧୁନିକ ସୁବିଧା ରହିଛି । ବାଦାମବାଡ଼ି ଅଞ୍ଚଳରେ ୩ ଏକର ପରିମିତ ଜମି ଉପରେ ୪୨ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଛି ଏହି ପାଠାଗାର । ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଓ ୱେଲଫେୟାର କର୍ପୋରେସନ୍ ଲିମିଟେଡ୍ ଏହାକୁ ନିର୍ମାଣ କରିଛନ୍ତି । ୩ ମହଲା ବିଶିଷ୍ଟ ଏହି କୋଠାରେ ୮୪ ସିଟର ଅଡିଟୋରିଅମ୍, ଅଡିଓ-ଭିଡିଓ କନଫେରେନ୍ସ ରୁମ୍, ୭୨ ଜଣ ବସିବା ଭଳି କ୍ୟାଫେଟେରିଆ ପ୍ରଭୃତି ବ୍ୟବସ୍ଥା କରାଯାଇଛି । ପାର୍କିଂ ପାଖରୁ ଦୁଇଟି ଲିଫ୍ଟ ସହିତ ସିସିଟିଭି ନିରୀକ୍ଷଣ, ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସୌର ଶକ୍ତି, ପର୍ଯ୍ୟାପ୍ତ ପାର୍କିଂ, ଆକର୍ଷଣୀୟ ସବୁଜ ପରିବେଶ ଓ ଦିବ୍ୟାଙ୍ଗ ଅନୁକୂଳ ସୁବିଧା ମଧ୍ୟ ଏଥିରେ ଉପଲବ୍ଧ ରହିଛି । ଆଜିର କାର୍ଯ୍ୟକ୍ରମରେ କେଏମସିର ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଓ ଅଧକ୍ଷାଙ୍କ ସହ କର୍ପୋରେଟର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଧାନସଭା ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଶ୍ରାଦ୍ଧଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧଦିବସ ମଙ୍ଗଳବାର ବିଧାନସଭା ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ବାବୁ ସିଂ, ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁରେଶ କୁମାର ରାଉତରାୟ ଓ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଉତ୍କଳ ସମ୍ମିଳନୀର ସଦସ୍ୟ, ବହୁ ସମାଜସେବୀ, ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



ମାନବସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନିରାଶ୍ରୟ ଓ ନିଃସହାୟ ବ୍ୟକ୍ତିମାନଙ୍କର ସେବାକରି ନିଜର ସେବା ମନୋବୃତିକୁ ଯେଉଳି ଚରିତାର୍ଥ କରିଥିଲେ, ସେଭଳି ଯୁବସମାଜକୁ ଆଦର୍ଶ ମାର୍ଗରେ ଗଢ଼ିତୋଳିବା ପାଇଁ ସର୍ବଦା ତତ୍ପର ଥିଲେ । ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ବିପାକରେ ପ୍ରପୀଡ଼ିତ ଜନତାଙ୍କୁ ନିଃସ୍ୱାର୍ଥ ସେବା, ସାହାଯ୍ୟ ଓ ସହାନୁଭୂତି ଯୋଗାଇଦେଇ ପଣ୍ଡିତ ଗୋପବନ୍ଧୁ ମାନବୀୟ ଗୁଣ ଏବଂ ଚିନ୍ତା-ଚେତନାରେ ଉତ୍କଳୀୟ ଭାବନା ରଖି ଜାତୀୟତାର ଉଦାହରଣ ସୃଷ୍ଟି କରିଯାଇଛନ୍ତି ।

ଲାଲା ଲାଜପତ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଲୋକସେବକ ମଣ୍ଡଳର ଆଜୀବନ ସଭ୍ୟ ଭାବେ ପଣ୍ଡିତ ଗୋପବନ୍ଧୁ ମନୋନୀତ ହୋଇଥିଲେ । ତା'ପରେ ସେ ସତ୍ୟବାଦୀ ପ୍ରେସ୍ ଓ ସମାଜ ଅନୁଷ୍ଠାନକୁ ଲୋକସେବକ ମଣ୍ଡଳକୁ ହସ୍ତାନ୍ତର କରିଥିଲେ ଓ ନିଜେ ଏହି ଅନୁଷ୍ଠାନର ଉପସଭାପତି ହୋଇଥିଲେ । ୧୯୨୮ ଜୁନ୍ ୧୭ ତାରିଖ (ନେତ୍ରୋତ୍ସବ ତିଥି)ରେ ପଣ୍ଡିତ ଗୋପବନ୍ଧୁଙ୍କ ଘଟଣାବହୁଳ କର୍ମମୟ ଜୀବନର ଅବସାନ ଘଟିଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନବଯୌବନ...

ଦଶମୂଳମୋଦକ ସେବନ କରି ସୁସ୍ଥ ହେଲେ । ଆଉ ଏବେ ରଥଯାତ୍ରାକୁ ଦିନଟିଏ ବାକି ଥିବାବେଳେ ମଙ୍ଗଳବାର ମହାପ୍ରଭୁ ନବଯୌବନ ଦର୍ଶନ ଦେଇଛନ୍ତି। ସ୍ୱଳ୍ପ ସମୟ ମାତ୍ର ୧ ଘଣ୍ଟା ୨୦ ମିନିଟ୍ ପାଇଁ ଶ୍ରଦ୍ଧାଳୁ ଭକ୍ତଗଣ ମହାପ୍ରଭୁଙ୍କର ଏହି ଦୁର୍ଲ୍ଲଭ ନବଯୌବନ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ବଡଦାଣ୍ଡରେ ଭକ୍ତମାନଙ୍କର ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ନେତ୍ରୋତ୍ସବ ବନ୍ଦାପନା ନୀତି ପୂର୍ବରୁ ନବଯୌବନ ଦର୍ଶନ ବନ୍ଦ ରହିଥିଲା । ସନ୍ଧ୍ୟା ୫ଟାରେ ପରିମାଣିକ ଟିକେଟ ଦର୍ଶନ ଆରମ୍ଭ ହୋଇ ୫ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା। ୫ଟା ୩୦ ପରଠାରୁ ସର୍ବସାଧାରଣ ସାହାଣ ମେଲା ଦର୍ଶନ ଆରମ୍ଭ ହୋଇ ୬ଟା ୩୦ରେ ଦର୍ଶନ ବନ୍ଦ ରହିଥିଲା।

## ମୁଖ୍ୟମନ୍ତ୍ରୀ ସଡ଼କ...

ଅସଂଯୋଜିତ ରାସ୍ତା ଗୁଡିକୁ ମୁଖ୍ୟ ରାସ୍ତା ସହ ସଂଯୋଗୀକରଣ' ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି । ସଂପୃକ୍ତ ଅଞ୍ଚଳର ସ୍ଥାନୀୟ ବାସିନ୍ଦା ମାନଙ୍କର ଆର୍ଥିକ ଏବଂ ସାମାଜିକ ଉନ୍ନତିକରଣ ପାଇଁ ଗ୍ରାମାଞ୍ଚଳରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ, ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ ମୁଖ୍ୟ ବଜାର, ପର୍ଯ୍ୟଟନସ୍ଥଳ, ବ୍ୟବସାୟ କେନ୍ଦ୍ର ଇତ୍ୟାଦିକୁ ନିକଟବର୍ତ୍ତୀ ମୁଖ୍ୟରାସ୍ତା ସହ ସଂଯୋଗ କରିବା ସହିତ ଉନ୍ନତମାନର ରାସ୍ତା ନିର୍ମାଣ କରିବା ଏହି ଯୋଜନାର ମୂଳଲକ୍ଷ୍ୟ । ସେହିପରି ରାଜ୍ୟ କ୍ୟାବିନେଟ୍ "ସେତୁ ବନ୍ଧନ ଯୋଜନା କୁ ୨୦୩୦-୩୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଅନୁମୋଦନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାରେ ଥିବା ସମସ୍ତ ସଂଯୋଗବିହୀନ ସ୍ଥାନଗୁଡ଼ିକରେ ସେତୁ ନିର୍ମାଣ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୧-୧୨ ବର୍ଷରେ ପ୍ରାରମ୍ଭିକ ଭାବରେ 'ବିଜୁ ସେତୁ ଯୋଜନା (ବି.ଏସ.ୱାଇ)" ନାମରେ ଆରମ୍ଭ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ଯୋଜନାର ନାମ "ସେତୁ ବନ୍ଧନ ଯୋଜନା'' କରାଯାଇଥିଲା । ୨୦୨୧-୨୨ ବର୍ଷରେ ୨୪୦୩ ଟି ସେତୁ (୩୮୦ଟି ଚାଲୁ ରହିଥିବା ଏବଂ ୨୦୨୩ଟି ନୂତନ) ନିର୍ମାଣ ପାଇଁ ୧୮୭୭୯.୨୨ କୋଟି ବ୍ୟୟବରାଦ ସହ ୨୦୨୧-୨୨ ରୁ ୨୦୨୫-୨୬ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ଅବଧି ପାଇଁ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରାଯାଇଥିଲା । ରାଜ୍ୟର ନଦୀଗର୍ଭ ଏବଂ ସେତୁର ଉପର ମୁଣ୍ଡରେ ମୌସୁମୀ ଜଳକୁ ସଂରକ୍ଷିତ କରି କ୍ଷୁଦ୍ର ଜଳସେଚନ, ପାନୀୟ ଜଳ ଏବଂ ଗୃହପାଳିତ ପଶୁଙ୍କ ବ୍ୟବହାର ପାଇଁ ଜଳ ଯୋଗାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା 'ବ୍ରିଜ୍-କମ୍- ୱେୟାର୍ ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନାକୁ ୨୦୨୬-୨୭ ରୁ ୨୦୩୦-୩୧ ପର୍ଯ୍ୟନ୍ତ ୫ ବର୍ଷ ଅବଧି ପାଇଁ ମୋଟ ଟ. ୬୦୦ କୋଟିର ବ୍ୟୟବରାଦ ସହ କାର୍ଯ୍ୟକାରୀ କରିବା ପାଇଁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରାଯାଇଛି । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଓଡ଼ିଶା ମତ୍ସ୍ୟ ସେବା (ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୬' ସମ୍ପର୍କିତ କ୍ୟାବିନେଟ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। ବିଭାଗର କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ବୃଦ୍ଧି ଏବଂ ଜନସାଧାରଣଙ୍କୁ ଅଧିକ ତ୍ୱରିତ ଓ ଦକ୍ଷତାର ସହିତ ସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପୂର୍ବରୁ ଓଡ଼ିଶା ମତ୍ସ୍ୟ ସେବା କ୍ୟାଡରର ପୁନର୍ଗଠନକୁ ଅନୁମୋଦନ କରିଥିଲେ। ଏହା ଫଳରେ କ୍ୟାଡରର ଅନୁମୋଦିତ ପଦବୀ ସଂଖ୍ୟା ୬୧୭ରୁ ବୃଦ୍ଧି ପାଇ ୮୩୫ରେ ପହଞ୍ଚିଛି। ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ଯୋଜନା ଅନ୍ତର୍ଗତ ପ୍ରସ୍ତାବିତ କ୍ଲଷ୍ଟର-୩୬ ମାଧ୍ୟମରେ ୦୩ ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପୂର୍ବକ ତେଲ୍ ନଦୀ ଓ ଉନ୍ଦେର ନଦୀରୁ ଜଳ ଉତୋଳନ କରି ଚାପ ନିୟନ୍ତ୍ରିତ ଜଳଯୋଗାଣ ବ୍ୟବସ୍ଥା ମାଧ୍ୟମରେ ବଲାଙ୍ଗୀର ଜିଲ୍ଲାର ୪,୩୩୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବା ସହିତ ୧୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପ ଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି । ଆଜି ରାଜ୍ୟ କ୍ୟାବିନେଟ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିମିତ ୧୨୧,୮୦,୭୮,୬୬୧,୦୦ ଟଙ୍କା (ଜିଏସଟି ବ୍ୟତୀତ) ଏବଂ ପନ୍ଦର ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ର ମୂଲ୍ୟ ୯,୭୪,୪୬,୨୯୩,୦୦ (ଜିଏସଟି ବ୍ୟତୀତ) ଟେଣ୍ଡରଟିକୁ ଅନୁମୋଦନ କରିଛନ୍ତି । ପ୍ରକଳ୍ପଟି ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖା ଯାଇଅଛି । ରାଜ୍ୟ କ୍ୟାବିନେଟ୍ ରାଜ୍ୟ କୃଷି ନୀତି ଅଧୀନରେ ସବସିଡିକୁ ୨୦୨୬-୨୭ ରୁ ୨୦୩୦-୩୧ ପର୍ଯ୍ୟନ୍ତ ଆଉ ପାଞ୍ଚ ବର୍ଷ ପାଇଁ ବୃଦ୍ଧି କରିବାକୁ ୨୪୯୬.୪୦ କୋଟି ଟଙ୍କାର ମୋଟ ବ୍ୟୟ ଅଟକଳ ସହ ଅନୁମୋଦନ କରିଛନ୍ତି। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟବସାୟିକ କୃଷି -ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ତଥା ସବସିଡ଼ି ପ୍ରଦାନ କରିବା, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ତଥା ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ଉପଲବ୍ଧ ଜମି ଓ ସମ୍ବଳର ଯଥୋଚିତ ବିନିଯୋଗକରିବା, ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ୀକରଣ ସହ ଚାଷୀଙ୍କ ଆୟ ବୃଦ୍ଧି ଏବଂ ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଯୋଜନା ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ। ଏହି ୫ ବର୍ଷ ଅବଧି ମଧ୍ୟରେ, ପ୍ରାୟ ୮,୫୦୦ଟି ବାଣିଜ୍ୟିକ କୃଷି ଉଦ୍ୟୋଗ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୨୪୯୬,୪୦ କୋଟି ଟଙ୍କାର ଆନୁମାନିକ ବିନିଯୋଗ କରାଯିବ ବୋଲି ମୁଖ୍ୟଶାସନ ସଚିବ ସୂଚନା ଦେଇଛନ୍ତି।

## ମନୋଜ ପାଢ଼ୀ ...

ନାହିଁ, ସେ ନେଇ କ୍ରାଇମ୍‌ବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ତଦନ୍ତ ଚଳାଇଛି। ଏହି ତଦନ୍ତ ଜାରି ଥିବାବେଳେ ମଙ୍ଗଳବାର ଶ୍ରୀ ପାଢୀଙ୍କୁ ଗିରଫ କରାଯାଇଛି। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ୍ ପଠାଯାଇଥିବା ଜଣାପଡିଛି।

## କୋଭିଡ୍ ନେଇ...

ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି । ଜନସାଧାରଣଙ୍କୁ ଅନୁରୋଧ କରି କୌଣସି ଗୁଜବ କିମ୍ବା ଅପପ୍ରଚାରରେ ବିଚଳିତ ଅଥବା ଭୟଭୀତ ନହୋଇ ସଚେତନ ରହିବା ଏବଂ ଆବଶ୍ୟକ ସ୍ୱାସ୍ଥ୍ୟ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ଅନୁରୋଧ କରିଛନ୍ତି । ଏହି ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ., ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ବୃନ୍ଦା ଡ଼ି ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆମେରିକା-ଇରାନ...

ଆୱାସ, କିସ୍, କେଶମ୍ ଏବଂ ଅବୁ ମୁସା ଦ୍ୱୀପପୁଞ୍ଜରେ ଜୋରରେ ବିସ୍ଫୋରଣ ଶୁଣିବାକୁ ମିଳିଥିଲା। ଇରାନ ଏହାକୁ ଅସ୍ୱୀକାର କରିଛି। ୟୁଏଇର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଇରାନ କ୍ଷେପଣାସ୍ତ୍ର ହର୍ମୁଜ ଷ୍ଟ୍ରେଟରେ ଓମାନର ଜଳରାଶିରେ ଏହାର ଦୁଇଟି ଟ୍ୟାଙ୍କରକୁ ଆଘାତ କରିଛି। ଏହି ଆକ୍ରମଣରେ ଜଣେ ନାବିକ ନିହତ ହୋଇଥିଲେ। ଆହତ ନାବିକ ଜଣକ ଜଣେ ଭାରତୀୟ ନାଗରିକ। ମନ୍ତ୍ରଣାଳୟ କହିଛି ଯେ ଇରାନୀୟ ଆକ୍ରମଣରେ ଅନ୍ୟ ଆଠ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬ ଜଣ ଭାରତୀୟ ଏବଂ ୨ ଜଣ ୟୁକ୍ରେନ୍ ନାଗରିକ ଅଛନ୍ତି। ଆହତଙ୍କ ମଧ୍ୟରୁ ଚାରି ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ୟୁଏଇର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହାର ପ୍ରତିଶୋଧ ନେବାର ଅଧିକାର ରହିଛି।

## କେଜିରୁ ପିଜି ...

ଦିଆଯାଇଛି । ଏବର୍ଷ ରିଆଡମିସନ ସାମ୍ସ ମାଧ୍ୟମରେ ହେବ । ଯେଉଁ ପିଲା ଆଡମିସନ ବେଳେ ଟଙ୍କା ଦେଇଛନ୍ତି ଫେରସ୍ତ ପାଇବେ। କୌଣସି ଶିକ୍ଷାନୁଷ୍ଠାନ ମନଇଚ୍ଛା ଫି' ବୃଦ୍ଧି କରିପାରିବେନି ବୋଲି ମନ୍ତ୍ରୀ କହିଛନ୍ତି ।

## ଜେଲରୁ ଖଲାସ...

ଦାରା ସିଂଙ୍କ ଦଣ୍ଡାଦେଶ କୋହଳ ଆବେଦନ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଅଗଷ୍ଟ ୧୫ ସୁଦ୍ଧା କୌଣସି ନିଷ୍ପତ୍ତି ନିଆ ନଯାଏ, ତାହେଲେ ଅଗଷ୍ଟ ୧୯ରେ ସୁପ୍ରିମକୋର୍ଟ ପୁଣି ଏହି ମାମଲାର ଶୁଣାଣି କରିବେ।

ଆଜିର ଶୁଣାଣି ପରେ ଦାରା ସିଂଙ୍କ ଓକିଲ ଏ. ପି. ସିଂହ କହିଛନ୍ତି ଯେ ଦାରା ୨୬ ବର୍ଷରୁ ଅଧିକ ସମୟ ସଜା କାଟିସାରିଥିବାରୁ ତାଙ୍କ ମୁକ୍ତି ଆବେଦନ ଉପରେ ଶୀଘ୍ର ନିଷ୍ପତ୍ତି ନେବାକୁ କୋର୍ଟ କହିଛନ୍ତି।

## ଶକ୍ତିଶାଳୀ ହେଉଛି ...

ରହିଛି । ଉତ୍ତର ବଙ୍ଗୋପସାଗର ଓ ଏହାର ନିକଟବର୍ତ୍ତୀ ପଶ୍ଚିମ ବାଂଲାଦେଶ ଉପକୂଳରେ ଲଘୁଚାପ ସୃଷ୍ଟି ହେବ । ଏହାର ପ୍ରଭାବରେ ଆଗାମୀ ୪ ଦିନ ଯାଏ ପ୍ରବଳରୁ ଅତି ପ୍ରବଳ ଏବଂ ଅତ୍ୟଧିକ ପ୍ରବଳ ବର୍ଷା ହୋଇପାରେ ବୋଲି, ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

## ଅନ୍ତରୀକ୍ଷକୁ ଉଡ଼ିଲେ...

ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍) ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରାୟ ୮ ମାସ ଧରି ଚାଲିବାକୁ ଥିବା ଏହି ଅଭିଯାନରେ ସେମାନେ ବୈଜ୍ଞାନିକ ଗବେଷଣା ଓ ପ୍ରଯୁକ୍ତି ପରୀକ୍ଷଣ କରିବେ।






**୦୧. ଗୁଣ୍ଡିଚା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 15.07.26 | 2200 | 16.07.26 | 0345 |
| 08407 | ଭଦ୍ରକ-ପୁରୀ | 15.07.26 | 2130 | 16.07.26 | 0355 |
| 08421 | ଅନୁଗୁଳ-ପୁରୀ | 16.07.26 | 0500 | 16.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 16.07.26 | 0230 | 16.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 16.07.26 | 0500 | 16.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 16.07.26 | 0800 | 16.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ଼-ପୁରୀ | 16.07.26 | 0630 | 16.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 16.07.26 | 0700 | 16.07.26 | 1230 |
| 08437 | ପଲାସା-ପୁରୀ | 15.07.26 | 2100 | 16.07.26 | 0200 |
| 08557 | ଗୁଣୁପୁର-ପୁରୀ | 15.07.26 | 1830 | 16.07.26 | 0050 |
| 08551 | ବିଶାଖାପାଟଣା-ପୁରୀ | 15.07.26 | 1230 | 15.07.26 | 2130 |
| 08553 | ଜଗଦଲପୁର-ପୁରୀ | 15.07.26 | 0600 | 16.07.26 | 0140 |
| 08555 | ରାୟଗଡ଼ା-ପୁରୀ | 15.07.26 | 1430 | 16.07.26 | 0400 |
| 08559 | ସମ୍ବଲପୁର-ପୁରୀ | 15.07.26 | 2200 | 16.07.26 | 0615 |
| 08336 | ଜୁନାଗଡ଼ ରୋଡ଼-ପୁରୀ | 15.07.26 | 2050 | 16.07.26 | 0825 |
| 08561 | ପୁରୁଣାକଟକ-ପୁରୀ | 15.07.26 | 1000 | 15.07.26 | 2100 |
| 08565 | ଶାଲିମାର-ପୁରୀ | 15.07.26 | 1800 | 16.07.26 | 0600 |
| 08331 | ରାଉରକେଲା-ପୁରୀ | 15.07.26 | 1940 | 16.07.26 | 0945 |
| 08569 | ବାଦାମପାହାଡ଼-ପୁରୀ | 15.07.26 | 0900 | 15.07.26 | 2245 |
| 08563 | ବାଙ୍ଗିରିପୋଷି-ପୁରୀ | 15.07.26 | 1430 | 16.07.26 | 0300 |
| 08567 | ବଡ଼ବିଲ-ପୁରୀ | 15.07.26 | 0735 | 15.07.26 | 1730 |

**୦୨. ଗୁଣ୍ଡିଚା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 16.07.26 | 1505 | 16.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ଼ | 16.07.26 | 1815 | 17.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 16.07.26 | 2100 | 17.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 16.07.26 | 2115 | 17.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 16.07.26 | 2130 | 17.07.26 | 0315 |
| 08444 | ପୁରୀ-ତାଳଚେର | 17.07.26 | 0005 | 17.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 17.07.26 | 0100 | 17.07.26 | 0430 |
| 08422 | ପୁରୀ-ଅନୁଗୁଳ | 17.07.26 | 0215 | 17.07.26 | 0745 |
| 08438 | ପୁରୀ-ପଲାସା | 17.07.26 | 0400 | 17.07.26 | 0915 |
| 08558 | ପୁରୀ-ଗୁଣୁପୁର | 17.07.26 | 0245 | 17.07.26 | 0945 |
| 08552 | ପୁରୀ-ବିଶାଖାପାଟଣା | 17.07.26 | 0230 | 17.07.26 | 1105 |
| 08554 | ପୁରୀ-ଜଗଦଲପୁର | 16.07.26 | 1915 | 17.07.26 | 1315 |
| 08556 | ପୁରୀ-ରାୟଗଡ଼ା | 17.07.26 | 0130 | 17.07.26 | 1430 |
| 08560 | ପୁରୀ-ସମ୍ବଲପୁର | 17.07.26 | 0330 | 17.07.26 | 1100 |
| 08337 | ପୁରୀ-ଜୁନାଗଡ଼ ରୋଡ଼ | 17.07.26 | 0700 | 17.07.26 | 1845 |
| 08562 | ପୁରୀ-ପୁରୁଣାକଟକ | 16.07.26 | 2030 | 17.07.26 | 0640 |
| 08566 | ପୁରୀ-ଶାଲିମାର | 17.07.26 | 0030 | 17.07.26 | 1330 |
| 08332 | ପୁରୀ-ରାଉରକେଲା | 17.07.26 | 0300 | 17.07.26 | 1555 |
| 08570 | ପୁରୀ-ବାଦାମପାହାଡ଼ | 17.07.26 | 0045 | 17.07.26 | 1345 |
| 08564 | ପୁରୀ-ବାଙ୍ଗିରିପୋଷି | 17.07.26 | 0115 | 17.07.26 | 1330 |
| 08568 | ପୁରୀ-ବଡ଼ବିଲ | 16.07.26 | 1945 | 17.07.26 | 0700 |

**୦୩. ବାହୁଡ଼ା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 23.07.26 | 2200 | 24.07.26 | 0345 |
| 08407 | ଭଦ୍ରକ-ପୁରୀ | 23.07.26 | 2130 | 24.07.26 | 0355 |
| 08421 | ଅନୁଗୁଳ-ପୁରୀ | 24.07.26 | 0500 | 24.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 24.07.26 | 0230 | 24.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 24.07.26 | 0500 | 24.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 24.07.26 | 0800 | 24.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ଼-ପୁରୀ | 24.07.26 | 0630 | 24.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 24.07.26 | 0700 | 24.07.26 | 1230 |
| 08437 | ପଲାସା-ପୁରୀ | 23.07.26 | 2100 | 24.07.26 | 0200 |
| 08557 | ଗୁଣୁପୁର-ପୁରୀ | 23.07.26 | 1830 | 24.07.26 | 0050 |
| 08551 | ବିଶାଖାପାଟଣା-ପୁରୀ | 23.07.26 | 1230 | 23.07.26 | 2130 |
| 08553 | ଜଗଦଲପୁର-ପୁରୀ | 23.07.26 | 0600 | 24.07.26 | 0140 |
| 08555 | ରାୟଗଡ଼ା-ପୁରୀ | 23.07.26 | 1430 | 24.07.26 | 0400 |
| 08559 | ସମ୍ବଲପୁର-ପୁରୀ | 23.07.26 | 2200 | 24.07.26 | 0615 |
| 08336 | ଜୁନାଗଡ଼ ରୋଡ଼-ପୁରୀ | 23.07.26 | 2050 | 24.07.26 | 0825 |
| 08561 | ପୁରୁଣାକଟକ-ପୁରୀ | 23.07.26 | 1000 | 23.07.26 | 2100 |
| 08565 | ଶାଲିମାର-ପୁରୀ | 23.07.26 | 1800 | 24.07.26 | 0600 |
| 08331 | ରାଉରକେଲା-ପୁରୀ | 23.07.26 | 1940 | 24.07.26 | 0945 |
| 08569 | ବାଦାମପାହାଡ଼-ପୁରୀ | 23.07.26 | 0900 | 23.07.26 | 2245 |
| 08563 | ବାଙ୍ଗିରିପୋଷି-ପୁରୀ | 23.07.26 | 1430 | 24.07.26 | 0300 |
| 08567 | ବଡ଼ବିଲ-ପୁରୀ | 23.07.26 | 0735 | 23.07.26 | 1730 |

**୦୪. ବାହୁଡ଼ା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 24.07.26 | 1505 | 24.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ଼ | 24.07.26 | 1815 | 25.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 24.07.26 | 2100 | 25.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 24.07.26 | 2115 | 25.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 24.07.26 | 2130 | 25.07.26 | 0315 |
| 08444 | ପୁରୀ-ତାଳଚେର | 25.07.26 | 0005 | 25.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 25.07.26 | 0100 | 25.07.26 | 0430 |
| 08422 | ପୁରୀ-ଅନୁଗୁଳ | 25.07.26 | 0215 | 25.07.26 | 0745 |
| 08438 | ପୁରୀ-ପଲାସା | 25.07.26 | 0400 | 25.07.26 | 0915 |
| 08558 | ପୁରୀ-ଗୁଣୁପୁର | 25.07.26 | 0245 | 25.07.26 | 0945 |
| 08552 | ପୁରୀ-ବିଶାଖାପାଟଣା | 25.07.26 | 0230 | 25.07.26 | 1105 |
| 08554 | ପୁରୀ-ଜଗଦଲପୁର | 24.07.26 | 1915 | 25.07.26 | 1315 |
| 08556 | ପୁରୀ-ରାୟଗଡ଼ା | 25.07.26 | 0130 | 25.07.26 | 1430 |
| 08560 | ପୁରୀ-ସମ୍ବଲପୁର | 25.07.26 | 0330 | 25.07.26 | 1100 |
| 08337 | ପୁରୀ-ଜୁନାଗଡ଼ ରୋଡ଼ | 25.07.26 | 0700 | 25.07.26 | 1845 |
| 08562 | ପୁରୀ-ପୁରୁଣାକଟକ | 24.07.26 | 2030 | 25.07.26 | 0640 |
| 08566 | ପୁରୀ-ଶାଲିମାର | 25.07.26 | 0030 | 25.07.26 | 1330 |
| 08332 | ପୁରୀ-ରାଉରକେଲା | 25.07.26 | 0300 | 25.07.26 | 1555 |
| 08570 | ପୁରୀ-ବାଦାମପାହାଡ଼ | 25.07.26 | 0045 | 25.07.26 | 1345 |
| 08564 | ପୁରୀ-ବାଙ୍ଗିରିପୋଷି | 25.07.26 | 0115 | 25.07.26 | 1330 |
| 08568 | ପୁରୀ-ବଡ଼ବିଲ | 24.07.26 | 1945 | 25.07.26 | 0700 |

**୦୫. ସୁନାବେଶ ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 24.07.26 | 2200 | 25.07.26 | 0345 |
| 08407 | ଭଦ୍ରକ-ପୁରୀ | 24.07.26 | 2130 | 25.07.26 | 0355 |
| 08421 | ଅନୁଗୁଳ-ପୁରୀ | 25.07.26 | 0500 | 25.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 25.07.26 | 0230 | 25.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 25.07.26 | 0500 | 25.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 25.07.26 | 0800 | 25.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ଼-ପୁରୀ | 25.07.26 | 0630 | 25.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 25.07.26 | 0700 | 25.07.26 | 1230 |
| 08563 | ବାଙ୍ଗିରିପୋଷି-ପୁରୀ | 24.07.26 | 1430 | 25.07.26 | 0300 |

**୦୬. ସୁନାବେଶ ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 25.07.26 | 1505 | 25.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ଼ | 25.07.26 | 1815 | 26.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 25.07.26 | 2100 | 26.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 25.07.26 | 2115 | 26.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 25.07.26 | 2130 | 26.07.26 | 0315 |
| 08444 | ପୁରୀ-ତାଳଚେର | 26.07.26 | 0005 | 26.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 26.07.26 | 0100 | 26.07.26 | 0430 |
| 08422 | ପୁରୀ-ଅନୁଗୁଳ | 26.07.26 | 0215 | 26.07.26 | 0745 |
| 08564 | ପୁରୀ-ବାଙ୍ଗିରିପୋଷି | 26.07.26 | 0115 | 26.07.26 | 1330 |

**୦୭. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08423 | ବ୍ରହ୍ମପୁର-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0230 |
| 08431 | ଦଶପଲ୍ଲା-ପୁରୀ | 15.07.2026 ଠାରୁ 25.07.2026 | 2330 | ପରବର୍ତ୍ତୀ ଦିନ | 0330 |
| 08419 | ଅନୁଗୁଳ-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0430 |
| 08411 | କେନ୍ଦୁଝରଗଡ଼-ପୁରୀ | 15.07.2026 ଠାରୁ 25.07.2026 | 2100 | ପରବର୍ତ୍ତୀ ଦିନ | 0505 |
| 08415 | ପାରାଦ୍ୱୀପ-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0540 |
| 08425 | ବ୍ରହ୍ମପୁର-ପୁରୀ | 16.07.2026 ଠାରୁ 26.07.2026 | 0530 | ସେହି ଦିନ | 0930 |
| 08409 | ଭଦ୍ରକ-ପୁରୀ | 16.07.2026 ଠାରୁ 26.07.2026 | 0420 | ସେହି ଦିନ | 1020 |
| 08433 | ଦଶପଲ୍ଲା-ପୁରୀ | 16.07.2026 ଠାରୁ 26.07.2026 | 0800 | ସେହି ଦିନ | 1315 |
| 08451 | ଖୋର୍ଦ୍ଧା ରୋଡ଼-ପୁରୀ | 16.07.2026 ଠାରୁ 26.07.2026 | 1330 | ସେହି ଦିନ | 1430 |

**୦୮. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08452 | ପୁରୀ-ଖୋର୍ଦ୍ଧା ରୋଡ଼ | 16.07.2026 ଠାରୁ 26.07.2026 | 1445 | ସେହି ଦିନ | 1545 |
| 08432 | ପୁରୀ-ଦଶପଲ୍ଲା | 16.07.2026 ଠାରୁ 26.07.2026 | 1430 | ସେହି ଦିନ | 1830 |
| 08424 | ପୁରୀ-ବ୍ରହ୍ମପୁର | 16.07.2026 ଠାରୁ 26.07.2026 | 1530 | ସେହି ଦିନ | 2100 |
| 08412 | ପୁରୀ-କେନ୍ଦୁଝରଗଡ଼ | 16.07.2026 ଠାରୁ 26.07.2026 | 1615 | ସେହି ଦିନ | 2345 |
| 08416 | ପୁରୀ-ପାରାଦ୍ୱୀପ | 16.07.2026 ଠାରୁ 26.07.2026 | 1745 | ସେହି ଦିନ | 2355 |
| 08420 | ପୁରୀ-ଅନୁଗୁଳ | 16.07.2026 ଠାରୁ 26.07.2026 | 1900 | ପରବର୍ତ୍ତୀ ଦିନ | 0030 |
| 08426 | ପୁରୀ-ବ୍ରହ୍ମପୁର | 16.07.2026 ଠାରୁ 26.07.2026 | 2230 | ପରବର୍ତ୍ତୀ ଦିନ | 0300 |
| 08410 | ପୁରୀ-ଭଦ୍ରକ | 17.07.2026 ଠାରୁ 27.07.2026 | 0200 | ସେହି ଦିନ | 0700 |
| 08434 | ପୁରୀ-ଦଶପଲ୍ଲା | 17.07.2026 ଠାରୁ 27.07.2026 | 0315 | ସେହି ଦିନ | 0645 |

ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ଗୁଡ଼ିକ ସ୍ୱତନ୍ତ୍ର ଭଡ଼ା ଟ୍ରେନ ଭାବରେ ପୁରୀ ଠାରୁ ଏବଂ ପୁରୀକୁ ଚଳାଚଳ କରିବ। ବ୍ରହ୍ମପୁର ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ଟ୍ରେନ୍ ଖୋର୍ଦ୍ଧା ରୋଡ଼ ନଯାଇ ଭାୟା-ଅରୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ।

ECOR YATRA APP
RailOne
କିମ୍ବା ପ୍ଲେ ଷ୍ଟୋର୍‌ରୁ ଡାଉନ୍‌ଲୋଡ୍ କରନ୍ତୁ
RailOne ଏକିକୃତ ରେଲୱେ ଆପ୍

ରଥଯାତ୍ରା ମୋବାଇଲ୍ ଆପ୍
ସମସ୍ତ ସୂଚନା ପାଇଁ ପୂର୍ବ ତଟ ରେଳପଥର ରଥଯାତ୍ରା ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନ୍‌ଲୋଡ୍ କରନ୍ତୁ



ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
ଡାଏଲ୍ କରନ୍ତୁ 139 ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା, ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର
D-08/26-27
www.facebook/@EASTCOASTRailway1 www.x.com/@EastCoastRail www.instagram.com/cproecor

ଭୁବନେଶ୍ୱର, ୧୫ ଜୁଲାଇ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ସିଂହାସନ ପଛକୁ ରହିଲା 'ପ୍ରଭା' : ରଥର କନା ପଡ଼ିବା କାର୍ଯ୍ୟ ଜାରି

**ପୁରୀ, ୧୪/୦୭ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରାକୁ ରହିଲା ମାତ୍ର ଦୁଇ ଦିନ । ଏଣୁ ରଥ ତ୍ରୟରେ ଦିଆଯାଉଛି ଶେଷ ସ୍ପର୍ଶ । ତିନି ରଥରେ ପ୍ରଭା ସ୍ଥାପନ କରାଯାଇଛି । ଦଉଡ଼ିରେ ବାନ୍ଧି ଭୋଇ ସେବକମାନେ ରଥ ଉପରକୁ ପ୍ରଭା ଉଠାଇଥିଲେ । ଚଉଦନାହାକାରେ ଲାଗିଥିବା ଧ୍ୱଜିଦଣ୍ଡାରେ କଣ୍ଟାରେ ପ୍ରଭା ଟଙ୍ଗା ଯାଇଥିଲା । ପ୍ରଭାକୁ ଟେକି ରଖିବା ପାଇଁ ପ୍ରଭା ଅପସରା ଓ ବଇଠି ଲାଗିଥିଲା । ଚକା ସିଂହାସନରେ ଅବସ୍ଥାନ କରିବା ପରେ ପ୍ରଭାକୁ ଆଉଜିବେ ଶ୍ରୀବିଗ୍ରହ । ରଥର କନା ପଡ଼ିବା କାର୍ଯ୍ୟ ଜାରି ରଖିଛନ୍ତି କୋଠସୁଆଁସିଆ ସେବକ । ଉପରେ ଚଢ଼ି ଶୂନ୍ୟରେ ଝୁଲିଲା ଭଳି କୋଠସୁଆଁସିଆ ରଥ କନା ଲଗାନ୍ତି ।



ରଥ ଦୁଆରଘଡ଼ାରେ କନାମଣ୍ଡଣୀ କାର୍ଯ୍ୟ ଶେଷ ହୋଇଛି । ଦର୍ଜୀ ସେବକ ପ୍ରସ୍ତୁତ କନା ଯୋଗାଇଲେ ଏମାନେ ରଥରେ ଲଗାଇବେ । ତାଳଧ୍ୱଜ ରଥରୁ କାର୍ଯ୍ୟାରମ୍ଭ ହେବାର ବିଧି ପାରମ୍ପରିକ ଭାବେ ପାଳନ ହେଉଛି । ଶେଷରେ ରଥ ପ୍ରତିଷ୍ଠା ପରେ ପିତ୍ତଳ କଳସ ସ୍ଥାପନ କଲେ ଠାକୁରେ ପହଣ୍ଡି ହୋଇ ଆସି ରଥାରୂଢ଼ ହେବେ ବୋଲି କୁହନ୍ତି ପ୍ରମୁଖ କୋଠସୁଆଁସିଆ ସେବକ ଜଗନ୍ନାଥ ରାଉତ । ରଥରେ କନା ଲାଗିଲା ପରେ ସେଥିରେ କଦଳୀ ଗଛ ଆଦି ଲାଗିବ । ଚିତ୍ରକର ସେବକମାନେ ଅଶ୍ୱ ଓ ସାରଥିଙ୍କ ରଙ୍ଗ କାର୍ଯ୍ୟ ସାରିଛନ୍ତି । କମାର ସେବକମାନେ ରଥରେ କନା ପକା କାର୍ଯ୍ୟ ପାଇଁ ହାତୁଡ଼ି ଓ ଛୁରି ଆଦି ସାମଗ୍ରୀ ତିଆରି ଦେଇଛନ୍ତି । ସେହିଭଳି ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପର ମହଲାରେ ଦର୍ଜୀ ସେବକଙ୍କ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଶେଷରେ ରଥରେ ପଟା ପଡ଼ି ଚକା ରଖାଯିବ । ରଥଯାତ୍ରା ଅବସରରେ ଚକାବେଦିରେ ଠାକୁରେ ବସିବେ ।

## ରଥଯାତ୍ରା ପାଇଁ ୩୦ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା

**ପୁରୀ ୧୪/୦୭ ନ୍ୟୁଜ ବ୍ୟୁରୋ**

ପବିତ୍ର ରଥଯାତ୍ରା ଅବସରରେ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଟ୍ରାଫିକ୍ ନିର୍ଦ୍ଦେଶାବଳୀ ଭଲଭାବେ ଅନୁଧ୍ୟାନ କରିବାକୁ ରଥଯାତ୍ରା ପରିଚାଳନା ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀ ପରାମର୍ଶ ଦେଇଛନ୍ତି । ଆୟୋଜିତ ଏକ ପ୍ରେସ୍ ମିଟ୍‌ରେ ସେ ରଥଯାତ୍ରା ସମୟରେ ଟ୍ରାଫିକ୍ ପରିଚାଳନା ନେଇ ବିସ୍ତୃତ ସୂଚନା ଦେଇଥିଲେ । ରଥଯାତ୍ରାରେ କେମିତି ଯିବେ ପୁରୀ, କେଉଁଠି କରିବେ ଗାଡ଼ି ପାର୍କିଂ, ଏନେଇ ଜାରି ହେଲା ରୁଟ୍ ମ୍ୟାପ୍ । ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପୁରୀ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଟ୍ରାଫିକ୍ ନିର୍ଦ୍ଦେଶାବଳୀ ଜାରି ହୋଇଛି । ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଏକ ସାମ୍ବାଦିକ ସମ୍ମିଳନୀ କରି ଟ୍ରାଫିକ୍ ନିର୍ଦ୍ଦେଶାବଳୀକୁ ଭଲଭାବେ ଅନୁଧ୍ୟାନ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ରଥଯାତ୍ରା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ଜାରି କରାଯାଇଛି । ମୋଟ ୩୦ଟି ସ୍ଥାନରେ କରାଯାଇଛି ପାର୍କିଂ ବ୍ୟବସ୍ଥା । ଚାରି ଚକିଆ ଯାନ ପାଇଁ ୨୨ଟି, ଦୁଇ ଚକିଆ ଯାନ ପାଇଁ ୪ଟି, ବସ୍ ପାଇଁ ୪ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା ହୋଇଛି । ପୁରୀ କୁମ୍ଭାରପଡ଼ା ଥାନା ଟ୍ରାଫିକ କଣ୍ଟ୍ରୋଲ ରୁମ୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରଥଯାତ୍ରା ଅବସରରେ ଟ୍ରାଫିକ୍ ବ୍ୟବସ୍ଥା ନେଇ ସୂଚନା ଦେଇଛନ୍ତି, ଅତିରିକ୍ତ ପୋଲିସ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ପରିବହନ କମିଶନର ଅମିତାଭ ଠାକୁର । ଦୁଇ ଚକିଆ ଯାନ ପାଇଁ ମାଟି ତୋଟା ୧, ମାଟି ତୋଟା ୨, ପୁରୁଣା ଜଗନ୍ନାଥ ବଲ୍ଲଭ ଏବଂ ବ୍ଲୁ ଫ୍ଲାଗର ନୀଳାଚଳ ଅଶୋକରେ ପାର୍କିଂର ବ୍ୟବସ୍ଥା କରାଯାଇଛି । ସେହିପରି ବସ୍ ପାଇଁ ମାଳତୀପାଟପୁର, ତାଳବଣିଆ, ସ୍ୱାମୀ ନାରାୟଣ ମନ୍ଦିର ଏବଂ ସମଙ୍ଗ ଠାରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ପାସ୍‌ଧାରୀ ମାନଙ୍କ ପାଇଁ ଜେବିପିସି, ଯାତ୍ରୀକା, ନାଲି ପଡିଆ, ଲୋକନାଥ ମନ୍ଦିର ଠାରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ପାସ୍ ନଥିବା ଗାଡ଼ି ଗୁଡ଼ିକ ପାଇଁ ୧୮ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ଏଆଇ କ୍ୟାମେରା ଦ୍ୱାରା ପୁରୀକୁ ଆସୁଥିବା ସମସ୍ତ ଗାଡ଼ିର ସଂଖ୍ୟା ଗଣନା କରାଯିବ । ଲୋକଙ୍କୁ ସୂଚନା ଦେବା ପାଇଁ ମୋଟ୍ ୧୬୪୫ଟି ସାଇନେଜ୍ ଲଗାଯାଇଛି । ଲୋକଙ୍କୁ ଟ୍ରାଫିକ ସୂଚନା ଦେବାପାଇଁ ଜାତୀୟ ରାଜପଥରେ ଏଲଇଡି ସ୍କ୍ରିନ୍ ବ୍ୟବସ୍ଥା କରାଯାଇଛି । ଲୋକଙ୍କୁ ତାଜା ଟ୍ରାଫିକ ସୂଚନା, ଭିଡ଼ ସମ୍ପର୍କରେ ବଲ୍କ ଏମ୍ ଏସ୍ ସୂଚନା ବ୍ୟବସ୍ଥା କରାଯାଇଛି । ତାଳବଣିଆ ଓ ମାଳତୀପାଟପୁର ବସ୍‌ଷ୍ଟାଣ୍ଡଠାରେ ଦୁଇଟି ମଡେଲ ଟ୍ରାଫିକ ଏଡ୍ ପୋଷ୍ଟ କରାଯାଇଛି । ଯାହାକି ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗମାନଙ୍କୁ ସହାୟତା ଯୋଗାଇବ । ଏହାଛଡ଼ା ପୁରୀ ଜିଲ୍ଲାରେ ମୋଟ୍ ୭୩ଟି ଟ୍ରାଫିକ ସହାୟତା କେନ୍ଦ୍ର କରାଯାଇଛି । ତିନିଟି ଡ୍ରୋନ୍ ୨୪୪ଟି କ୍ୟାମେରା ଦ୍ୱାରା ସମସ୍ତ ଟ୍ରାଫିକ ବ୍ୟବସ୍ଥା ଉପରେ ନଜର ରଖାଯିବ । ମେଡିକାଲ ଛକ ଠାରୁ ଶ୍ରୀମନ୍ଦିର, ଝାଡ଼େଶ୍ୱରୀ ଛକ ଠାରୁ ହସ୍ପିଟାଲ ଛକ, ଲୋକନାଥ ମନ୍ଦିର ବୃଷବ ଛକଠାରୁ ଶ୍ରୀମନ୍ଦିର, ଏବଂ ସୋଲାଖିଆ ବରଗଛଠାରୁ ଶ୍ରୀମନ୍ଦିର, ମୋଚି ସାହି ଛକ ଠାରୁ ଶ୍ରୀମନ୍ଦିର, ଯାତ୍ରୀକା ପାର୍କିଂ ଠାରୁ ଦିଗବାରେଣି ଛକ ପର୍ଯ୍ୟନ୍ତ ନୋ ଭେଇକିଲ ଜୋନ୍ ରହିବ । ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆଜି ସନ୍ଧ୍ୟାଠାରୁ ୬୫ଟି ସ୍ଥାନରେ ଏଲଇଡି ସ୍କ୍ରିନ୍ ମାଧ୍ୟମରେ ଟ୍ରାଫିକ୍ ନିର୍ଦ୍ଦେଶାବଳୀ, ରୁଟ୍ ଡାଇଭର୍ସନ୍ ଓ ଯାତାୟାତ ସମ୍ପର୍କିତ ସୂଚନା ପ୍ରସାରଣ କରାଯାଉଛି ।

## ବିମାନ ଭଡ଼ା ଉପରେ ନୂଆ ନିୟମ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୪/୦୭**

ବିମାନ ଟିକେଟ୍‌ଗୁଡ଼ିକର ଦାମରେ ହଠାତ୍ ବୃଦ୍ଧିରେ ହେଉଥିବା ସମସ୍ୟା ଓ ଅଭିଯୋଗଗୁଡ଼ିକୁ ନଜରରେ ରଖି ଏସ୍. ଲକ୍ଷ୍ମୀନାରାୟଣନଙ୍କ ଦ୍ୱାରା ଦାୟର ଏକ ଜନସ୍ୱାର୍ଥ ମାମଲାରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି । ଆବେଦନର ତଥ୍ୟକୁ ବିଚାର କରି ସୁପ୍ରିମକୋର୍ଟ ସରକାରଙ୍କୁ ଦୁଇ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲା ଯାତ୍ରୀ ଅଧିକାର, ସ୍ୱଚ୍ଛତା ଏବଂ ନ୍ୟାୟପୂର୍ଣ୍ଣ ଭଡ଼ା ନିର୍ଦ୍ଧାରଣ ସହିତ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରସଙ୍ଗ ପାଲଟିଛି । ଭାରତରେ ଘରୋଇ ବିମାନ କମ୍ପାନୀଗୁଡ଼ିକ ପର୍ଯ୍ୟାପ୍ତ ନିୟମରେ ଡାଇନାମିକ ପ୍ରାଇସିଂ ଆପଣାଇ ଯାତ୍ରୀମାନଙ୍କ ଠାରୁ ଅତ୍ୟଧିକ ଭଡ଼ା ଆଦାୟ କରୁଛନ୍ତି, ଯାହା ଗ୍ରାହକ ଅଧିକାରକୁ ପ୍ରଭାବିତ କରୁଛି । ଏହି ମାମଲା ସମ୍ପର୍କରେ ସୁପ୍ରିମକୋର୍ଟରେ ଏସ. ଲକ୍ଷ୍ମୀନାରାୟଣନ ବନାମ ୟୁନିଅନ ଅଫ୍ ଇଣ୍ଡିଆ ଆଣ୍ଡ ଓର୍ସ ଶୀର୍ଷକ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାୟର କରାଯାଇଥିଲା । ଆଲଗୋରିଦମ-ଆଧାରିତ ଡାଇନେମିକ ପ୍ରାଇସିଙ୍ଗର ନିରୀକ୍ଷଣ ଓ ନିୟନ୍ତ୍ରିତ କରାଯିବା ଉଚିତ । ଏୟାର



ଟିକେଟର ଭଡ଼ାରେ ହଠାତ୍ ଏବଂ ଅତ୍ୟଧିକ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ସ୍ପଷ୍ଟ ନିୟମ ପ୍ରଣୟନ କରାଯିବା ଉଚିତ । ଏୟାରଲାଇନ୍ସ ଦ୍ୱାରା ଆଦାୟ କରାଯାଉ ଥିବା ଅତିରିକ୍ତ ଶୁଳ୍କ (ଯେପରିକି ସିଟ୍ ଚୟନ, ଲଗେଜ୍, ପ୍ରାଥମିକତା ସେବା, ଇତ୍ୟାଦି) ସ୍ୱଚ୍ଛ କରାଯିବା ଉଚିତ । ଯାତ୍ରୀମାନଙ୍କ ଅଭିଯୋଗର ସମାଧାନ ପାଇଁ ପ୍ରଭାବଶାଳୀ ବ୍ୟବସ୍ଥା କରାଯିବା ଉଚିତ । ଏକ ସ୍ୱାଧୀନ ଆଭିଏସନ ଟାରିଫ୍ ଆଣ୍ଡ କଞ୍ଜୁମର ପ୍ରୋଟେକ୍ସନ କମିଶନ କିମ୍ବା ଏହି ପ୍ରକାରର ନିୟାମକ ସଂସ୍ଥା ପ୍ରତିଷ୍ଠା କରାଯିବା ଉଚିତ । ଘରୋଇ ଉଡ଼ାଣରେ ଇକୋନୋମି କ୍ଲାସ ପାଇଁ ସର୍ବନିମ୍ନ ୨୫ କିଲୋଗ୍ରାମ ମାଗଣା ଚେକ୍-ଇନ୍ ବ୍ୟାଗେଜକୁ ପୁନଃସ୍ଥାପିତ କରିବାକୁ ମଧ୍ୟ ଦାବି ହୋଇଛି । ସୁପ୍ରିମକୋର୍ଟ, ତଥ୍ୟଗୁଡ଼ିକୁ ବିଚାର କରି ଏହାକୁ ଏକ ବ୍ୟାପକ ଜନସ୍ୱାର୍ଥର ବିଷୟ ବୋଲି ବିବେଚନା କରିଥିଲେ ଏବଂ ଆବେଦନର ଶୁଣାଣି କରିଥିଲେ । ଏହି ଆବେଦନ ଉପରେ ଶୁଣାଣି ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କରିଥିଲେ । ମାମଲାରେ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲ କୋର୍ଟଙ୍କୁ ଜଣାଇଥିଲେ ଯେ ଡ୍ରାଫ୍ଟ ନିୟମ ପ୍ରସ୍ତୁତ ହୋଇଛି ଏବଂ ଅନୁବାଦ କରାଯାଉଛି, ଏହାସହ ସେ କହିଛନ୍ତି ଯେ, ସେଗୁଡ଼ିକୁ ସଂସଦରେ ମଧ୍ୟ ଉପସ୍ଥାପନ କରିବାକୁ ପଡିବ । ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୩ ରେ ହେବ । ଶୁଣାଣି ସମୟରେ, ସୁପ୍ରିମକୋର୍ଟ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ପଚାରିଥିଲେ ଯେ ନୂତନ ଆଇନ ( ଭାରତୀୟ ବିମାନ ଆଇନ, ୨୦୨୪ ) ଅନୁଯାୟୀ ତିଆରି ନିୟମ କେବେ ସୁଦ୍ଧା ଲାଗୁ ହେବ ? କେବଳ ପ୍ରତିଶ୍ରୁତିରେ କାମ ହେବ ନାହିଁ । କୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଦୁଇ ସପ୍ତାହ ମଧ୍ୟରେ ନିୟମଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ତାଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଉ । ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ନିୟମଗୁଡ଼ିକ ସଂସଦରେ ଆଗତ ହେଉ କି ନ ହେଉ, ଏକ ବନ୍ଦ ଲଫାପାରେ ଦାଖଲ କରନ୍ତୁ । ଉଲ୍ଲେଖନୀୟ ଯେ, ଭାରତୀୟ ବାୟୁସେନା ଅଧିନିୟମ ୨୦୨୪ , ଭାରତର ସଂସଦ ଦ୍ୱାରା ପାରିତ ଏକ ପ୍ରମୁଖ ଆଇନ, ଯାହା ୧ ଜାନୁଆରୀ ୨୦୨୫ରୁ ଲାଗୁ ହୋଇଛି । ଏହି ୯୦ ବର୍ଷ ପୁରୁଣା ଏୟାରକ୍ରାଫ୍ଟ ଆକ୍ଟ , ୧୯୩୪ର ସ୍ଥାନ ନେଇଛି । ଏହି ନୂଆ ଅଧିନିୟମର ଉଦ୍ଦେଶ୍ୟ ଆଧୁନିକ ବିମାନ ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଓ ବିଶ୍ୱ ମାନଦଣ୍ଡ ସହ ଭାରତର ଚଳାଚଳ କ୍ଷେତ୍ରକୁ ଉନ୍ନତ ଓ ନିୟନ୍ତ୍ରଣ କରିବା । ହେଲେ ଭାରତର ଆଭିଏସନ ସେକ୍ଟରକୁ ଆଧୁନିକ କରିବା ଉଦ୍ଦେଶ୍ୟରେ ଅଣାଯାଇ ଥିବା ଭାରତୀୟ ବାୟୁଯାନ ଅଧିନିୟମ, ୨୦୨୪ ଜାନୁଆରୀ ୨୦୨୫ରେ ଲାଗୁ ତ ହୋଇଛି, ହେଲେ ଏହାସହ ଜଡ଼ିତ ନିୟମଗୁଡ଼ିକୁ ଏବେ ବି ଅନ୍ତିମ ରୂପ ଦିଆଯାଉଛି । ଏଥିପାଇଁ ସୁପ୍ରିମକୋର୍ଟ ଜୋର ଦେଇ ଏହି କଥା କହିଛନ୍ତି ଯେ, ଏହି ନିୟମ ଏକ ବନ୍ଦ ଲଫାପାରେ ଜମା କରାଯାଉ । ଏବେ ଆଗାମୀ ଶୁଣାଣିକୁ ଅପେକ୍ଷା ।

### ରଥଯାତ୍ରା ବିବାଦ: ଗଜପତିଙ୍କୁ ଚିଠି ଲେଖି ସମର୍ଥନ ଜଣାଇଲା ବେଙ୍ଗାଲୁରୁ ଇସ୍କନ

## ପୁରୀ ପରମ୍ପରା ଅନୁସାରେ ହେବ ସବୁ ରୀତିନୀତି

**ପୁରୀ, ୧୪।୭ ନ୍ୟୁଜ ବ୍ୟୁରୋ**

ପୁରୀ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତିକୁ ସମର୍ଥନ କରିଛି ବେଙ୍ଗାଲୁରୁ ଇସ୍କନ । ନିର୍ଦ୍ଧାରିତ ତିଥିରେ ହିଁ ହେବ ରଥଯାତ୍ରା । ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ପରମ୍ପରା ଓ ରଥଯାତ୍ରା ସମୟକୁ ନେଇ ଚାଲିଥିବା ବିତର୍କ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ଆଭିମୁଖ୍ୟକୁ ବେଙ୍ଗାଲୁରୁ ସ୍ଥିତ ଇସ୍କନ ପକ୍ଷରୁ ପୂର୍ଣ୍ଣ ସମର୍ଥନ ମିଳିଛି । ଦୁଇ ଇସ୍କନ ସଂଗଠନ ମଧ୍ୟରେ ଭିନ୍ନମତ ଦେଖିବାକୁ ମିଳିଛି । ବେଙ୍ଗାଲୁରୁ ଇସ୍କନର ଗଭର୍ଣ୍ଣିଂ ବଡି କମିଶନର ଅଧ୍ୟକ୍ଷ ମଧୁ ପଣ୍ଡିତ ଦାସ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଏକ ପତ୍ର ଲେଖି ନିଜର ସ୍ପଷ୍ଟ ଆଭିମୁଖ୍ୟ ଜଣାଇଛନ୍ତି । ସେ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଗ୍ଲୋବାଲ ହରେ କୃଷ୍ଣ ମୁଭମେଣ୍ଟର ସମସ୍ତ କେନ୍ଦ୍ରରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୂଳ ପୀଠ ଦ୍ୱାରା ଅନୁମୋଦିତ ନଅ ଦିନିଆ ସମୟସୀମା ମଧ୍ୟରେ ହିଁ ରଥଯାତ୍ରା ଆୟୋଜନ କରାଯିବ । ଏହା ସହିତ ନିର୍ଦ୍ଧାରିତ ତିଥିରେ ହିଁ ସ୍ନାନଯାତ୍ରା ନୀତି ସମ୍ପନ୍ନ କରାଯିବ । ଏହି ନିଷ୍ପତ୍ତି ସମସ୍ତ ସନାତନୀଙ୍କୁ ପ୍ରଭୁ ଜଗନ୍ନାଥଙ୍କ ସେବାରେ ଏକଜୁଟ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ପୁରୀର ପ୍ରାଚୀନ ପରମ୍ପରା ରକ୍ଷା କରିବା ଦିଗରେ ଗଜପତି ମହାରାଜାଙ୍କ ନିରଳସ ସେବାକୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି । ପତ୍ରରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ବେଙ୍ଗାଲୁରୁ ଇସ୍କନ ହେଉଛି ପଶ୍ଚିମବଙ୍ଗର ମାୟାପୁରରେ ମୁଖ୍ୟାଳୟ ଥିବା ଅନ୍ୟ ଇସ୍କନ ସଂଗଠନଠାରୁ ସମ୍ପୂର୍ଣ୍ଣ ପୃଥକ୍ ଓ ସ୍ୱାଧୀନ ପ୍ରତିଷ୍ଠାନ । ମାୟାପୁର ଗ୍ରୁପ୍ ମୁମ୍ବାଇରେ ପଞ୍ଜୀକୃତ ହୋଇଥିବା ବେଳେ ବେଙ୍ଗାଲୁରୁ ଇସ୍କନ ସୋସାଇଟି କର୍ଣ୍ଣାଟକରେ ପଞ୍ଜୀକୃତ । ଏହି ରଥଯାତ୍ରା ପ୍ରସଙ୍ଗରେ ସେମାନଙ୍କ ଆଭିମୁଖ୍ୟ ମାୟାପୁର ଇସ୍କନଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ସେମାନେ ପୁରୀ ଶ୍ରୀମନ୍ଦିରର ତିଥି ଓ ନିୟମକୁ କଡ଼ାକଡ଼ି ଭାବେ ପାଳନ କରନ୍ତି ।

## ରଥଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ



**ପୁରୀ, ୧୪/୦୭ ନ୍ୟୁଜ ବ୍ୟୁରୋ**

ଗୁରୁବାର ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଶ୍ରୀବିଗ୍ରହମାନଙ୍କୁ ସ୍ୱାଗତ କରିବା ପାଇଁ ତିନି ରଥ ଓ ବଡ଼ ଦାଣ୍ଡ ପ୍ରସ୍ତୁତ । ରଥଯାତ୍ରା-୨୦୨୬ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ଅନ୍ୟପକ୍ଷେ ସେବାୟତଙ୍କ ସହ ସମନ୍ୱୟ ରକ୍ଷା କରି ରଥଯାତ୍ରାକୁ ଶୃଙ୍ଖଳିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବା ଅବସରରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା-୨୦୨୬ରେ ଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି । ସାକ୍ଷାତକାର ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଥିଲେ । ସେବାୟତଙ୍କ ସହ ସମନ୍ୱୟ ରକ୍ଷା କରି ସୁରୁଖୁରୁରେ ନୀତିକାନ୍ତି ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାସହ ରଥଯାତ୍ରାକୁ ଶୃଙ୍ଖଳିତ ଓ ସଫଳ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ମଧ୍ୟରେ ମିଳିତ ସମନ୍ୱୟ ଉପରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଇଛନ୍ତି । ଚଳିତ ବର୍ଷର ରଥଯାତ୍ରା ଯେପରି ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ଶାନ୍ତିପୂର୍ଣ୍ଣ ଏବଂ ସୁଗମ ହେବ, ସେଥିପାଇଁ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି । ଏପଟେ ରଥଯାତ୍ରା ସମୟରେ ପୁଣି ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି ହେବ । ଶ୍ରୀଜୀଉମାନଙ୍କ ଶ୍ରୀଅଙ୍ଗରେ ବ୍ୟବହୃତ ଏବଂ ସ୍ନାନ ପୂର୍ଣ୍ଣିମା ଅବସରରେ ପିନ୍ଧିଥିବା ଅଳଙ୍କାରାଦିର ଗଣତି ଆସନ୍ତା ୧୯ ତାରିଖରେ ଗୋଟିଏ ଦିନ ପାଇଁ କରାଯିବ । ରତ୍ନ ଭଣ୍ଡାର ଗଣତିମଣତି କାର୍ଯ୍ୟ ୨୦୨୬, ମେ ୨୩ରୁ ସ୍ଥଗିତ ରହିଛି । ଏହି ଗଣତି କାର୍ଯ୍ୟ ରାଜ୍ୟ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥାବଳୀ ଅନୁଯାୟୀ ସମ୍ପାଦନ କରାଯିବ । ଭିତର ରତ୍ନଭଣ୍ଡାରରେ ଗଚ୍ଛିତ ଅବଶିଷ୍ଟ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟର ତାରିଖ ପରବର୍ତ୍ତୀ ସମୟରେ ଅବଗତ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ପ୍ରଦାନ କରିଛନ୍ତି ।

## ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି : ବଡଦାଣ୍ଡରେ ହେବ ୮ ଅସ୍ଥାୟୀ ଡାକ୍ତରଖାନା

**ଭୁବନେଶ୍ୱର, ୧୪।୭ ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଜନସାଧାରଣଙ୍କ ସମାବେଶକୁ ନଜରରେ ରଖି ଆବଶ୍ୟକୀୟ ଜରୁରୀକାଳୀନ ପରିସ୍ଥିତି ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ, ୧୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର କେନ୍ଦ୍ର, ୧୦ ଶଯ୍ୟା ବିଶିଷ୍ଟ ବର୍ଣ୍ଣ ଓ୍ୱାର୍ଡ ଏବଂ ଗୋଟିଏ ଅସ୍ତ୍ରୋପଚାର କକ୍ଷର ବ୍ୟବସ୍ଥା କରାଯାଇଛି । ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନବନିର୍ମିତ କୋଠାରେ ୧୫୦ ଅତିରିକ୍ତ ଶଯ୍ୟା ବ୍ୟବସ୍ଥା କରାଯିବ । ରଥଯାତ୍ରାରେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ୨୩୦ ଜଣ ଡାକ୍ତର, ୬୬ ଜଣ ବିଶେଷଜ୍ଞ, ୨ ଜଣ ହୃଦରୋଗ ବିଶେଷଜ୍ଞ, ୨ଜଣ ସ୍ନାୟୁ ବିଭାଗ ବିଶେଷଜ୍ଞ, ୨ ଜଣ ପ୍ଲାଷ୍ଟିକ ସର୍ଜନ ସମେତ ୨୦୦ ନର୍ସିଂ ଅଫିସର ଏବଂ ୨୨୯ ପାରାମେଡିକ୍ସ ଷ୍ଟାଫ ରହିବେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଗୋଟି ଶୀତ ତାପ ଶଯ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ଟି ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୋଟିଏ ଶଯ୍ୟା ଅଂଶୁଘାତ ମୁକାବିଲା ନିମନ୍ତେ ଉପଲବ୍ଧ କରାଯିବ । ବଡଦାଣ୍ଡରେ ଏବଂ ପୁରୀ ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୩୦ଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା କରାଯାଇଛି । ବଡଦାଣ୍ଡରେ ଥିବା ୧୧ଟି ଆଶୁ ଚିକିତ୍ସା କେନ୍ଦ୍ର ଦିବାରାତ୍ର ଖୋଲା ରହିବ । ସେହିପରି ୮ଟି ୧୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଡାକ୍ତରଖାନା ବଡ ଦାଣ୍ଡ ଉଭୟ ପାର୍ଶ୍ୱରେ କାର୍ଯ୍ୟକ୍ଷମ ହେବ ଯାହାଦ୍ୱାରା ଭିଡ ମଧ୍ୟରେ ରୋଗୀ ଜରୁରୀ ଚିକିତ୍ସା ପାଇପାରିବେ । ଚଳିତ ବର୍ଷ ୪୬ ଟି ଆମ୍ବୁଲାନ୍ସ ପୁରୀର ବିଭିନ୍ନ ସ୍ଥାନରେ ଏବଂ ୨ ଟି ଏଏଲଏସ ଆମ୍ବୁଲାନ୍ସ ପୁରୀ ବଡ ଡାକ୍ତରଖାନାରେ ମୁତୟନ କରାଯିବ । ଖାଦ୍ୟର ମାନ ଯାଞ୍ଚ ନିମନ୍ତେ ଅଧିକ ସଂଖ୍ୟକ ଖାଦ୍ୟ ନିରାପତ୍ତା ଅଧିକାରୀ ମୁତୟନ ହୋଇଛନ୍ତି । ୩୦ ଜଣ ପ୍ରଶିକ୍ଷିତ କର୍ମଚାରୀଙ୍କୁ ଅମ୍ଳଜାନ କ୍ୟାନିଷ୍ଟର ସହ ମୁତୟନ ରଖାଯିବ ବୋଲି ଜଣାପଡିଛି ।

## ଭୁବନେଶ୍ୱର ଇସ୍କନ ମନ୍ଦିର ରଥଯାତ୍ରା : କମିଶନରେଟ୍ ପୋଲିସର ଟ୍ରାଫିକ୍ କଟକଣା

**ଭୁବନେଶ୍ୱର, ୧୪/୦୭ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ଇସ୍କନ ରଥଯାତ୍ରା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଲାଗୁ କରାଯାଇଛି । ଇସ୍କନ୍ ମନ୍ଦିର ଯିବା ରାସ୍ତା ଏବଂ ଏହାର ଚତୁପାର୍ଶ୍ୱରେ ବହୁ ମାତ୍ରାରେ ଶ୍ରଦ୍ଧାଳୁଙ୍କ ଜନସମାଗମ ହେବାର ସମ୍ଭାବନା ରହିଛି । ଶ୍ରଦ୍ଧାଳୁମାନଙ୍କ ସୁଗମନାଗମନ ଓ ଯାନବାହାନଗୁଡ଼ିକର ସୁପରିଚାଳନା ଲାଗି କମିଶନରେଟ୍ ପୋଲିସ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଛି । ଏନେଇ ଟ୍ରାଫିକ୍ ନିର୍ଦ୍ଦେଶନାମା ଜାରି କରାଯାଇଛି । ରଥଯାତ୍ରା (ଜୁଲାଇ ୧୬) ଓ ବାହୁଡା ଯାତ୍ରା (ଜୁଲାଇ ୨୪) ପାଇଁ ଜାରି କଟକଣା ଅନୁଯାୟୀ, ଅପରାହ୍ନ ୩ଟାରୁ ରଥଗୁଡ଼ିକ ସିଆରପି ଛକ ଅତିକ୍ରମ ନକରିବା ପର୍ଯ୍ୟନ୍ତ ଖୋର୍ଦ୍ଧା ପାର୍ଶ୍ୱରୁ ଫାୟାର ଷ୍ଟେସନ ସର୍ଭିସ୍ ରୋଡ ଦେଇ କୌଣସି ଭାରୀଯାନ ସିଆରପି ଛକ ଆଡ଼କୁ ଆସିପାରିବ ନାହିଁ । ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍ ଠାରୁ ସିଆରପି ଛକ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ କରାଯାଇଛି । ଏଥିସହ ସିଆରପି ଛକଠାରୁ ଇସ୍କନ୍ ମନ୍ଦିର ପର୍ଯ୍ୟନ୍ତ ମଧ୍ୟ ଗାଡ଼ି ଚଳାଚଳ ଉପରେ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ରଥଗୁଡ଼ିକ ସିଆରପି ଛକ ଅତିକ୍ରମ ନକରିବା ପର୍ଯ୍ୟନ୍ତ କୌଣସି ଯାନବାହାନ କସ୍ତୁରବା ସ୍କୁଲ୍ ପାର୍ଶ୍ୱ ଏବଂ ନୟାପଲ୍ଲୀ ଅଣ୍ଡର ପାସ୍ ଠାରୁ ସି.ଆର.ପି. ଛକ ଆଡ଼କୁ ସର୍ଭିସ୍ ରୋଡ୍ ଦେଇ ଯାତାୟାତ କରିପାରିବ ନାହିଁ ।




4001/201/2627

ପବିତ୍ର ରଥଯାତ୍ରା ଅବସରରେ
ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ ଅବଲମ୍ବନ କରନ୍ତୁ
ଏବଂ ସୁରକ୍ଷିତ ରୁହନ୍ତୁ ।

ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ପବିତ୍ର ରଥଯାତ୍ରାର ଆୟୋଜକମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ଅନୁରୋଧ କରାଯାଉଛି ।

- ରଥକୁ ନିର୍ଦ୍ଧାରିତ ମାର୍ଗରେ ସୁରକ୍ଷିତ ଭାବରେ ନେବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାନ୍ତୁ ।
- ପୂଜାପେଣ୍ଡାଲ, ଯାତ୍ରାସ୍ଥଳୀ, ହୋଟେଲ, ଦୋକାନ ବଜାର, ଅଧିକ ଜନସମାଗମ ସ୍ଥାନରେ ବୈଦ୍ୟୁତିକ ଉପକରଣର ସୁରକ୍ଷା ଯାଞ୍ଚ ପାଇଁ ସ୍ଥାନୀୟ ବିଦ୍ୟୁତ୍ ନିରୀକ୍ଷକଙ୍କୁ ଲିଖିତ ଭାବେ ଅବଗତ କରାନ୍ତୁ ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-4001/4025/2/26-27/0002